ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୮୩
ତିଥି : ଦଶମୀ
୨୦ ଜୁଲାଇ ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍‌ ତରଙ୍ଗ ଟାବଲଏଡ୍ ସହ

# ସମୟ

ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 283
20 July 2025, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧ୍ୟାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

OIPR: 15001/13/0931/2526 DADLS-39



## ଆଜି ଶ୍ରାଦ୍ଧଦିବସ


# ବାଣୀକଣ୍ଠ ନିମାଇଁ ହରିଚନ୍ଦନ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଦୀନକୃଷ୍ଣ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ପଦ୍ୟଗୁଡ଼ିକୁ ଆଜୀବନ ପ୍ରାଧାନ୍ୟ ଦେଇଥିବା ଏବଂ ଗାଇଥିବା କଣ୍ଠଶିଳ୍ପୀ ହେଉଛନ୍ତି ବାଣୀକଣ୍ଠ ପଦ୍ମଶ୍ରୀ ନିମାଇଁଚରଣ ହରିଚନ୍ଦନ । ସେ ହିଁ ଓଡ଼ିଶାର ପ୍ରଥମ ପେସାଦାର ଗାୟକ । ଶୈଶବରେ ଆରମ୍ଭ ହୋଇଥିଲା, ତାଙ୍କର ଗାୟକ ଜୀବନ । ନିଜର ଦାଦା ତଥା ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ଥିଲେ, ତାଙ୍କର ପ୍ରଥମ ଗୁରୁ । ଗୋକୁଳଚନ୍ଦ୍ରଙ୍କ ଠାରୁ ହାରମୋନିଅମରେ ଓଡ଼ିଶୀ, ଛାନ୍ଦ, ଜଣାଣ ଆଦି ଶିକ୍ଷା କରିବା ପରେ ଆର୍ତ୍ତବନ୍ଧୁ ପାତ୍ରଙ୍କ ଠାରୁ ସେ ସଂଗୀତ ଶିକ୍ଷା ଲାଭ କରିଥିଲେ । କଟକର ବିଖ୍ୟାତ ତବଲାବାଦକ ଜଗମୋହନ ନାୟକଙ୍କର ମଧ୍ୟ ସେ ଶିଷ୍ୟ । ବାଣୀକଣ୍ଠଙ୍କ କଣ୍ଠରୁ ସୁର ସମ୍ପନ୍ନ କରିଥିଲେ କଟକର ହିନ୍ଦୁସ୍ତାନୀ ସଂଗୀତ ଗୁରୁ ମାଧୋ ରାଓ । ଏହିଭଳି କେନ୍ଦ୍ରାପଡ଼ା ଓ କଟକରେ ସଂଗୀତ, ବାଦ୍ୟ-ଯନ୍ତ୍ର ଆଦିରେ ତାଲିମ ନେବା ପରେ ଅଧିକ ଶିକ୍ଷା ପାଇଁ ସେ କୋଲକାତା ଯାଇଥିଲେ । ସେତେବେଳେ କଟକରେ ବେତାର କେନ୍ଦ୍ର ସ୍ଥାପିତ ହୋଇନଥିଲା । ୧୯୩୪ରେ କୋଲକାତା ବେତାର କେନ୍ଦ୍ରରେ ସେ ଗାଇବା ଆରମ୍ଭ କରିଥିଲେ । ତାହା ପୂର୍ବରୁ 'ହିଜ୍ ମାଷ୍ଟର୍ସ ଭଏସ୍' ଗ୍ରାମ୍‌ଫୋନ କମ୍ପାନୀ ପାଇଁ ଅବଶ୍ୟ ସେ ଏକାଧିକ ଗୀତ ଗାଇସାରିଥିଲେ ।


ଏକ ଜମିଦାର ପରିବାରରେ ଜନ୍ମ ହୋଇଥିଲେ ହେଁ ବାଣୀକଣ୍ଠଙ୍କ ଶୈଶବ ଘୋର ଦାରିଦ୍ର୍ୟ ମଧ୍ୟରେ କଟିଥିଲା । ପିତା ରୁଗ୍‌ଣ ଥିଲେ । ଶୈଶବରେ ପାଠ ଛାଡ଼ିବାକୁ ପଡ଼ିଥିଲା । ପରିବାର ଭରଣପୋଷଣ ପାଇଁ ଏକଦା ଯାତ୍ରୀ ପରିବହନ ବ୍ୟବସାୟ କରି ବିପୁଳ କ୍ଷତି ସହିଥିଲେ । କଟକର ପ୍ରତିଷ୍ଠିତ ବ୍ୟକ୍ତି ଡ.ପ୍ରାଣକୃଷ୍ଣ ପରିଜା, ଡ.ଆର୍ତ୍ତବଲ୍ଲଭ ମହାନ୍ତି, ନିତ୍ୟାନନ୍ଦ କାନୁନଗୋ ଆଦିଙ୍କ କନ୍ୟାମାନଙ୍କୁ ଘରୋଇ ଭାବେ ସଂଗୀତ ଶିକ୍ଷା ଦେଇ ସେ ବେତନ ବାବଦକୁ ମାସିକ ଦେଢ଼ ଶହ ଟଙ୍କା ପାଉଥିଲେ ବୋଲି ଜଣାଯାଏ । ବାଣୀକଣ୍ଠଙ୍କ ଭଜନ, ଜଣାଣ, ଛାନ୍ଦ, ଚଉପଦୀ, ଚମ୍ପୂ ଆଦି ଓଡ଼ିଶାରେ ବିଶେଷ ଭାବେ ଲୋକପ୍ରିୟ । ଅଗଣିତ ଓଡ଼ିଆଙ୍କୁ ନିଜର କଣ୍ଠ ଦ୍ୱାରା ମନ୍ତ୍ରମୁଗ୍ଧ କରିରଖିଥିବା କଣ୍ଠଶିଳ୍ପୀ ସେ । ଆଠଗଡ଼ ରାଜ ପରିବାରର ଲକ୍ଷ୍ମୀପ୍ରିୟାଙ୍କୁ ସେ ବିବାହ କରିଥିଲେ । ପୁରୀର ଗଜପତି ମହାରାଜା, ତାଙ୍କୁ ଶ୍ରୀମନ୍ଦିରରେ ଆଜୀବନ ଚାମର ସେବାର ସୁଯୋଗ ପ୍ରଦାନ କରିଥିଲେ । ୧୯୭୦ ପରଠାରୁ ସେ ପୁରୀରେ ସ୍ଥାୟୀ ଭାବେ ବାସ କରିବା ସହ ପ୍ରତି ଦିନ ମନ୍ଦିରରେ ଚାମର ସେବା କରିବା ସହ ଜଣାଣ ଗାଉଥିଲେ । ଶ୍ରୀଜଗନ୍ନାଥଙ୍କ ପାଇଁ ସେ ନିଜେ ଲେଖି ନିଜେ ଗାଇଥିଲେ - 'ହେ ଜଗନ୍ନାଥ । ତୁମ ବାହୁଡ଼ାରେ ମୋତେ ବାହୁଡ଼ାଇ ନିଅ । ତାହା ହିଁ ଘଟିଥିଲା । ୨୦ ଜୁଲାଇ ୧୯୮୩ ବାହୁଡ଼ା ଯାତ୍ରା ବେଳେ ତାଙ୍କର ଦେହାନ୍ତ ହୋଇଥିଲା । ସେ ସର୍ବଦା କହୁଥିଲେ ଓଡ଼ିଶୀ ଗୀତ, ଛାନ୍ଦ, ଜଣାଣ, ଭଜନ ଆଦିର ପ୍ରସାର ନ ହେଲେ ଆମେ ନିଜର ସଂସ୍କୃତିକୁ ହରାଇବସିବା । ୧୯୦୧ ଜୁଲାଇ ୯ ତାରିଖରେ କେନ୍ଦ୍ରାପଡ଼ାରେ ଜନ୍ମ ହୋଇଥିଲେ ଏହି ମହାନ କଣ୍ଠଶିଳ୍ପୀ ।

ଡ଼ଃ.ଅରୁନ୍ଧତୀ ଦେବୀ
ଦୂରଭାଷ: ୯୯୩୭୧୭୨୮୧୦

# ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି



ଦୃଷ୍ଟିହୀନ ପିଲାଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁବେଳେ ଚେଷ୍ଟିତ ଡ. ଧୀରେନ୍ଦ୍ର କୁମାର ଷଡଙ୍ଗୀଙ୍କର ବିଶେଷଭାବେ ସେମାନଙ୍କ ଶିକ୍ଷାପାଇଁ ଅନେକ ଅବଦାନ ରହିଛି । ତତ୍‌କାଳୀନ ରେଭେନ୍ସା କଲେଜରେ କାର୍ଯ୍ୟରତ ଥିବା ସମୟରେ ସେ ଏହି ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛନ୍ତି, ଯାହା ସେଠିକାର ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଉପାଦେୟ ଥିଲା । ମୂଳ ଲକ୍ଷ୍ୟ ଥିଲା- କିଭଳି ସେମାନେ ନିଜର ଭାଷାକୁ ସହଜ ଓ ସୁବିଧାରେ ଶିକ୍ଷା କରିପାରିବେ । ତେବେ ତାଙ୍କ ଲିଖିତ ତୃତୀୟ ପୁସ୍ତକ ହେଲା...




## ଦୃଷ୍ଟିହୀନ ଶିଶୁଙ୍କ ଲାଳନପାଳନ ଓ ବୌଦ୍ଧିକ ବିକାଶ

ଶିଶୁ ପରିବାର ପାଇଁ ଈଶ୍ୱରଙ୍କର ଏକ ସୁନ୍ଦର ବରଦାନ । କିନ୍ତୁ ଯେତେବେଳେ ଗୋଟିଏ ପରିବାରରେ ଦୈବାତ୍ ଏକ ଦୃଷ୍ଟିହୀନ ଶିଶୁ ଜନ୍ମ ହୁଏ, ସେତେବେଳେ ଶିଶୁର ପିତାମାତା ଓ ସମ୍ପୂର୍ଣ୍ଣ ପରିବାରର ପାଦ ତଳୁ ମାଟି ଖସିଯାଏ । ମୁଣ୍ଡରେ ବଜ୍ରପାତ ହେଲାପରି ଲାଗେ । ପରିବାର ଏହାକୁ ଈଶ୍ୱରଙ୍କର ଏକ ଅଭିଶାପ ବୋଲି ବିବେଚନା କରନ୍ତି । କାରଣ ପରିବାର, ସାହିପଡ଼ିଶା ଅଥବା ସହରର ସବୁଠାରୁ ଭଲ ଶିଶୁ ଡାକ୍ତର ଗୋଟିଏ ଦୃଷ୍ଟିହୀନ ଶିଶୁର ଲାଳନପାଳନ ଓ ଯତ୍ନ ବିଷୟରେ ଉପଦେଶ ଦେବା ପାଇଁ ଅକ୍ଷମ । କୌଣସି ସାଧାରଣ ସ୍କୁଲ୍‌ର ଶିକ୍ଷକ ଜଣେ ଦୃଷ୍ଟିହୀନ ଶିଶୁର ବୌଦ୍ଧିକ ବିକାଶ ଓ ଶିକ୍ଷା ସମ୍ପର୍କିତ ତାଲିମ ଦେବାକୁ ଅସମର୍ଥ । ଲିଖିତ ପୁସ୍ତକଟି ଏହିପରି ଦିଗହରା ଓ ହତାସ ହୋଇପଡ଼ିଥିବା ପିତାମାତା ଓ ପରିବାରବର୍ଗଙ୍କ ପାଇଁ ଉଦ୍ଦିଷ୍ଟ । ଜଣେ ସାଧାରଣ ଚକ୍ଷୁଷ୍ମାନ ଶିଶୁ ନିଜର ଦୃଷ୍ଟିଶକ୍ତି ସାହାଯ୍ୟରେ ୮୦% ରୁ ୯୦% ନିତିଦିନିଆ କାର୍ଯ୍ୟକଳାପ ଶିଖିଥାଏ । କିନ୍ତୁ ଦୃଷ୍ଟିଶକ୍ତିର ଅନୁପସ୍ଥିତିରେ ଜଣେ ଦୃଷ୍ଟିହୀନ ଶିଶୁ ନୂଆ କଥା ଶିଖିବା ପାଇଁ ନିଜର ଅନ୍ୟାନ୍ୟ ଇନ୍ଦ୍ରିୟ ଯଥା : ସ୍ପର୍ଶ (ଚର୍ମ), ଘ୍ରାଣ (ନାକ), ସ୍ୱାଦ (ଜିଭ) ଓ ଶ୍ରବଣ (କାନ)କୁ ବ୍ୟବହାର କରିଥାଏ । ତେଣୁ ବିଭିନ୍ନ ବୟସର ଦୃଷ୍ଟିହୀନ ଶିଶୁଙ୍କର ଶାରୀରିକ, ମାନସିକ, ସାମାଜିକ ଓ ବୌଦ୍ଧିକ ବିକାଶ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଶରୀର କ୍ରିୟା, ବ୍ୟାୟାମ, ଖେଳ, ହାତତିଆରି ଖେଳ ଉପକରଣ ବିଷୟରେ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ଯାହା ଖୁବ୍ ଉପାଦେୟ ବୋଲି ମନେ ହୋଇଥାଏ ।

# ବଦଳିଥାଏ କଇଁଛଙ୍କ ମୁଡ୍

ଅନେକ ସମୟରେ ମଣିଷଙ୍କ ସହିତ କିଛି ପଶୁ ଯେପରି କୁକୁର, ବିଲେଇ ଏମାନଙ୍କର ଭାବପ୍ରବଣତା ଥାଏ । ହେଲେ ନିକଟରେ ମିଳିଥିବା ସୂଚନା ଅନୁସାରେ କଇଁଛର ମଧ୍ୟ ମୁଡ୍ ସୁଇଂ ଘଟିଥାଏ । ଅର୍ଥାତ ଏହାର ମଧ୍ୟ ଭାବପ୍ରବଣତା ରହିଥାଏ । ସାଧାରଣ ଭାଷାରେ କହିଲେ କଇଁଛମାନେ ମଧ୍ୟ ଦୁଃଖ ଓ ଖୁସି ହୋଇ ପାରନ୍ତି । ୟୁକେର ୟୁନିଭର୍ସିଟି ଅଫ୍ ଲିନ୍‌କ୍ଲୋନ୍ ପକ୍ଷରୁ କରାଯାଇଥିବା ଗବେଷଣାରେ କଇଁଛଙ୍କ ଉପରେ ଅନେକ ତଥ୍ୟ ଜଣା ପଡିଛି । ଏହି ରିପୋର୍ଟ ଅନୁସାରେ କଇଁଛର ମୁଡ ସବୁବେଳେ ଅଧିକ ଚାଲିବା ପାଇଁ ରହିଥାଏ । ସେହିଭଳି କଇଁଛମାନେ ମନଭିତରେ ଅନେକ ଅନୁଭବ ରଖିଥାଆନ୍ତି ଯେପରି ସେମାନଙ୍କ ମନରେ ବିଭିନ୍ନ ବିଷୟକୁ ନେଇ ଅନେକ ଆଶା ରହିଥିବା ମଧ୍ୟ ଜଣାପଡିଛି । ସେହିଭଳି କିଛି କଇଁଛ ଡର ଓ ବିଚଳିତ ଭାବନା ମଧ୍ୟ ରଖିଥାଆନ୍ତି । କିଛି ବିଶେଷ ପ୍ରଜାତିଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଥାଏ । ପୂର୍ବରୁ କଇଁଛଙ୍କର କୌଣସି ଭାବନା ନଥିବାନେଇ ଆକଳନ କରାଯାଇଥିଲା । ହେଲେ ଏହି ଗବେଷଣା ପରେ ଏହି ତଥ୍ୟ ସାମନାକୁ ଆସିଛି । କଇଁଛଙ୍କୁ ନେଇ କଁଗିନିଟିଭ୍ ବାୟସ ଟେଷ୍ଟ କରାଯାଇଥିଲା । ଏହି ଟେଷ୍ଟକୁ ପ୍ରଥମଥର ପାଇଁ କଇଁଛଙ୍କ ଉପରେ କରାଯାଇଛି । ଏହି ପରୀକ୍ଷା ସମୟରେ ୧୫ଟି କଇଁଛଙ୍କୁ ଦୁଇଟି ସ୍ଥାନରେ ରଖାଯାଇଥିଲା । ଗୋଟିଏ ସ୍ଥାନ ଖୁବ ମଜାଦାର କରାଯାଇଥିବାବେଳେ ଗୋଟିକୁ ଟିକେ ସାଦା ରଖାଯାଇଥିଲା । ଯେପରି ଗୋଟିଏ ସ୍ଥାନରେ ମାଟି ସହିତ, ଖେଳିବା ଓ ବୁଲିବା ପାଇଁ ପର୍ଯ୍ୟପ୍ତ ସ୍ଥାନ ରହିଥିଲା । ହେଲେ ଅନ୍ୟସ୍ଥାନରେ ଏସମସ୍ତ ସୁବିଧା ଟିକେ କମ ଥିଲା । ସେହିଭଳି ଏମାନଙ୍କ ସହିତ ବିଭିନ୍ନ ପ୍ରପକାରର ଆକ୍ଟିଭିଟିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ସେଥିରୁ ସେମାନଙ୍କ ପ୍ରତିକ୍ରିୟାକୁ ଧ୍ୟାନରେ ରଖାଗଲା । କେଉଁ ପରିସ୍ଥିତିରେ କଇଁଛମାନେ କେଉଁଭଳି ପ୍ରତିକ୍ରିୟା ଦେଉଛନ୍ତି ତାକୁ ସମୀକ୍ଷା କରାଯାଇଥିଲା ଯାହାପରେ ଏହି ତଥ୍ୟ ମିଳିଥିବା ଜଣା ପଡିଛି ।



## ସୋସିଆଲ କୋଟ୍ସ

"ଲାଫ୍ଟର ସେଫ୍‌ରେ ଭାଗନେବାକୁ ମୋ ପରିବାର ଚାହୁଁନଥିଲା । ମୋ ଉପରେ ସେମାନଙ୍କର ବିଶ୍ୱାସ ନଥିଲା କି ମୁଁ ରୋଷେଇ କରିପାରିବି । ସେମାନଙ୍କର ଡର ଥିଲା ମୁଁ ସେମାନଙ୍କ ନାଁ ତଳେ ପକାଇଦେବି ।

କରଣ କୁନ୍ଦ୍ରା, ଅଭିନେତା






"ଅଭିନୟ ପାଇଁଦ୍ଧ ପିଲାବେଳୁ ଦୁର୍ବଳତା ଥିଲା । ପିଲାଦିନେ ଅଭିନୟ କରି ମାଡ ମଧ୍ୟ ଖାଇଛି । ରାମଲୀଳାରେ ସୀତା ଚରିତ୍ରରେ ଅଭିନୟ କରି ବାପାଙ୍କ ପାଖରୁ ମାଡ ଖାଇଥିଲି ।

ରବି କିଶନ୍, ଅଭିନେତା

"ମୁଁ ଅନୁପମା ଧାରାବାହିକରେ ଅଭିନୟ କରିବି ନାହିଁ । ଏ ସମସ୍ତ ଖବର ମିଥ୍ୟା ଅଟେ । ବନରାଜ ଚରିତ୍ରରେ ମୁଁ ଅଭିନୟ କରିବି ନାହିଁ ।

ରୋନିତ ରୟ, ଅଭିନେତା





# ଚର୍ଚ୍ଚିତ ପାହାଡ

କାନାଡର ଉତ୍ତର ଭାଗରେ ଥିବା ପର୍ବତ ମାଉଣ୍ଟ ଥର ବିଶ୍ୱର ଖୁବ ଚର୍ଚ୍ଚିତ ପାହାଡ । ଏହି ପାହାଡଟି ବର୍ଫିନ୍ ଆଇଲାଣ୍ଡରେ ସ୍ଥିତ, ଯାହା କାନାଡାର ଆର୍କଟିକ୍ ଆଇଲାଣ୍ଡଙ୍କ ଭିତରେ ସବୁଠାରୁ ବଡ । ଏହାର ନାମ ଜଣେ ଦେବତାଙ୍କ ନାମ ଉପରେ ରଖାଯାଇଛି । ଏହି ଦେବତାଙ୍କୁ ବିଜୁଳି ଓ ଘଡଘଡିର ଦେବତା ଭାବେ ସ୍ଥାନୀୟ ଅଞ୍ଚଳରେ ପୂଜା କରାଯାଇଥାଏ । ମାଉଣ୍ଟ ଥରର ଉଚ୍ଚତା ୫ହଜାର ୫୦୦ ଫୁଟ ଅଟେ । ଏହି ଉଚ୍ଚତା ସହିତ ଏହା ଆଉ ଏକ କଥା ପାଇଁ ଖୁବ ପ୍ରସିଦ୍ଧ । ଏହି ପାହାଡର ଏକ ଚଟାଣ ସିଧା ପରିବର୍ତ୍ତେ ଏକ ପଟକୁ ଭାଙ୍ଗି ହୋଇ ରହିଛି । ଏହି ଚଟ୍ଟାଣ କାରଣରୁ ପାହାଡଟି ଖୁବ ପରିଚିତ । ସାଧାରଣତଃ ସିଧା ଚଟାଣର ଉଚ୍ଚତା ୯୦ ଡିଗ୍ରୀ ରହିଥାଏ ହେଲେ ଏହି ଚଟାଣଟି ପାଖାପାଖି ୧୦୫ ଡିଗ୍ରୀ ଢଳି ରହିଛି । ଏହି ପାହାଡଟି ଖୁବ ଥଣ୍ଡା ଅଞ୍ଚଳରେ ରହିଛି ତେଣୁ ଏଠାରେ ପହଞ୍ଚିବା କଷ୍ଟ ହୋଇଥାଏ । ହେଲେମଧ୍ୟ ଏହି ପାହାଡଟି ରକ୍ କ୍ଲାଇମ୍ବରଙ୍କ ଭିତରେ ଖୁବ ଅଧିକ ପରିଚିତ । ସମସ୍ତେ ଏହାକୁ ଥରେ ଚଢିବାକୁ ଆଶା ରଖିଥାଆନ୍ତି ।

## ଇତିହାସ

୧୨୯୬- ଆଲ୍ଲାଉଦ୍ଦିନ ଖିଲଜୀ ସ୍ୱୟଂଙ୍କୁ ଦିଲ୍ଲୀର ସୁଲତାନ ରୂପେ ଘୋଷଣା କଲେ ।
୧୮୪୭- ଜର୍ମାନୀର ଜ୍ୟୋତିର୍ବିଜ୍ଞାନୀ ଥିଓଡୋର୍ ଧୂମକେତୁ ବ୍ରୋରସେନ୍-ମେଟ୍‌କ୍ୟାଫ୍ ଠାବ କଲେ ।
୧୯୦୩- ଫୋର୍ଡ ମୋଟର କମ୍ପାନୀ ଏହାର ପ୍ରଥମ କାର୍‌କୁ ବଜାର ପ୍ରବେଶ କରାଇଲା ।
୧୯୦୫- ବେଙ୍ଗଲ୍‌ର ପ୍ରଥମ ବିଭାଜନକୁ ଭାରତୀୟ ସଚିବଙ୍କ ମଞ୍ଜୁରୀ ।
୧୯୬୦- ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଶ୍ରିମାବୋ ଭଣ୍ଡାର ନାୟକେ ବିଶ୍ୱର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହେଲେ ।
୧୯୯୭- ତିସ୍ତା ନଦୀଜଳ ଆବଣ୍ଟନ ପ୍ରସଙ୍ଗରେ ଭାରତ ଓ ବାଂଲାଦେଶ ମଧ୍ୟରେ ଚୁକ୍ତି ।
୨୦୦୨- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ବିମାନ ସେବା ଶୁଭାରମ୍ଭ ।
୨୦୦୫- କାନାଡାରେ ସମଲିଙ୍ଗୀ ବିବାହକୁ ଆଇନଗତ ମଞ୍ଜୁରୀ । ଏହି ମାମଲାରେ କାନାଡା ହେଉଛି ବିଶ୍ୱର ଚତୁର୍ଥ ଦେଶ ।
୨୦୦୮- ଆମେରିକୀୟ ବୈଦେଶିକ ମନ୍ତ୍ରୀ କୋଣ୍ଡଲିଜା ରାଇସ୍ ଭାରତୀୟ ଆମେରିକୀୟ ଡାକ୍ତର ଜୟନ୍ତ ପାଟିଲଙ୍କ ପ୍ରତ୍ୟର୍ପଣକୁ ମଞ୍ଜୁରୀ ଦେଲେ ।
୨୦୧୭- ଭାରତର ୧୪ତମ ରାଷ୍ଟ୍ରପତି ରୂପେ ରାମନାଥ କୋବିନ୍ଦ ଦାୟିତ୍ୱ ସମ୍ଭାଳିଲେ ।
୧୯୧୯- ମାଉଣ୍ଟ୍ ଏଭରେଷ୍ଟ ଉପରେ ସର୍ବପ୍ରଥମ ବିଜୟ ଲାଭ କରିଥିବା ସାର୍ ଏଡ୍‌ମଣ୍ଡ୍ ହିଲେରୀଙ୍କ ଜନ୍ମ ।
୧୯୨୯- ବଲିଉଡ୍‌ର ପ୍ରଖ୍ୟାତ୍ ଅଭିନେତା ରାଜେନ୍ଦ୍ର କୁମାରଙ୍କ ଜନ୍ମ ।
୧୯୬୯- ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲିଖୋ ପୁଲ୍‌ଙ୍କ ଜନ୍ମ ।
୧୯୨୧- ପ୍ରସିଦ୍ଧ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକାର ତଥା ତବଲାବାଦକ ସାମତା ପ୍ରସାଦଙ୍କ ଜନ୍ମ ।
୧୮୬୬- ଜର୍ମାନୀର ବିଖ୍ୟାତ୍ ଗଣିତଜ୍ଞ **ବର୍ଣ୍ଣାର୍ଡ** ରିମେନ୍‌ଙ୍କ ଟିବି ରୋଗରେ ପରଲୋକ ।
୧୯୧୪- ଆଧୁନିକ ହିନ୍ଦୀ ସାହିତ୍ୟର ଶୀର୍ଷ ନିର୍ମାତା ମଧ୍ୟରେ ଅନ୍ୟତମ ଥିବା ବାଳକୃଷ୍ଣ ଭଟ୍ଟଙ୍କ ନିଧନ ।
୧୯୬୬- ଭାରତର ପ୍ରଥମ ମହିଳା ନ୍ୟାୟାଧୀଶ ଆନ୍ନା ଚାଣ୍ଡିଙ୍କ ନିଧନ ।



# ଚଣା ପାଳଙ୍ଗ ଖେଚୁଡ଼ି

**ସାମଗ୍ରୀ-** ଏକ କପ ଚଣା, ଏକକପ ପାଳଙ୍ଗ ରସ, ଚାଉଳ, ଗୋଟିଏ କଟା ପିଆଜ, ଗୋଟା ଗରମ ମସଲା, ଧନିଆ ଗୁଣ୍ଡ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ ।

**ପ୍ରଣାଳୀ-** ପ୍ରଥମେ ଚଣାକୁ ସିଝାଇ ନିଅନ୍ତୁ । ଅନ୍ୟଏକ ପାତ୍ରରେ ପାଳଙ୍ଗ ଶାଗକୁ ଅଳ୍ପ ସିଝାଇ ଏହାର ରସ ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ପ୍ୟାନ୍‌ରେ ତେଲ ପକାଇ ଗୋଟା ଗରମ ମସଲା ପକାନ୍ତୁ । କିଛି ସମୟ ପରେ ଏଥିରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ଭାଜିହେବା ପରେ ଏଥିରେ ଅଦାରସୁଣ ପେଷ୍ଟ ପକାଇ ଗୋଳାନ୍ତୁ । କିଛି ସମୟ ପରେ ଏଥିରେ ପାଳଙ୍ଗ ରସକୁ ପକାଇ ଭାଜନ୍ତୁ । ଭାଜିହେବା ପରେ ଏଥିରେ ସିଝା ଚଣା ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାନ୍ତୁ । ଏହାପରେ ଏଥିରେ ଚାଉଳ ପକାଇ ପାଣି ଏବଂ ଲେମ୍ବୁ ରସ ଦେଇ ଘୋଡାଇ ଦିଅନ୍ତୁ । ଭାତ ହୋଇଯିବା ପରେ ପ୍ରସ୍ତୁତ ହୋଇଯିବ ଚଣା ପାଳଙ୍ଗ ଖେଚୁଡି ।

# ଚର୍ଚ୍ଚାରେ ହେମା ମାଳିନୀ

ବିଜେପି ସାଂସଦ ତଥା ଅଭିନେତ୍ରୀ ହେମାମାଳିନୀ ବର୍ତ୍ତମାନ ନିଜର ନୃତ୍ୟ ଭିଡିଓକୁ ନେଇ ଖୁବ ଚର୍ଚ୍ଚାରେ ରହିଛନ୍ତି । ଅଭିନେତ୍ରୀଙ୍କର ଏକ ନୃତ୍ୟ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଘୁରିବୁଲୁଛି, ଯାହାକୁ ତାଙ୍କ ଫ୍ୟାନମାନେ ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ୭୬ ବର୍ଷୀୟ ହେମାମାଳିନୀ ଏକ ଉତ୍ସବରେ ପାଖାପାଖି ୩୦ ମିନିଟ୍ ଧରି ନୃତ୍ୟ ପରିବେଷଣ କରିଛନ୍ତି । ଯାହା ତାଙ୍କୁ ଚର୍ଚ୍ଚାର ପରିସରକୁ ଆଣିଛି । ଏତେ ବୟସରେ ମଧ୍ୟ ସେ ଖୁବ ସୁନ୍ଦରଭାବେ ଷ୍ଟେଜରେ ନୃତ୍ୟ ପରିବେଷଣ କରିଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତାଙ୍କ ସହିତ ଅନ୍ୟ ଏକ କୁନି କଳାକାରଙ୍କୁ କୃଷ୍ଣ ଭୂମିକାରେ ମଧ୍ୟ ଦେଖିବାକୁ ମିଳିଛି । ସେହିଭଳି ଏହି ତିରୋଭାବ ଉତ୍ସବରେ ନୃତ୍ୟ ପରିବେଷଣ କରି ହେମାମାଳିନୀ ମଧ୍ୟ ଖୁବ ଖୁସି ଅଛନ୍ତି । ଏଭଳି ଏକ ଉତ୍ସବରେ ନୃତ୍ୟ କରି ସେ ନିଜକୁ ଗର୍ବିତ ଅନୁଭବ କରୁଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଏଭଳି ସୁଯୋଗ ସମସ୍ତଙ୍କୁ ମିଳେ ନାହିଁ, ତେଣୁ ତାଙ୍କୁ ଏହି ସୁଯୋଗ ମିଳିଥିବାରୁ ସେ ଖୁବ ଖୁସି ଥିବା ପ୍ରକାଶ କରିଛନ୍ତି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୮୩
ତିଥି : ଦଶମୀ
୨୦ ଜୁଲାଇ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 283
20 July 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବଳଙ୍ଗାରେ ନାବାଳିକାକୁ ଜାଳିଦେଲେ

ବଳଙ୍ଗା/ପୁରୀ/ସାକ୍ଷୀଗୋପାଳ, ୧୯ ।୭ (ସବ୍ୟୁ) : ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀ ବଳଙ୍ଗା ଥାନା ଅନ୍ତର୍ଗତ ନୂଆ ଗୋପାଳପୁର (ବାୟାବର) ଗ୍ରାମର ଜଣେ ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି ଦୁର୍ବୃତ୍ତ, ପିଡିତା ଜଣକ ଦଶମ ପାଠ ପଢି ଘରେ ରହିଥିବା ଜଣାପଡିଛି ।

ସୂଚନା ମୁତାକ ନୂଆ ଗୋପାଳପୁର ଗ୍ରାମର ନାବାଳିକା ମା କରିଥିବା ଅଭିଯୋଗ ଅନୁଯାୟୀ ଝିଅ ବହି ଦେବାକୁ ବଡବାପା ଘରକୁ ସକାଳେ ଆସୁଥିବା ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ନାବାଳିକାକୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ତିନିଜଣ ଦୁର୍ବୃତ୍ତ ଉଦ୍ୟମ କରୁଥିବାବେଳେ ଝିଅଟି ଦୁର୍ବୃତ୍ତମାନଙ୍କ କବଳରୁ ଖସି ଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘରେ ପାଖରେ ପହଞ୍ଚି ଆକୁଳ ବିକଳ ହୋଇ ମତେ ରକ୍ଷା କର ବୋଲି କହିଥିଲା । ଦୁଃଖି ଶ୍ୟାମ ତତକ୍ଷଣାତ୍ ନାବାଳିକା ଝିଅର ଦେହରେ ନିଆଁ ଲାଗି ଥିବାର ଦେଖି ନାବାଳିକାକୁ ଉଦ୍ଧାର କରି କରି ତା'କୁ ଡ୍ରେସ ପିନ୍ଧାଇ ସହିତ ପାଣି ପିଇବାକୁ ଦେଇ ତା ଠାରୁ ତା ଘରର ଠିକଣା ବୁଝି ତାଙ୍କ ଘରକୁ ଖବର ଦେଇଥିଲେ । ପରେ ଖବର ଶୁଣି କିଛି ଗାଁ ଲୋକେ ଓ ଘର ଲୋକେ ପହଞ୍ଚିବା ପରେ ସାଙ୍ଗେ ସାଙ୍ଗେ ସ୍ଥାନୀୟ ପୋଲିସକୁ ଖବର ଦେବା ସହ ୧୦୮ ଆମ୍ବୁଲାନ୍ସକୁ ଖବର କରିଥିଲେ । ପରେ ପରେ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ଡାକ୍ତରଖାନାକୁ ପଠାଇଥିଲେ ଅସ୍ଥା ସଙ୍କଟାପନ୍ନ ହେବାରୁ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାରେ ଖବର ପାଇ ପୁରୀ ଏସ ପି ପିନାକ ମିଶ୍ର ଓ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ପିପିଲି ଥାନା ଡି ଏସ ପି ଦେବାଶିଷ ମିଶ୍ର, ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ବିଡ଼ିଓ (୯ ପୃଷ୍ଠାରେ)





- ଅପହରଣ କରି କିରାସିନ ଢାଳି ନିଆଁ ଲଗାଇଲେ
- ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି
- ସନ୍ଦେହରେ ୧୦ ଜଣଙ୍କୁ ଅଟକ ରଖିଛି ପୋଲିସ

## ଆବଶ୍ୟକ ହେଲେ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ : ମୁଖ୍ୟମନ୍ତ୍ରୀ

**ଦୋଷୀ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର, ୧୯ ।୭ (ସବ୍ୟୁ) : ଶନିବାର ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଗୋଟିଏ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାଙ୍କ ଦେହରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଏ ଘଟଣାରେ ପୋଲିସ୍ ଆମୂଳଚୂଳ ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ପୀଡିତା ବର୍ତ୍ତମାନ ଭୁବନେଶ୍ୱର ଏମ୍ସ ରେ ଚିକିତ୍ସିତ ହେଉଛନ୍ତି। ପୀଡିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର ସମ୍ପୃକ୍ତ ପୀଡିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍ସରେ ଚିକିତ୍ସା କରିବା ପାଇଁ ପ୍ରସ୍ତୁତ ଅଛନ୍ତି।

ପୀଡିତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମ୍ଓ ଏମ୍ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ଖବର ରଖାଯାଉଛି । ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଏଥିପାଇଁ ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, (୯ ପୃଷ୍ଠାରେ)

### ବଳଙ୍ଗା ପୀଡିତାଙ୍କ ବୟାନ ରେକର୍ଡ

## ସ୍ୱାସ୍ଥ୍ୟବସ୍ଥା ଗୁରୁତର : ଏମ୍ସ ନିର୍ଦ୍ଦେଶକ




ଭୁବନେଶ୍ୱର, ୧୯ ।୭ (ସବ୍ୟୁ): ପୁରୀ ଜିଲ୍ଲା ପିପିଲି ନିକଟ ବଳଙ୍ଗା ବାୟାବର ଗାଁରେ ଜଣେ ନାବାଳିକାଙ୍କୁ ୩ ଜଣ ଦୁର୍ବୃତ୍ତ ଟେକି ନେଇ କିରୋସିନ ଢ଼ାଳି ପୋଡି ଦେଇଛନ୍ତି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଏମ୍ସରେ ବର୍ଣ୍ଣୟୁନିଟ୍‌ରେ ସେ ଚିକିତ୍ସିକ ହୋଇଥିବା ବେଳେ ଚିକିତ୍ସା ଦାୟିତ୍ୱରେ ୧୪ ଜଣିଆ ଡାକ୍ତରୀ ଟିମ୍ ଅଛନ୍ତି ବୋଲି ଏମ୍ସ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି।

ନାବାଳିକାଙ୍କ ଶରୀରର ୭୦ରୁ ୭୫ ଭାଗ ପୋଡି ଯାଇଛି। ସେ ଭେଣ୍ଟିଲେଟରରେ ନାହାନ୍ତି, ଆଇସିୟୁରେ ଅକ୍ସିଜେନ ସପୋର୍ଟରେ ଚିକିତ୍ସିତ ହେଉଛନ୍ତି। ସେ କଥାବାର୍ତ୍ତା କରୁଛନ୍ତି, ହେଲେ ମାନସିକ ଅବସାଦ ରହିଛି। ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ୪୮ ଘଣ୍ଟା ଅବଜରଭେସନରେ ରହିବେ। ଏହା ହେଉଛି ସେକେଣ୍ଡ ଓ ଥାର୍ଡ ଡିଗ୍ରୀ ବର୍ଣ୍ଣ ବୋଲି ନିର୍ଦ୍ଦେଶକ କହିଛନ୍ତି। ଚିକିତ୍ସିତ ଅବସ୍ଥାରେ ନାବାଳିକାଙ୍କ ବୟାନ ରେକର୍ଡ କରିଛି ପୋଲିସ୍। ତାଙ୍କ ବୟାନକୁ ନେଇ ତଦନ୍ତରୁ ଆରମ୍ଭରୁ ଯିବା ବେଳେ ନାବାଳିକାଙ୍କ ମା ଏତଲା କରିଛନ୍ତି। ବିରୋଧୀ ଦଳ ନେତା ଓ କର୍ମୀମାନେ ସେଠାରେ ଆନ୍ଦୋଳନ କରିବାରୁ ଏମ୍ସ ପକ୍ଷରୁ ବର୍ଣ୍ଣୟୁନିଟ୍ ବାହାରେ ଏକ ନୋଟିସ୍ ଲଗାଯାଇଛି । ମୁଖ୍ୟଦ୍ୱାର ପାଖରେ ଗହଳି ନକରିବା (୯ ପୃଷ୍ଠାରେ)

**ଚିକିତ୍ସାରେ ୧୪ ଜଣିଆ ଡାକ୍ତରୀ ଟିମ୍**

### ବଳଙ୍ଗା ଘଟଣାରେ ନବୀନଙ୍କ ପ୍ରତିକ୍ରିୟା

## ସରକାର ଜାଗନ୍ତୁ, ତ୍ୱରିତ ପଦକ୍ଷେପ ନିଅନ୍ତୁ



ଭୁବନେଶ୍ୱର, ୧୯ ।୭ (ସବ୍ୟୁ) : ପୁରୀ ଜିଲ୍ଲା ବଳଙ୍ଗା ଅନଞ୍ଚଳରେ ନାବାଳିକା ଝିଅକୁ ପୋଡି ଦେବା ଘଟଣାକୁ ବରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ନିନ୍ଦା କରିଛନ୍ତି। ତାକୁ ହତ୍ୟା କରିବା ପାଇଁ ଦିନ ଦିପ୍ରହରରେ ଏଭଳି କାଣ୍ଡ କରାଯାଇଛି ଯାଇଛି ବୋଲି ସେ କହିବା ସହ ଓଡିଶା ସରକାର ତୁରନ୍ତ ନିଦ୍ରାରୁ ଉଠି ଏ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବା ଦାବି କରିଛନ୍ତି। ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣରେ ଏଭଳି ଘଟଣାର ଆଉ ଯେଭଳି ପୁନରାବୃତ୍ତି ନ ହୁଏ। ସେଥିପ୍ରତି ଦୃଷ୍ଟି ଦେବାକୁ ନବୀନ କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏଭଳି ଭୟଙ୍କର ଘଟଣା ଗୋଟିଏ ସପ୍ତାହରେ ଦୁଇ ଦୁଇଥର ଘଟିଲାଣି। ଏଫ୍‌ଏମ୍ କଲେଜର ଛାତ୍ରୀ ତାକୁ ନ୍ୟାୟ ନମିଳିବାରୁ (୯ ପୃଷ୍ଠାରେ)

## ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ : ମନମୋହନ



ଭୁବନେଶ୍ୱର, ୧୯ ।୭ (ସବ୍ୟୁ) : ପୁରୀ ଜିଲ୍ଲା ନିମାପଡା ବିଧାନସଭାର ବଳଙ୍ଗା ଅଞ୍ଚଳରେ ଘଟିଥିବା ଘୃଣ୍ୟ ଘଟଣା ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ସେ କହିଛନ୍ତି ଯେ ନାବାଳିକାଙ୍କ ଉପରେ ଏଭଳି ଅତ୍ୟାଚାର କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏହି ଘଟଣା କେବଳ ଜଣେ ନାବାଳିକାଙ୍କ ଉପରେ ଅତ୍ୟାଚାର ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ। ଆମ ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତିବଦ୍ଧ। ନ୍ୟାୟ (୯ ପୃଷ୍ଠାରେ)

### ଛାତ୍ରୀଙ୍କ ଲାଗି ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ବାତାବରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ଆରମ୍ଭ ହେବ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ

- ମହିଳାଙ୍କ ସମ୍ମାନ, ସୁରକ୍ଷା ଲାଗି ବୁଝାମଣା ବିହୀନ ନୀତି
- ୧୬ ବିଶ୍ୱବିଦ୍ୟାଳୟ, ୭୩୦ କଲେଜରେ କାର୍ଯ୍ୟକାରୀ ହେବ
- ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ଯୋଡ଼ାଯାଇଛି ୮ ବିନ୍ଦୁ
- ଶକ୍ତିଶ୍ରୀ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ
- ଲିଙ୍ଗଗତ ସମାନତା ପାଇଁ ସେଫ୍ କ୍ୟାମ୍ପେନ୍
- କଲେଜ କ୍ୟାମ୍ପସରେ ଲାଗିବ ସିସିଟିଭି

ଭୁବନେଶ୍ୱର, ୧୯ ।୭ (ସବ୍ୟୁ) : ବିଶେଷକରି କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ରାଜ୍ୟ ସରକାର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବିଗତ ଦିନମାନଙ୍କରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯେଉଁଭଳି ଅପରାଧ ଘଟୁଛି, ସେହିଭଳି ଘଟଣାକୁ ରୋକିବା ପାଇଁ, ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମର ନାମ ହେଉଛି 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିଛନ୍ତି।

ସେ କହିଛନ୍ତି ଯେ ସରକାର ଲୋକଙ୍କ ସରକାର। ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା, ସେମାନଙ୍କ କଲ୍ୟାଣ ତଥା ବିକାଶ ପାଇଁ ଆମ ସରକାର ଗତ ଏକ ବର୍ଷ ମଧ୍ୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। କିନ୍ତୁ, ଏ ସବୁ ସଫଳତା ହାସଲ କରିବା ପାଇଁ ସବୁ ନାଗରିକଙ୍କ ବ୍ୟକ୍ତିଗତ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ଏକ ମୌଳିକ ଆବଶ୍ୟକତା। ବିଶେଷ କରି ମହିଳାମାନଙ୍କ ସୁରକ୍ଷା ଓ ନିରାପତ୍ତା ଏଥିପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଆମ ସରକାର ଏକ ବୁଝାମଣା ବିହୀନ ନୀତି ଗ୍ରହଣ କରିଛି। ସମାଜର ବିଭିନ୍ନ ସ୍ଥାନରେ ନାରୀମାନଙ୍କ ପ୍ରତି ଅତ୍ୟାଚାରକୁ ରୋକିବା ପାଇଁ ଆମ ସରକାର ପ୍ରତିବଦ୍ଧ।



ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହା କାର୍ଯ୍ୟକାରୀ କରାଯିବ।

ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ (୯ ପୃଷ୍ଠାରେ)

### ଟ୍ରମ୍ପଙ୍କ ପୁଣି ଏକ ବିବାଦୀୟ ବୟାନ

## ଭାରତ-ପାକ୍ ଲଢ଼େଇରେ ଖସିଛି ୫ ବିମାନ

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ ପୁଣି ଏକ ବଡ ଦାବି କରିଛନ୍ତି। ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ପାକିସ୍ତାନ ମଧ୍ୟରେ ଯେଉଁ ବିବାଦ ସୃଷ୍ଟି ହୋଇ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା । ।ସେଥିରେ ୫ ଜେଟ୍ ବିମାନ ଖସାଇଦିଆଯାଇଥିଲା ବୋଲି ସେ ଦାବି କରିଛନ୍ତି ।ତେବେ ଏ ଜେଟ୍ ବିମାନ କେଉଁ ଦେଶର ବୋଲି ସେ ନାଁ ନେଇନାହାଁନ୍ତି।

ସେ ଉଲ୍ଲେଖ କରିଛନ୍ତି ଯେ, ଏହା ସତ୍ୟ ଯେ ୪ ରୁ୫ ଜେଟ୍ ବିମାନ ଖସିଥିଲା। ସାମରିକ କାର୍ଯ୍ୟାନୁଷ୍ଠାର ଯୋଗୁଁ ଏଭଳି ଘଟିଥିଲା। ଅପରେସନ୍ ସିନ୍ଦୁରରେ ଭାରତର ସାମରିକ ଅପରେସନ୍ ମେ ପ୍ରଥମ ସପ୍ତାହରେ ଆରମ୍ଭ ହୋଇଥିଲା। ଜାମୁକାଶ୍ମିରରେ ପହଲଗାମ ଆତଙ୍କୀ ଆକ୍ରମଣ ହୋଇଥିଲା। ଏଥିରେ ୨୬ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା। ଏହାପରେ ଭାରତ ପକ୍ଷରୁ ଅପରସେନ୍ ସିନ୍ଦୁର ଆରମ୍ଭ ହୋଇଥିଲା। ପାକିସ୍ତାନ ପକ୍ଷରୁ ଭାରତୀୟ ଜେଟ୍ ବିମାନ ଖସେଇଦେଇଥିବା ଦାବି କରାଯାଉଥିଲା। ସେଥିରେ ୩ ରାଫେଲ ବିମାନ ଥିଲ।। ଏହାପରେ ଅସ୍ତ୍ର ବିରତି ଥିଲା। ଜିଫ୍ ଅଫ ଡିଫେନ୍ସ ଷ୍ଟାଫ ଅନିଲ ଚୌହାନ କହିଥିଲେ ଭାତୀୟ ବାୟୁ ସେନାର ବିମାନର କ୍ଷତି ହୋଇଛି। ମାତ୍ର ପାକିସ୍ତାନ ଯେଉଁ ୬ ବିମାନ ଖସାଇଛି ବୋଲି କହୁଛି ତାହା ଠିକ ନୁହେଁ। ଯୁଦ୍ଧରେ (୯ ପୃଷ୍ଠାରେ)

## ପେଟ୍ରୋଲ ପମ୍ପରୁ ସିସିଟିଭି ଫୁଟେଜ ଜବତ କଲା କ୍ରାଇମବ୍ରାଞ୍ଚ

ବାଲେଶ୍ୱର, ୧୯ ।୭ (ସବ୍ୟୁ): ଏଫଏମ ଛାତ୍ରୀ ମୃତ୍ୟୁକୁ ନେଇ ଗୋଟିଏ ପରେ ଗୋଟିଏ ଦିଗକୁ ନେଇ ତନାଘନା ଆରମ୍ଭ ହୋଇଛି । ପେଟ୍ରୋଲ ଢାଳି ଛାତ୍ରୀ ଆତ୍ମାହୁତି କରିଥିବା ବେଳେ ଏହି ପେଟ୍ରୋଲ କେଉଁଠୁ ଆସିଥିଲା? କିଏ ବୋତଲରେ ପେଟ୍ରୋଲ ଆଣିଥିଲା? ଏହାକୁ ନେଇ ତନାଘନା ଚାଲିଥିବା ବେଳେ କ୍ରାଇମ ବ୍ରାଞ୍ଚ ଟିମ ବି ଏହାକୁ ଅତି ଗୁରୁତ୍ୱ ଦେଇ ଖୋଳତାଡ ଆରମ୍ଭ କରିଛି । କଲେଜ ପାଖାପାଖି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପକୁ ଯାଇ ଏହି ଟିମ ପଚାରାଉଚରା କରିବା ସହିତ ସିସିଟିଭି ଫୁଟେଜ ଜବତ କରିଥିବା ଜଣାପଡ଼ିଛି । ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ କଲେଜ ଠାରୁ ମାତ୍ର ୩/୪ ଶହ ମିଟର ଦୂରରେ ଥିବା ଏକ ପେଟ୍ରୋଲ ପମ୍ପକୁ ଏହି ଟିମ ଯାଇଥିଲେ । ସେଠାରେ କିଛି ସମୟ ଏହି ଟିମ ରହି ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ସହ ଘଟଣା ସଂପର୍କରେ ଆଲୋଚନା କରିବା ପରେ ଗତ ୧୧ ତାରିଖରୁ ୧୩ (୯ ପୃଷ୍ଠାରେ)

### ମୃତ ସୌମ୍ୟାଶ୍ରୀଙ୍କ ପରିବାରକୁ ମିଳିଲା ୨୦ ଲକ୍ଷ ସହାୟତା

ଭୋଗରାଇ/ବାଲେଶ୍ୱର, ୧୯ ।୭ (ସବ୍ୟୁ): ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟ ସରକାର ଘୋଷଣା କରିଥିବା ୨୦ ଲକ୍ଷ ଟଙ୍କାର ସହାୟତା ରାଶିପ୍ରଦାନ କରିଛନ୍ତି ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଏଥି ସହିତ ଏକାସଙ୍ଗରେ ଜିଲ୍ଲା ରେଡ଼କ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଉପଜିଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ଦେଇଛନ୍ତି । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ପଳାସିଆ ଗ୍ରାମରେ ଶନିବାର ଅପରାହ୍ନ ୪ ଟା ୨୦ ମି ରେ ଏମପି ଓ ଜିଲ୍ଲା ପ୍ରଶାସନ ମୃତା ଛାତ୍ରୀଙ୍କ ସୌମ୍ୟାଶ୍ରୀ ଘରେ ପହଞ୍ଚି ସମବେଦନା ଜଣାଇବା ସହିତ ଏହି ସହାୟତା ରାଶି ମାତାପିତାଙ୍କୁ ପ୍ରଦାନ କରିଛନ୍ତି । ସହାୟତା ରାଶି ପ୍ରଦାନବେଳେ ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ପୂର୍ବତନ ଭାଜପା ଜିଲାସଭାପତି ଉମାକାନ୍ତ ମହାପାତ୍ର, ଭୋଗରାଇ ଭାଜପା ନେତା ଆଶିଷ କୁମାର ପାତ୍ର, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

T- 54

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନିବାର୍ଯ୍ୟ କାରଣ ଯୋଗୁଁ ଆସନ୍ତା ତା. ୨୧/୦୭/୨୦୨୫ ରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0170/2526

## ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଏନ୍‌ଡିଡିବି-ଓମ୍‌ଫେଡ ଏମଓୟୁ

# ରାଜ୍ୟର "ଗୋ ଅର୍ଥନୀତି' ସମୃଦ୍ଧ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ହେଉଛି ଓମଫେଡ । ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଓମଫେଡ୍ ଡ୍ରାଇଭିଙ୍ଗ ଫୋର୍ସ ସାଜିଛି । ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର "ଗୋ' ଅର୍ଥନୀତିକୁ ସମୃଦ୍ଧ କରାଯିବ । ୨୦୩୬ ସୁଦ୍ଧା ୧୬୫ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କଟକରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଏବଂ ଓମଫେଡ ମଧ୍ୟରେ ଅନୁଷ୍ଠିତ ଚୁକ୍ତିନାମା ଅବସରରେ ଏହା କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘମାନଙ୍କୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନୋଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନର ଉଦଘାଟନ କରିଥିଲେ । ଓମଫେଡ ସହିତ ଏହି ଚୁକ୍ତିନାମା ଜରିଆରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ ଓଡିଶାର ଦୁଗ୍ଧ ଚାଷୀମାନଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍, ସହିୱାଲ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇ ଦେବ । ଏଥି ସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଏକ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଏ ସମସ୍ତ ସୁବିଧା ଦ୍ୱାରା ରାଜ୍ୟର ଚାଷୀମାନଙ୍କ ଠାରୁ ଯଥେଷ୍ଟ ଅଧିକ ପରିମାଣର ଦୁଗ୍ଧ ସଂଗ୍ରହ କରାଯାଇପାରିବ । ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି । ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଆମର ଲକ୍ଷ୍ୟ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇ ଦେବାକୁ ଓମଫେଡ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମଫେଡ୍ ଡେରୀ ପ୍ଲାଣ୍ଟର କର୍ମଚାରୀମାନଙ୍କ ପାଇଁ ୬୨ଟି କ୍ୱାର୍ଟରର ମଧ୍ୟ ଉଦଘାଟନ କରିଥିଲେ । ଏଥିସହିତ ଓମଫେଡ୍ କେନ୍ଦ୍ର ବୈଠକ ଗୃହ ଠାରେ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ, ସମସ୍ତ ଦୁଗ୍ଧ ଚାଷୀମାନଙ୍କ ସହ କଥା ହୋଇ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଭର୍ତ୍ତୃହରି ମହତାବ

ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ ।

- ୨୦୩୬ ସୁଦ୍ଧା ୧୬୫ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ଲକ୍ଷ୍ୟ
- ୬୨ଟି କ୍ୱାର୍ଟର, ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନ ଉଦ୍‌ଘାଟିତ
- ଦୁଗ୍ଧ ଚାଷୀ ସଂଘଙ୍କୁ ଦିଆଗଲା ୨୨ ନୂତନ ଦୁଗ୍ଧ ଟ୍ୟାଙ୍କର



ନାଲ୍‌କୋର ସିଏମ୍‌ଡି ବି.ପି ସିଂ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନ ଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାରରେ ରାଜ୍ୟରେ ଶିଳ୍ପର ବିକାଶ ଓ ନାଲ୍‌କୋର ପ୍ରଗତି ସଂପର୍କରେ ଆଲୋଚନା ହୋଇଥିଲା । ଏହି ଆଲୋଚନା ସମୟରେ ସିଏମ୍‌ଡି ଶ୍ରୀ ସିଂଙ୍କ ସହିତ ନାଲ୍‌କୋର ଡାଇରେକ୍ଟର(ଏଚ୍‌ଆର) ଡ. ଟି.କେ ପଟ୍ଟନାୟକ ଓ ଇଡି (ଏଚ୍‌ଏଣ୍ଡଏ) ଆଶୁତୋଷ ରଥ ଉପସ୍ଥିତ ଥିଲେ ।

## ୨୧ରୁ ଜାତୀୟ ମାନବାଧିକାର କମିଶନଙ୍କ ଶୁଣାଣି ଶିବିର

# ଭୁବନେଶ୍ୱରରେ ଦୁଇଦିନରେ ୧୪୪ ମାମଲାର ହେବ ଶୁଣାଣି

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାର ପ୍ରମୁଖ ମାନବାଧିକାର ମାମଲାଗୁଡ଼ିକର ସମାଧାନ କରିବା ପାଇଁ ଚଳିତ ମାସ ୨୧ ଓ ୨୨ ତାରିଖରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରା ଶୁଣାଣି ଶିବିର ଆୟୋଜନ ହେବ । ଏହି ଦୁଇଦିନିଆ ସ୍ୱତନ୍ତ୍ର ଶିବିରରେ ଅଭିଯୋଗକାରୀ ଓ ପୀଡ଼ିତଙ୍କ ଉପସ୍ଥିତିରେ କମିଶନଙ୍କ ଦୁଇଟି ଖଣ୍ଡପୀଠ ପ୍ରାୟ ୧୪୪ଟି ମାମଲାର ଶୁଣାଣି କରିବେ ।

ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଭି.ରାମସୁବ୍ରମଣ୍ୟନ୍, ସଦସ୍ୟ ନ୍ୟାୟମୂର୍ତ୍ତି (ଡ.) ବିଦ୍ୟୁତ ରଞ୍ଜନ ଷଡଙ୍ଗୀ, ବିଜୟା ଭାରତୀ ସାୟାନି ଏବଂ ପ୍ରିୟଙ୍କ କାନୁନଗୋ ୨୧ରେ ରାଜ୍ୟ ଅତିଥି ଭବନରେ ସକାଳ ୧୦ ଟାରୁ ମାମଲାଗୁଡ଼ିକର ଶୁଣାଣି କରିବେ । ଜାତୀୟ ମାନବାଧିକାର ଆୟୋଗର ମହାସଚିବ ଭରତ ଲାଲ, ରେଜିଷ୍ଟ୍ରାର (ଆଇନ) ଯୋଗିନ୍ଦର ସିଂହ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଶୁଣାଣି ଶିବିର ଏବଂ ଖୋଲା ଶୁଣାଣିରେ ମଧ୍ୟ ଯୋଗଦେବେ । ମାମଲାଗୁଡ଼ିକର ଶୁଣାଣି ବ୍ୟତୀତ ଅଧିକାର ଉଲ୍ଲଙ୍ଘନର ପୀଡିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରି ମାନବାଧିକାର ବିଷୟରେ ଅଧିକାରୀମାନଙ୍କୁ ସଚେତନ କରିବା ଶୁଣାଣି ଶିବିରର ଲକ୍ଷ୍ୟ । ଆୟୋଗ ନାଗରିକ ସମାଜ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ମାନବାଧିକାର ରକ୍ଷାକାରୀଙ୍କ ପ୍ରତିନିଧିମାନଙ୍କ ସହିତ ମଧ୍ୟ ଯୋଗାଯୋଗ କରିବେ ।ଆସନ୍ତା ୨୨ରେ ଆୟୋଗ ନାଗରିକ ସମାଜ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ମାନବାଧିକାର ରକ୍ଷାକାରୀଙ୍କ ପ୍ରତିନିଧିମାନଙ୍କ ମାନବ ସମ୍ବଳ ବିକାଶ ବିଭାଗର ପ୍ରତିନିଧିମାନଙ୍କୁ ଭେଟିବେ ।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ: ପିସିସି

ଭୁବନେଶ୍ୱର,(ସବ୍ୟୁ): ପୁଣି ସାମ୍ନାକୁ ଆସିଲା ଭୟଙ୍କର ଘଟଣା । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡାର ବଳଙ୍ଗା ଥାନା ଅନ୍ତର୍ଗତ ବାଇଆବର ଅଞ୍ଚଳରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଅଚେତ କରି ନିଆଁ ଲଗାଇ ଦେଲେ ତିନି ଦୁର୍ବୃତ୍ତ । ବାଲେଶ୍ୱରର ଅଭାବନୀୟ ଘଟଣା ପରେ ମଧ୍ୟ ମହିଳାଙ୍କ ସୁରକ୍ଷା ପ୍ରତି ରାଜ୍ୟରେ ସମ୍ବେଦନଶୀଳତା ସୃଷ୍ଟି କରିପାରିଲେ ନାହିଁ ରାଜ୍ୟ ସରକାର । ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ରୋକିବାରେ କ୍ରମାଗତ ଭାବେ ବିଫଳ ହୋଇଥିବା ରାଜ୍ୟ ସରକାରଙ୍କ ମୁହୂର୍ତ୍ତେ ମଧ୍ୟ କ୍ଷମତାରେ ରହିବାର ନୈତିକ ଅଧିକାର ନାହିଁ । ଏପରି ଲୋମହର୍ଷଣକାରୀ ଘଟଣାକୁ ନିନ୍ଦା କରିବା ପାଇଁ ଭାଷା ନାହିଁ । କଳାହାଣ୍ଡି ଗସ୍ତରେ ଥିବା ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଏମ୍ସରେ ଚିକିତ୍ସିତ ନାବାଳିକା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ କଂଗ୍ରେସ ନେତାକର୍ମୀଙ୍କ ଭିଡ ହୋଇଥିଲା । ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା , ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ,ଅନନ୍ତ ସେଠି,ଦେବାଶିଷ ପଟ୍ଟନାୟକ,ମିନାକ୍ଷୀ ବାହିନୀପତି,ସୋଫିଆ ଫିରଦୋସ,ୟାସିର ନଓ୍ୱାଜ,ରଞ୍ଜିତ ପାତ୍ର,ଉଦିତ ପ୍ରଧାନ ଶିଘ୍ର ଏମ୍ସ ଯାଇ ଝିଅଟିର ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ବିଶେଷଜ୍ଞମାନେ ଝିଅଟିକୁ ବଞ୍ଚାଇବାକୁ ଯଥାସାଧ୍ୟ ଉଦ୍ୟମ କରୁଥିବା ଜଣାଇଥିଲେ । ପିସିସି ପକ୍ଷରୁ ଝିଅଟିର ଆଶୁ ଆରୋଗ୍ୟ କାମନା କରାଯାଇଛି ।

# ଖଟିଆରେ ବୁହାହୋଇ ଡାକ୍ତରଖାନା ଗଲେ, ଶବ ହୋଇ ଫେରିଲେ



ବେତନଟୀ(ସବ୍ୟୁ) : ରାସ୍ତା ହେଲା କାଳ। ପକ୍କା ସଡ଼କ ନଥିବାରୁ ଖଟିଆରେ ବୁହା ହୋଇ ଡାକ୍ତରଖାନା ଯାଇଥିବା ବେଳେ ଶବ ହୋଇ ଘରକୁ ଫେରିଥିବା ଘଟଣା ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ପ୍ରାପ୍ତ ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତ ଅଧୀନ ତାରାକୋଟୀ ଉପକଣ୍ଠ ଚିରଗାଳଡ଼ିହି ଗାଁରେ ଶନିବାର ଦେବିଲାଲ ସିଂଙ୍କ ଘର ଭିତରକୁ ଏକ ବିଷାକ୍ତ ସାପ ପଶି ଆସି ତାଙ୍କ ସ୍ତ୍ରୀ ସୋମବାରୀ ସିଂଙ୍କୁ କାମୁଡି ନେଇଥିଲା । ଫଳରେ ସୋମବାରୀ ତାଙ୍କର ଅବସ୍ଥା ଗୁରୁତର ହୋଇ ପଡିବାରୁ ତାଙ୍କୁ ଡାକ୍ତରଖାନା ନେବା ପାଇଁ ପ୍ରସ୍ତୁତି ହୋଇଥିଲେ ମଧ୍ୟ ଏହି ଗ୍ରାମକୁ ପକ୍କା ରାସ୍ତା ନଥିବାରୁ ତାଙ୍କୁ ଖଟିଆରେ ବୋହି ନେଇ ରାସ୍ତାପାଖରେ ପହଞ୍ଚାଇବା ପରେ ଏକ ଗାଡ଼ିରେ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା କ୍ଷ ସେଠାରେ ପହଞ୍ଚିବାରେ ବିଳମ୍ବ ହେବାରୁ ଠିକଣା ସମୟରେ ଡାକ୍ତରୀ ଚିକିତ୍ସା ନପାଇ ଶେଷରେ ସୋମବାରୀଙ୍କର ମୃତ୍ୟୁ ଘଟିଥିଲା । ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବେତନଟୀ ପୁଲିସ ୩୩/୨୪ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା । ମୃତଦେହ ହସ୍ତାନ୍ତର ପରେ ପୁଣି ଖଟିଆରେ ବୁହାହୋଇ ଘରକୁ ମହିଳାଙ୍କ ମୃତଦେହକୁ ନେଇ ଆସିଥିଲେ ପରିବାର ବର୍ଗ । ପରବର୍ତ୍ତୀ ସମୟରେ ତାଙ୍କର ଗ୍ରାମ ଶ୍ମଶାନର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା ।

## ନିବନ୍ଧନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଓ କର୍ମଶାଳା

# ବେଆଇନ କାର୍ଯ୍ୟ କଲେ ମିଳିବ କଠୋର ଦଣ୍ଡ : ମନ୍ତ୍ରୀ



ଭୁବନେଶ୍ୱର(ସବ୍ୟୁ): ଲୋକଙ୍କ ସରକାରର ପ୍ରୟାସ ହେଉଛି ଜନସାଧାରଣଙ୍କୁ ସୁଶାସନ ଯୋଗାଇ ଦେବା । ରାଜସ୍ୱ ଅଧିକାରୀମାନେ ମୌଳିକ ସେବା ଯୋଗାଇଦେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବା ଦରକାର । ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଅବହେଳା ଓ ଅନିୟମିତତାକୁ କୌଣସି ପ୍ରକାରେ ପ୍ରଶ୍ରୟ ଦିଆଯିବ ନାହିଁ । ଉଦ୍ଦେଶ୍ୟମୂଳକ ଭାବେ ଆଇନ ବର୍ହିଭୂତ କାର୍ଯ୍ୟକୁ ମଧ୍ୟ ଅଣଦେଖା କରାଯିବ ନାହିଁ । ସମସ୍ତ ପ୍ରକାର ବେଆଇନ କାର୍ଯ୍ୟକୁ କଠୋର ଭାବେ ଦଣ୍ଡିତ କରାଯିବ । ଆମ ମଧ୍ୟରେ ସକାରାତ୍ମକ ପ୍ରତିଯୋଗିତାର ଆବଶ୍ୟକତା ରହିଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି ।

ନିବନ୍ଧନ ଅଧିକାରୀମାନଙ୍କର ରାଜ୍ୟସ୍ତରୀୟ ସମ୍ମିଳନୀ ଓ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ରାଜ୍ୟର ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ, ଉପନିବନ୍ଧକମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ବର୍ତ୍ତମାନ ରାଜ୍ୟରେ ସମସ୍ତ ପଞ୍ଜୀକରଣ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ କରାଯାଉଛି । ସମସ୍ତ ପଞ୍ଜୀକରଣ କାର୍ଯ୍ୟ ଶେଷ ପରେ ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ଫିଡ୍ ବ୍ୟାକ ଗ୍ରହଣ କରାଯାଉଛି । ସାରା ରାଜ୍ୟରେ ନିବନ୍ଧନ କାର୍ଯ୍ୟରେ ଜନସାଧାରଣ ୮୮ % ଅନୁକୂଳ ମତ ଦେଇଥିବା ବେଳେ ମାତ୍ର ୧୨ % ନକରାତ୍ମକ ମତ ଦେଇଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରୁ ପଞ୍ଜୀକରଣ କାର୍ଯ୍ୟରେ ଦେବଗଡ ଓ ସୁବର୍ଣ୍ଣପୁରରେ ଜନସାଧାରଣଙ୍କ ଫିଡ୍ ବ୍ୟାକ ଆଧାରରେ ସନ୍ତୋଷ ହାର ଶହେ ପ୍ରତିଶତ ଥିବାବେଳେ ବୌଦ୍ଧ, ସୁନ୍ଦରଗଡ, ନୟାଗଡ. ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ, ଜଗତସିଂହପୁର, ଝାରସୁଗୁଡା, ସମ୍ବଲପୁର ଓ କେନ୍ଦ୍ରାପଡାରେ ଏହି ଆଧାରିତ ହାର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱର୍ ରହିଛି । ତେବେ ଆମକୁ ଆଗାମୀ ଦିନରେ ସମସ୍ତ ଜିଲ୍ଲାରେ ଜନସାଧାରଣଙ୍କୁ ଶତପ୍ରତିଶତ ସନ୍ତୋଷଜନକ ସେବା ଯୋଗାଇଦେବାକୁ ପଡିବ । ଜିଲ୍ଲାର ରେଜିଷ୍ଟ୍ରାର ମାନେ ଏସବୁ କାର୍ଯ୍ୟର ସଠିକ ତଦାରଖ କରିବା ଉଚିତ । ସମସ୍ତ କର୍ମଚାରୀଙ୍କର କାର୍ଯ୍ୟଦକ୍ଷତା କମ୍ପ୍ୟୁଟରୀକରଣ କରାଯାଇ ପଦୋନ୍ନତି ସମୟରେ ସେସବୁକୁ ଗୁରୁତ୍ୱ ଦିଆଯିବ । ଆମେ ସକରାତ୍ମକ ଦିଗରେ ଆଦର୍ଶ ସେବା ଦେବା ଦିଗକୁ ଅଗ୍ରସର ହେଉଛୁ । ଖୁବ୍‌ଶୀଘ୍ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବୁ । ଆସନ୍ତୁ ଆମେ ସମସ୍ତେ ଲକ୍ଷ୍ୟ ପ୍ରାପ୍ତି ଦିଗରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ଓ ରାଜସ୍ୱ ପ୍ରଶାସନକୁ ଲୋକାଭିମୁଖି କରାଇବା ଦିଗରେ ତତ୍ପର ହେବା ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ, ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଲେ ଯେ ଲୋକଙ୍କ ସରକାର ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ, ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ । ସରକାର ଏବେ ସବ୍-ପ୍ଲଟ୍ ରେଜିଷ୍ଟ୍ରେସନ୍ ପାଇଁ ନୂଆ ନିୟମ ଆଣିଛନ୍ତ । ସେହିପରି ରେରା ପ୍ରତିଷ୍ଠା ହେବା ପୂର୍ବରୁ ପ୍ରତିଷ୍ଠିତ ଆପାର୍ଟମେଣ୍ଟ ପଞ୍ଜିକରଣ କ୍ଷେତ୍ରରେ ଯେଉଁ ଅସୁବିଧା ଥିଲା ସେସବୁ ଦୂର କରାଯାଉଛି । ଆମେ ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେବା ଦରକାର ।

ପ୍ରାରମ୍ଭରେ ମହାନିବନ୍ଧକ ସୁବ୍ରତ ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦେଓରଞ୍ଜନ କୁମାର ସିଂ ଉପସ୍ଥିତ ନିବନ୍ଧନ ଅଧିକାରୀମାନଙ୍କୁ କହିଲେ ଯେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ଆଜି ପଞ୍ଜିକରଣ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇପାରିଛି ।

- ରାଜସ୍ୱ କ୍ଷେତ୍ରରେ ଅବହେଳା, ଅନିୟମିତତାକୁ ପ୍ରଶ୍ରୟ ଦିଆଯିବନି
- ଅନ୍‌ଲାଇନ ପଞ୍ଜୀକରଣରେ ମିଳିଛି ୧୨ % ନକରାତ୍ମକ ମତ

## ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା

# ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ କଲେ ରେଳ ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଶନିବାର ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ ସୁବିଧାରେ ପରିଣତ କରିବାର ଦୃଷ୍ଟିକୋଣକୁ ସ୍ୱଷ୍ଟତା ପ୍ରଦାନ କରିବା ଦିଗରେ ଅଗ୍ରଗତି କରୁଛି । ସେ କହିଥିଲେ ଯେ 'ଅମୃତ ଭାରତ ଷ୍ଟେସନ ଯୋଜନା'ରେ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି। ରେଳଷ୍ଟେସନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ୍ ରୋଡ୍ ଏବଂ ଷ୍ଟେସନ୍‌କୁ ଯାଉଥିବା ଯାତ୍ରୀ ଏବଂ ଷ୍ଟେସନ୍‌ରୁ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ଅନ୍ତର୍ଭୁକ୍ତ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମନ୍ତ୍ରୀଙ୍କ ସହିତ ନିରକ୍ଷଣ ସମୟରେ ଉପସ୍ଥିତ ଥିଲେ। ପୁନଃବିକଶିତ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଅନ୍ୟାନ ଆଧୁନିକ ସୁବିଧା ସୁଯୋଗ ମଧ୍ୟରେ ଷ୍ଟେସନ ପ୍ରବେଶର ଉନ୍ନତି, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷା ହଲ୍, ଶୌଚାଳୟ, ଲିଫ୍ଟ/ ଏସ୍କେଲେଟର, ପରିଷ୍କାର ପରିଚ୍ଛନ୍ନତା, 'ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନ, କାର୍ଯ୍ୟନିର୍ବାହୀ ଲାଉଞ୍ଜ, ବାଣିଜ୍ୟିକ ବିକାଶ ବୈଠକ ପାଇଁ ମନୋନୀତ ସ୍ଥାନ, ଭୂଦୃଶ୍ୟ ଇତ୍ୟାଦି ସୁବିଧା ରହିବ।



## ୬୨୫ କୋଟି ଟଙ୍କାର ଖଣି ଦୁର୍ନୀତି ମାମଲାର ରାୟ ପ୍ରକାଶ

# ସିରାଜଉଦ୍ଦିନ୍ କମ୍ପାନୀ ବିରୋଧରେ ଚାଲିବ ମାମଲା: ହାଇକୋର୍ଟ

କଟକ,(ସବ୍ୟୁ) : ୨୦୦୯ ମସିହାରେ ସମଗ୍ର ରାଜ୍ୟରେ ଖଣି ଦୁର୍ନୀତିକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲାବେଳେ ଏନେଇ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପକ୍ଷରୁ ସିରାଜଉଦ୍ଦିନ୍ କମ୍ପାନୀ ବିରୋଧରେ ରୁଜୁ ହୋଇଥିବା ମାମଲା ଚାଲିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ୱଷ୍ଟ କରିଛନ୍ତି । ଇଡି ପକ୍ଷରୁ ସିରାଜ୍‌ଉଦ୍ଦିନ୍ କମ୍ପାନୀ ଏବଂ ଏହାର ଦୁଇ ମୁଖ୍ୟ ମହମ୍ମଦ ମୋଫାଜୁଲୁ ଅର ରେହେମାନ୍( ବର୍ତ୍ତମାନ ମୃତ) ଏବଂ ଇନ୍‌ତେଖାବ୍ ଆଲମଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ସିବିଆଇ କୋର୍ଟ ମାମଲା ରୂପେ ବିଚାର ପାଇଁ ଗ୍ରହଣ କରିଥିଲା। ଏହାକୁ ବିରୋଧ କରି ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶିବ ଶଙ୍କର ମିଶ୍ର ଏହି ମାମଲାରେ ରାୟ ପ୍ରକାଶ କରି ଇନ୍‌ତିଖାବ୍ ଆଲମଙ୍କ ବିରୋଧରେ ହୋଇଥିବା ମାମଲାକୁ ଖାରଜ କରି ଦେଇଛନ୍ତି । ତେବେ କମ୍ପାନୀ ବିରୋଧରେ ମାମଲା ଚାଲିବ ବୋଲି ହାଇକୋର୍ଟ ଆଦେଶରେ ସ୍ୱଷ୍ଟ କରିଛନ୍ତି। ମାମଲାରୁ ଜଣାଯାଇଛି ଯେ, ବେଆଇନ ଖଣି କାରବାର ଘଟଣାରେ ସିରାଜ୍‌ଉଦ୍ଦିନ୍ ଏଣ୍ଡ କୋ ଓ ଏହାର ୭ଜଣ ପାର୍ଟନରଙ୍କ ନାମରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ୨୦୦୯ ମସିହାରେ ମାମଲା ରୁଜୁ କରାଯାଇଥିଲା। ଏଥିରେ ଆବେଦନକାରୀ ମହମ୍ମଦ ମୋଫାଜୁଲୁଅର ରେହେମାନ୍ ଏବଂ ଇନ୍‌ତେଖାବ୍ ଆଲମଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଥିଲା। ୨୦୧୨ ମସିହାରେ ସେମାନଙ୍କ ବିରୋଧରେ ଚାର୍ଜସିଟ୍ ମଧ୍ଯ ଦାଖଲ ହୋଇଥିଲା। ଭିଜିଲାନ୍ସ କେସ୍ ଆଧାରରେ ୨୦୨୦ ମସିହାରେ ଇଡି ପକ୍ଷରୁ ସେମାନଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଯେଉଁଥିରେ ଇଡି ଏହି ବେଆଇନ ଖଣି କାରବାରରେ ୬୨୫ କୋଟି ୧୩ ଲକ୍ଷ ୮୭ ହଜାର ୬୪୦ ଟଙ୍କାର ଲୁଟ୍ ହୋଇଥିବା ଦର୍ଶାଯାଇଥିଲା। ଭିଜିଲାନ୍ସ କୋର୍ଟ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଯେଉଁ କଗ୍‌ନିଜାନ୍ସ ନିଆଯାଇଥିଲା ତାହାକୁ ଚାଲେଞ୍ଜ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ମସିହାରେ ହାଇକୋର୍ଟ ଆବେଦନକାରୀଙ୍କ ବିରୋଧରେ ନିଆଯାଇଥିବା କଗ୍‌ନିଜାନ୍ସକୁ ରଦ୍ଦ କରି ଦେଇଥିଲେ। ହାଇକୋର୍ଟଙ୍କ ଆଦେଶକୁ ଆଧାର କରି କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଆବେଦନକାରୀଙ୍କ ବିରୋଧରେ ବେଆଇନ୍ ଖଣିକୁ ନେଇ ରୁଜୁ ସମସ୍ତ ମାମଲାକୁ ରଦ୍ଦ କରି ଦେଇଥିଲେ। ହାଇକୋର୍ଟଙ୍କ ଏହି ଆଦେଶ ଆଧାରରେ ରୁଜୁ ହୋଇଥିବା ଇଡି ମାମଲାକୁ ରଦ୍ଦ ପାଇଁ ଆବେଦନକାରୀମାନେ ପୁନର୍ବାର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ହାଇକୋର୍ଟ ରାୟରେ କହିଛନ୍ତି ଯେ, ପ୍ରିଭେନ୍‌ସନ୍ ଅଫ ମନି ଲଣ୍ଡରିଂ ଆଇନ୍(ପିଏମ୍‌ଏଲ୍‌ଏ)ରେ ବ୍ୟକ୍ତିଙ୍କୁ ଛାଡ଼ି କମ୍ପାନୀ ବିରୋଧରେ ପୃଥକ ଭାବେ ମାମଲା ଚାଲିବାର ବ୍ୟବସ୍ଥା ରହିଛି। ଯାହାକି ଏହି କ୍ଷେତ୍ରରେ କରାଯାଇଛି। ଭିଜିଲାନ୍ସ ପକ୍ଷରୁ କେବଳ ଆବେଦନକାରୀଙ୍କ ବିରୋଧରେ କରାଯାଇଥିଲାବେଳେ କମ୍ପାନୀ ବା ଫାର୍ମକୁ ବାଦ୍ ଦିଆଯାଇଥିଲା। କିନ୍ତୁ କମ୍ପାନୀ ବିରୋଧରେ ୬୨୫ କୋଟି ଟଙ୍କାର ଖଣି ଲୁଟ୍ ସଂକ୍ରାନ୍ତ ଅଭିଯୋଗ ଥିବାରୁ ଏହି ମାମଲା କମ୍ପାନୀ ବିରୋଧରେ ଚାଲିବ ବୋଲି ହାଇକୋର୍ଟ ଆଦେଶରେ ସ୍ୱଷ୍ଟ କରିଛନ୍ତି।

# ଯୁବ କଂଗ୍ରେସ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ

ଭୁବନେଶ୍ୱର, (ସବ୍ୟୁ) : ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ନେତୃବର୍ଗ ଆଜି ନିମାପଡା ପୀଡ଼ିତାର ପରିବାରଙ୍କୁ ଏମ୍ସ୍ ଡାକ୍ତରଖାନାରେ ସାକ୍ଷାତ କରିଥିଲେ । ନିମାପଡା ନାବାଳିକାକୁ ଦୁର୍ବୃତ୍ତମାନେ ଜିଅନ୍ତା ପୋଡିବା ପ୍ରସଙ୍ଗରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସରକାରୀ ବାସଭବନ ଘେରଉ କରିଥିଲା । "ମହିଳାଙ୍କୁ ନ୍ୟାୟ ଦିଅ', "ମହିଳା ଅତ୍ୟାଚର ବନ୍ଦ କର' ଓ "ପ୍ରଭାତୀ ପରିଡ଼ା ଇସ୍ତଫା ଦିଅ' ସ୍ଲୋଗାନ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ପ୍ରଭାତି ପରିଡାଙ୍କ ଫାଟକ ପାଖରେ ବସି ଦେଇଥିଲେ



। ପୁଲିସ ସମସ୍ତ ଯୁବ କଂଗ୍ରେସ କର୍ମୀଙ୍କୁ ଘଟଣାସ୍ଥଳରେ ଗିରଫ କରିଥିଲା ।

ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ, ନାରୀ ସୁରକ୍ଷାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଫମ୍ପା ଭାଷଣ ମାରୁଛନ୍ତି । ସରକାର ନାବାଳିକାର ପରିବାରକୁ ଦୁଇ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ଦାବି କରିବା ସହ ଅପରାଧିଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବି କରିଛି । ଭୁବନେଶ୍ୱର କଂଗ୍ରେସ ଲୋକସଭା ପାର୍ଥୀ ସୟଦୟାସିର ନୱାଜ କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳାଙ୍କ ପ୍ରସଙ୍ଗରେ କେବଳ ଗଣମାଧମରେ ଭାଷଣବାଜି କରିଥାନ୍ତି । ନିଜ ନିର୍ବାଚନମଣ୍ଡଳୀରେ ନାବାଳିକାକୁ ଦୁର୍ବୃତ୍ତମାନେ ଜିଅନ୍ତା ପୋଡି ଦେଉଛନ୍ତି । ପୀଡିତାକୁ ତତ୍କ୍ଷଣାତ ଦେଖିବା ପାଇଁ ମଧ ଉପମୁଖ୍ୟମନ୍ତ୍ରୀ ଏମ୍ସ୍ ଆସିବାର ସତ୍ସାହାସ ରଖିଲେ ନାହିଁ ।

କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ୍, ମନୋଜ ବିଶ୍ୱାଳ, ନିହାର ବେହେରା, ମହମ୍ମଦ ଗୁଲଫାମ୍, ସୁଦିପ ସାମଲ, ରଣଜିତ ସେନାପତି, ସୁରଜ ରାଉତ, ବୁବୁ ଜେନା, ନିଆଜୁଲ୍ ଇସ୍ଲାମ୍, ଆର୍ଯ୍ୟାନ୍ ସାସମଲ ପ୍ରମୁଖ ସାମିଲ ଥିଲେ ।

## ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ପ୍ରଦାନ

ଛତ୍ରପୁର,(ସବ୍ୟୁ) ମତ୍ସ୍ୟ ବିଭାଗ ଓ ସିଫ ନେଟ ଙ୍କ ମିଳିତ ଆନୁକୂଲ୍ୟରେ ଟାକିରିଆ ବ୍ରହ୍ମପୁର ଠାରେ ତିନିଦିନ ଧରି, ସାମୁଦ୍ରିକ ମତ୍ସ୍ୟଜୀବିଙ୍କ ନିମନ୍ତେ, ମାଛଧରା ପୋତ ପରିଚାଳନା ନିମନ୍ତେ ବ୍ୟବହୃତ ଯୋଗାଯୋଗ ଓ ନୈଚାଳନା ଉପକରଣ ଆଦି ଦକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରର ଶେଷ ଦିନରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଯୋଗଦେଇଥିବା ସମସ୍ତ ସାମୁଦ୍ରିକ ମତ୍ସ୍ୟଜୀବିଙ୍କୁ ଜୀବନ ରକ୍ଷକାରୀ ଉପକରଣ (ଲାଇଫ ବୟ ଓ ଲାଇଫ ଜାକେଟ) ପ୍ରଦାନ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ଉପ ମତ୍ସ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ ଏଥି ସହ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବିଜେ ସାହୁ, କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଯୋଗ୍ୟତା, ପରିଚାଳନା ପାରଦର୍ଶିତା ନିଗମ ଓ ବୋର୍ଡ଼ର ନିଯୁକ୍ତିରେ ମାନଦଣ୍ଡ ହେଉ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ବିଜେପିର ନୂତନ ସଭାପତି ନିର୍ବାଚନ ପରେ ନିଗମ ଓ ବୋର୍ଡ଼ର ଅଧକ୍ଷ ନିଯୁକ୍ତିର ଚର୍ଚ୍ଚା ସଂପ୍ରତି ଜୋର ଧରିଛି । ବିଜେପି ଦଳର ଆଶାୟୀମାନେ ବିଭିନ୍ନ ସ୍ତରରେ ସୁପାରିସ କରିବା ସମୟରେ ଜନମନରେ ଏକ ବିରାଟ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ିଶା ସରକାରଙ୍କ ଅଧୀନରେ ଶତାଧିକ ବୋର୍ଡ଼ ଓ ନିଗମର ପଦ ପଦବୀ ଖାଲି ରହିଛି । ଏହି ବୋର୍ଡ଼ ଓ ନିଗମମାନେ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ ବୋଲି ମାନ୍ୟବର ରାଜ୍ୟପାଳ ଏହି ବର୍ଷ ଫେବୃଆରୀ ମାସରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରକାଶ କରିବା ସହିତ ଅନେକ ନିଗମ କ୍ଷତିରେ ଚାଲିବା ତଥା ଏହିସବୁ ନିଗମ ତାଙ୍କର ବାର୍ଷିକ ଅଧିବେଶନ ଓ ବାର୍ଷିକ ବିବରଣୀ ଠିକ୍ ସମୟରେ ଉପସ୍ଥାପିତ ନକରିବା ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ବୋଲି ସମସ୍ତ ଅଧିକାରୀଙ୍କୁ ସତର୍କ କରିଛନ୍ତି।



ଏହି ନିଗମ ଓ ବୋର୍ଡ଼ମାନଙ୍କୁ ସୂଚାରୁରୂପେ ଚଳାଇବା ପାଇଁ ପରିଚାଳନା କ୍ଷେତ୍ରରେ ବୃତ୍ତିଗତ ବ୍ୟକ୍ତିଙ୍କ ନିଯୁକ୍ତିକୁ ସେ ପ୍ରାଧାନ୍ୟ ଦେଇଛନ୍ତି । ଏପରିକି ରାଜ୍ୟପାଳ ମହୋଦୟ ଏ ସମସ୍ତ ନିଗମକୁ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ପଞ୍ଜିକରଣ ପାଇଁ ପରାମର୍ଶ ଦେଇଛନ୍ତି । ଯଦି ନିଗମ ତଥା ବୋର୍ଡ଼ମାନଙ୍କର କାର୍ଯ୍ୟକାରିତା ଠିକ୍ ଭାବରେ ଚାଲିନାହିଁ ତେବେ ପରିଚାଳନାରେ ପାରଦର୍ଶିତା ଆଣିବା ଓ ଉନ୍ନତ ବୃତ୍ତିଗତ ଅଧିକାରୀମାନଙ୍କୁ ଅବସ୍ଥାପିତ କରିବାର ଆବଶ୍ୟକତା ଏହି ପରିପ୍ରେକ୍ଷୀ ରହିଛି । ନିର୍ବାଚନରେ ହାରିଯାଇଥିବା ଓ କୁଟ ରାଜନୀତିରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଅଧକ୍ଷ ପଦରେ ନିଯୁକ୍ତି ଦେବା ବିଜେପିର ସ୍ୱଚ୍ଛ ଭାବମୂର୍ତ୍ତି ତଥା ଏହାର ପରିବର୍ତ୍ତନ ମନ୍ତ୍ର ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିର୍ବାଚନ ସମୟରେ ବିଜେପିର ସବୁଠୁ ବଡ଼ ସଂକଳ୍ପ ଥିଲା, ବିଜେଡି ସରକାରଙ୍କ ଅବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା । ବିଜେପି ସରକାର ଆସିବା ପରେ ଅନେକ ନିଗମ ତଥା ବୋର୍ଡର ଅଧକ୍ଷ ଓ ସଦସ୍ୟମାନଙ୍କୁ ତୁରନ୍ତ ବରଖାସ୍ତ କରାଯାଇଥିଲା । ସେ ସମୟରେ ବିଜେପି ସରକାର କରଣ ଦର୍ଶାଇଥିଲେ ଯେ, ଏ ସମସ୍ତ ନିଯୁକ୍ତି ରାଜନୈତିକ ଲୋକମାନଙ୍କୁ ଥଇଥାନ କରିବା ପାଇଁ କରାଯାଇଥିଲା ଓ ସେମାନଙ୍କର ଅପାରଗତା ପାଇଁ ସେମାନଙ୍କୁ ବରଖାସ୍ତ କରାଯାଇଛି। ଏ ପରିସ୍ଥିତିରେ ବର୍ତ୍ତମାନର ଭାଜପା ବା ବିଜେପି ସରକାର ଯଦି କେବଳ ରାଜନୈତିକ ଲୋକମାନଙ୍କୁ ଥଇଥାନ କରିବା ପାଇଁ ନିଗମ ଓ ବୋର୍ଡ଼ରେ ନିଯୁକ୍ତିକୁ ଅପବ୍ୟବହାର କରନ୍ତି, ତେବେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପକ ହେବାର ଅନେକ ସମ୍ଭାବନା ଅଛି । ସାଧାରଣ ଲୋକଙ୍କ ମଧରେ ବର୍ତ୍ତମାନ ଆଲୋଚନା ହେଉଛି, ବିଜେପିର ପରିବର୍ତ୍ତନର ନାରା ନିଗମ ଓ ବୋର୍ଡ଼ ନିଯୁକ୍ତିରେ ବଳବତ୍ତର ରହିବ ନା ସଂକୀର୍ଣ୍ଣ ରାଜନୀତିର ଚାପରେ ଏହା ଦୁର୍ବଳ ହୋଇପଡ଼ିବ ନା ପୂର୍ବର ଅବ୍ୟବସ୍ଥାକୁ ବର୍ତ୍ତମାନର ବ୍ୟବସ୍ଥା ଭାବରେ ମାନି ନେବ। ବିଭିନ୍ନ ସାମାଜିକ ଗଣମାଧମରେ ଯେଉଁସବୁ ପ୍ରଶ୍ନ ଉଠୁଛି, ତାହାର ଠିକ ଉତ୍ତର ହେଲା- ଯୋଗ୍ୟତା ଓ ପରିଚାଳନା ପାରଦର୍ଶିତାର ମାପକାଠିରେ ନିଗମ ଓ ବୋର୍ଡ଼ ନିଯୁକ୍ତିରେ ସ୍ୱଚ୍ଛ ମାନଦଣ୍ଡ ହେଉ ।

ନିଯୁକ୍ତିରେ ସ୍ୱଚ୍ଛତା ଓ ପାରଦର୍ଶିତା ବିଜେପିର ଭାବମୂର୍ତ୍ତିକୁ ସୁଦୃଢ଼ କରିବା ସଙ୍ଗେସଙ୍ଗେ ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଅତୁଟ ବିଶ୍ୱାସ ସୃଷ୍ଟି କରିବ, ଯାହାକି ଆଗାମୀ ପଞ୍ଚାୟତ ନିର୍ବାଚନରେ ଅନେକ ପ୍ରଭାବ ପକାଇବ । ଅନ୍ୟ ପକ୍ଷରେ ପୂର୍ବ ସରକାରଙ୍କ ଥଇଥାନ ରାଜନୀତିକୁ ଆପଣାଇ ନେଲେ ବିଜେପିର ପାରଦର୍ଶିତା ଓ ରାଷ୍ଟ୍ରବାଦୀ ଦମ୍ଭୋକ୍ତି ମଧ ଧୂଳିସାତ ହେବ । ପୂର୍ବ ସରକାର ଓ ବର୍ତ୍ତମାନର ବିଜେପି ସରକାରଙ୍କ ମଧରେ କୌଣସି ନୀତିଗତ ପାର୍ଥକ୍ୟ ରହିବ ନାହିଁ । ଏ ସମସ୍ତ ନିଯୁକ୍ତିରେ ଏକ ନୀତିଗତ ନିଷ୍ପତ୍ତି ବିଜେପି ସରକାର ପାଇଁ ଏକ ଅଗ୍ନି ପରୀକ୍ଷା ସଦୃଶ ହେବ ବୋଲି ମତ ଦେଇଛନ୍ତି ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସୁଧାକର ପଣ୍ଡା।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ): ସଓ୍ୱତନ୍ତ୍ର ପୋକସ ଜଜ ପ୍ରଣତି ପଟ୍ଟନାୟକ ଶନିବାର ଜନୈକା ୯ ବର୍ଷର ଶିଶୁ କନ୍ୟା ବଳାତ୍କାର ମାମଲାର ଶୁଣାଣି କରିଛନ୍ତି । ବଡଗଡ ଥାନା ଅଞ୍ଚଳର ରୋହିତ ନାଇକ(୩୦)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ ରେ ଦଣ୍ଡିତ ପାଇଁ ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୩ ଜାନୁଆରୀ ୧୩ ତାରିଖରେ ଘର ଲୋକ ଦାଣ୍ଡରେ ଲାଗିଥିବା ନାଟକ ଦେଖୁଥିଲେ । ଘର ଭିତରେ ଥିବା ୯ ବର୍ଷର ଶିଶୁ ନିଖୋଜ ହୋଇଯାଇଥିଲେ । ଖୋଜାଖୋଜି ବେଳେ ଘର ବାରିପଟୁ ସେ କାନ୍ଦି କାନ୍ଦି ଆସୁଥିବା ଦେଖିବାକୁ ପାଇଥିଲେ । ଜଣେ ଯୁବକ ତାଙ୍କୁ ଉଠାଇ ନେଇ ଘର ପଛପଟେ ବଳାତ୍କାର କରିଥିବା ସେ ତାଙ୍କ ମା'ଙ୍କୁ କହିଥିଲା । ପରେ ଏନେଇ ବଡଗଡ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଅଭିଯୁକ୍ତ ରୋହିତ ନାଇକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେ ଏଯାବତ୍ ବ୍ରହ୍ମପୁର ମଣ୍ଡଳକାରାଗାରରେ ବନ୍ଦୀ ଭାବେ ଅଛନ୍ତି । ରାୟ ପ୍ରକାଶ ବେଳେ ତାଙ୍କ କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀ ମାନଙ୍କ ବୟାନ କୁ ଆଧାର କରି ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

## ଜଙ୍ଗଲ ନିକଟରେ ଚାଲିଥିଲା କରତ କଳ: ଲକ୍ଷାଧିକ ମୂଲ୍ୟର ଶାଗୁଆନ କାଠ ଜବତ

ଭଞ୍ଜନଗର ,(ସବ୍ୟୁ) : ଜଙ୍ଗଲ ନିକଟରେ ଚାଲିଥିଲା, ଭ୍ରାମ୍ୟମାଣ କରତ କଳ । ସୂଚନା ପାଇ ଘଟଣା ସ୍ଥଳରେ ଚଢ଼ାଉ କଲା ବନ ବିଭାଗର । ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରିୟ ବନାଞ୍ଚଳ ଅନ୍ତର୍ଗତ ଗାଙ୍ଗପୁର ସେକ୍ସନ ର ପର୍ଶୁଲୁଣ୍ଡା ବିଟ ର ବୁଢାକେନ୍ଦୁ ଜଙ୍ଗଲ ନିକଟରେ ଚଢ଼ାଉ କରିଥିଲା ବନ ବିଭାଗର । ବନାଞ୍ଚଳ ଅଧିକାରୀ ପୃଥିବୀରାଜ ପ୍ରଧାନ ଦେଇଥିବା ସୂଚନା ପ୍ରକାରେ, ଗୁରୁବାର ସନ୍ଧ୍ୟାରେ ସୂଚନା ପାଇ ଏହି ଚଢ଼ଉ ହୋଇଥିଲା । ଘଟଣା ସ୍ଥଳରୁ ୭୦ ସିଫଟି କାଠ ଜବତ ହୋଇଥିବା ବେଳେ, ଗୋଟିଏ ଟ୍ରାକଟର ରେ ଖଞ୍ଜା ହୋଇଥିବା କରତ କଳ ଏବଂ ଗୋଟିଏ ଟାଟା ଏସି ଗାଡ଼ି ଜବତ ହୋଇଛି । ଘଟଣା ସ୍ଥଳରୁ କାଠ ମାଫିଆ ଫେରାର ଥିବା ବନ ବିଭାଗ କହିଛି । ଘଟଣା ପ୍ରକାରେ ବନ ବିଭାଗକୁ ଚକମା ଦେବାପାଇଁ, ସଂପୃକ୍ତ କାଠ ମାଫିଆ ମାନେ ଗୋଟିଏ ଟ୍ରାକଟର ରେ କରତ କଳ ଖଞ୍ଜି ରଖିଛନ୍ତି । ବିଭିନ୍ନ ସ୍ଥାନକୁ ବୁଲି ବୁଲି ଚୋରା କାଠକୁ କାଟିବା ସହ, କାଠ ବ୍ୟବସାୟ କରୁଛନ୍ତି । ତେବେ ଗତ ଓଡିଶା ବନ୍ଦ ପାଳନ ବେଳେ କାଠ ମାଫିଆ ମାନେ ଏଭଳି କାରନାମା କରୁଥିବା ସଂକ୍ରାନ୍ତରେ ବନାଞ୍ଚଳ ଅଧିକାରୀ ଶ୍ରୀ ପ୍ରଧାନ କହୁଥିବା ବେଳେ, ଏହା ଦୀର୍ଘଦିନ ଧରି ଚାଲୁଥିବା ସନ୍ଦେହ କରାଯାଉଛି । ତେବେ ଗତ ଦିନ ମାନଙ୍କରେ ମଧ ଏଭଳି କରତ କଳ ଏବଂ ଚୋରା କାଠ କାରବାର ସଂକ୍ରାନ୍ତରେ ବନବିଭାଗ ଚଢ଼ାଉ କରି ସଫଳତା ପାଇଥିବା ବେଳେ, ଆସାମୀ ଖସି ଯାଇଥିଲେ । ଏବେ ବି ସମାନ ଅବସ୍ଥା । ବନ ବିଭାଗର ଚଢ଼ାଉରେ ସଫଳତା ମିଳୁଛି, ହେଲେ କାଠ ମାଫିଆ ଧରା ପଡୁନାହାଁନ୍ତି । ଏହାକୁ ନେଇ ମଧ ବନ ବିଭାଗର କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ସୃଷ୍ଟି ହେଉଛି ।ଏହି ଚଢ଼ାଉରେ କେନ୍ଦ୍ରିୟ ଓ ମୁଜାଗଡ ବନାଞ୍ଚଳ କର୍ମଚାରୀମାନେ ଭାଗ ନେଇଥିଲେ । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ, ଚାଲିଥିବା ଚୋରା କାଠ ରାକେଟ ର ମାଷ୍ଟର ମାଇଣ୍ଡ ଧରାପଡିବ ବୋଲି କୁହାଯାଉଛି ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କିସାନ ଦିବସ କାର୍ଯ୍ୟକ୍ରମ




ଭୁବନେଶ୍ୱର, (ସବ୍ୟୁ): ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ କିସାନ୍ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ରାଜେଶ ଏସ୍ ଇଙ୍ଗଲେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରାଷ୍ଟା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲିକ, ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ. ସୂର୍ଯ୍ୟ ନାରାୟଣ ମିଶ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ଏଥିରେ ୫ଜଣ ପୁରସ୍କାରପ୍ରାପ୍ତ କୃଷକଙ୍କୁ ମଧ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଞ୍ଚ ଶହ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ। ଏଥିରେ ଯୋଗ୍ୟ କୃଷକମାନଙ୍କୁ କୃଷି ଋଣ ଏବଂ ଆନୁଷଙ୍ଗିକ ସେବା ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ପିପିଲି ଓଡିଶା ଆଦର୍ଶ ବିଦ୍ୟାଳୟର ମିଳିତ ସହଯୋଗରେ ସ୍କୁଲ ପରିସରରେ ୨ ଶହ ବୃକ୍ଷ ରୋପଣ କରାଯାଇଥିଲା। ସ୍କୁଲ ପରିସରକୁ ପରିବେଶ ଅନୁକୂଳ ସବୁଜ କ୍ୟାମ୍ପସରେ ପରିଣତ କରିବା ପାଇଁ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ବିଭୂତି ଭୂଷଣ ମଣ୍ଡଳଙ୍କୁ ସମ୍ମାନୀତ କରାଯାଇଥିଲା।

## ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ହନୁମାନ ଚାଳିଶା

ଛତ୍ରପୁର, (ସବ୍ୟୁ):ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ପାରାୟଣ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶଙ୍କ ପୌରହିତରେ ସଂସ୍କୃତ ପଣ୍ଡିତ ମନୋରଞ୍ଜନ ଦାଶ ଓ କୈଳାଶ ଚନ୍ଦ୍ର ଶତପଥି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସନ୍ଥ ଅନୁରାଗ ଚୈତନୟ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଆଡଭୋକେଟ ପ୍ରଦୀପ କୁମାର ପାଢ଼ୀ ,ଗଙ୍ଗାଧର ପଣ୍ଡା ,ଉମାକାନ୍ତ ତ୍ରିପାଠୀ, ଡଃ ଅଜୟ ତ୍ରିପାଠୀ, ଅଭିଭାବକ ଓ ଅଭିଭାବିକା ଯୋଗ ଦେଇଥିଲେ । ପରିଚାଳନା ସମିତିର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ସଦସ୍ୟ ରାମପ୍ରସାଦ ରାଓ ଓ ମାତୃଭାରତୀର ସଦସ୍ୟମାନେ ସହଯୋଗ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ସମସ୍ତ ଗୁରୁଜୀ ଗୁରୁମା,ଅଭିଭାବକ ଓ ଶିଶୁମାନେ ସହଯୋଗ କରିଥିଲେ ।

# ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ବାରିପଦା, (ସବୁଯ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ବାରିପଦା ଅତିରିକ୍ତ ଜିଲ୍ଲା ବିଚାରପତି-୨ ସୁମନ କୁମାର ମିଶ୍ର ଅଭିଯୁକ୍ତ ବିଶିକେଶନ ସାହୁଙ୍କୁ ଏକବର୍ଷ ଜେଲଦଣ୍ଡ ଆଦେଶ ଶୁଣାଇବ ସହ ୪ଲକ୍ଷ ୮ହଜାର ୭ଶହ ୮୬ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୩ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ବ୍ୟାଙ୍କ ପକ୍ଷରୁ ଓକିଲ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ବିଶିକେଶନ ସାହୁ ବାରିପଦା ଟାଉନ ଥାନା ଅଞ୍ଚଳ ଲାଲବଜାର ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବାରିପଦା ଶାଖାରୁ ୨ଲକ୍ଷଟଙ୍କା ବ୍ୟବସାୟ ପାଇଁ ଏକ ଋଣ ନେଇଥିଲେ। ଏହି ଋଣ ପରିଶୋଧ ପାଇ ଏକ ଚେକ୍ ଟ.୨,୦୪,୩୭୮ଙ୍କା ବ୍ୟାଙ୍କରେ ପ୍ରଦାନ କରିଥିଲେ। ଚେକ୍‌ଟି ବାଉନ୍ସ ହୋଇଯିବାରୁ ବ୍ୟାଙ୍କ ର ମ୍ୟାନେଜର ଏସଡିଜେଏମ୍ କୋର୍ଟଙ୍କ ନିକଟରେ ଏକ ଆଇସିସି ନଂ- ୯୦/୨୦୨୧ ଏକ ମାମଲା ଦାୟର କରିଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲାଟି ଜେଏମଏଫସିଙ୍କ କୋର୍ଟକୁ ଟ୍ରାନ୍ସଫର ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉକ୍ତ ଆଦେଶ ବିରୋଧରେ ଅଭିଯୁକ୍ତ ଜିଲ୍ଲା ଦୌରା ଜଜ୍ ବାରିପଦାଙ୍କ ଅଦାଲତରେ ଏକ ଅପିଲ ନଂ- ୫୫/୨୦୨୪ ଫାଇଲ୍ କରିଥିଲେ। ଏହି ମାମଲାଟି ଅତିରିକ୍ତ ଜିଲ୍ଲା ବିଚାରପତି-୨ଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା।

## ବିଶ୍ୱ ହିନ୍ଦୁ ପରିଷଦ ମୟୂରଭଞ୍ଜ ପୂର୍ବ ଜିଲ୍ଲା ବାରିପଦାରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ

ବାରିପଦା, (ସବୁଯ) : ବିଶ୍ୱ ହିନ୍ଦୁ ପରିଷଦ ମୟୂରଭଞ୍ଜ ପୂର୍ବ ଜିଲ୍ଲା ବାରିପଦା ଠାରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ବିଶ୍ୱ ହିନ୍ଦୁ ପରିଷଦର ୬୦ତମ ପ୍ରତିଷ୍ଠା ଦିବସ ଆଗାମୀ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଦିନ ପଡୁଥିବାରୁ ଜିଲ୍ଲାର ପ୍ରତେକ୍ୟ ଖଣ୍ଡ, ପ୍ରଖଣ୍ଡରେ କିପରି ଧୁମଧାମରେ ପାଳନ କରାଯାଇ ପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ଜିଲ୍ଲାରେ ମିଶନାରୀ ମାନେ ନିରୀହ ସରଳ ଆଦିବାସୀ ମାନଙ୍କ ଧର୍ମ ପରିବର୍ତ୍ତନ ଦୃତ ବେଗରେ କରାଉଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା।

ଏହାକୁ କିପରି ବନ୍ଦ କରାଯାଇ ପାରିବ ଏଥିପାଇଁ ସଂଗଠନର ସମସ୍ତ କର୍ମକର୍ତ୍ତା ବୁଦ୍ଧିଜୀବୀ, ଯୁବପିଢ଼ି, ମାତୃଶକ୍ତୀ ମୁଖ୍ୟତଃ ଆଦିବାସୀ ନେତା ମାନଙ୍କ ପାଖକୁ ଯାଇ ସଚେତନତା ସୃଷ୍ଟି କରିବା ସହ ଜିଲ୍ଲାପ୍ରଶାସନ ପାଖରେ ଦୃଢ଼ ଦାବି ଉଂାପନ କରିବା ପରିବେଶ ସଚେତନତା ସୃଷ୍ଟି ପାଇଁ ପ୍ରତି ଗାଁ ପଞ୍ଚାୟତ ରେ ବୃକ୍ଷରୋପଣ କୁ ପ୍ରାଧାନ୍ୟ ଦିଆଯିବା ଜିଲ୍ଲା ସଂପାଦକ ଦୟାନିଧି ଦାସଙ୍କ ଆହ୍ୱାନ କ୍ରମେ ଆଜିର ବୈଠକରେ ଜିଲ୍ଲାସଭାପତି ନରେନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ପୂର୍ବତନ ଜିଲ୍ଲାସଭାପତି ଅଜୟ ପାଲ, ଉପସଭାପତି ଅବନୀ ପତି, ସହ ସଂପାଦକ ରଞ୍ଜନ ମିଶ୍ର, ଦୀପକ ମଲ୍ଲିକ, ହରିହର ପଣ୍ଡା, ମୃତ୍ୟୁଞ୍ଜୟ ଦାସ, ଦିବାକର ତ୍ରିପାଠୀ, ବାସୁଦେବ ପଣ୍ଡା ଯୋଗେଶ୍ୱର ଦଣ୍ଡପାଟ, ରାଧାରଞ୍ଜନ ଦଣ୍ଡପାଟ, କଳ୍ପତରୁ ରାୟବାବୁ, ମାନସ ପାତ୍ର, ବିରଞ୍ଚି ନାରାୟଣ ବେହେରା, ଗୌତମ ଦାସ ଓ ବିମଳ ଅଧିକାରୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ



ବ୍ରହ୍ମପୁର,(ସବ୍ୟୁ): ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମ ତଳ ସାହି ନିକଟ ଶଙ୍ଖଠାରେ ଶୁକ୍ରବାର ରାତ୍ର ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା । ବ୍ୟବସାୟୀ ଗଙ୍ଗାଧର ପଣ୍ଡା କାତି ଚୋଟରେ ଗୁରୁତର ହୋଇଥିଲେ । ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଲାଠି ପାଢ଼ୀ ସାହି ନିକଟରେ ରହୁଥିବା ସୀମାଞ୍ଚଳ ବିଷୋୟୀ ଓରଫ ଜଡ଼ା(୩୯) । ପୋଲିସ ଘଟଣାରେ ବ୍ୟବହୃତ କାତି ଜବତ କରିଛି । ସେ ଜଣେ ଭିନକ୍ଷମ ବୋଲି ପୋଲିସ କହିଛି ।ମାମଲା ନଂ୩୨୧/୨୫ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ବ୍ରହ୍ମପୁର ଏସପି ଡା. ସର୍ଣ୍ଣା ବିବେକ ଏମ ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଉକ୍ତ ବ୍ୟବସାୟୀ ଜଣଙ୍କ ଲାଠି ଗ୍ରାମରେ କୀଟନାସକ ଔଷଧ ଦୋକାନ କରିଛନ୍ତି ।ଗତ ୨ମାସ ପୂର୍ବେ ଅଭିଯୁକ୍ତ ସୀମାଞ୍ଚଳ ଗଙ୍ଗାଙ୍କ ଦୋକାନ ନିକଟକୁ ଆସି କହିଥିଲେ କି ତାଙ୍କ ଭାଇ ମେହେଙ୍ଗାଳ ବିଷୋୟୀ ମାନସିକ ଚିନ୍ତାରେ ରହୁଛି । କେତେବେଳେ ଆତ୍ମହତ୍ୟା କରିଦେବ । ଭାଇ ଯଦି ଦୋକାନକୁ ଆସିବ ତେବେ କିଛି କୀଟନାଶକ ଔଷଧ ନ ଦେବାକୁ ସେ କହିଥିଲେ । କିଛିଦିନ ତଳେ ମେହେଙ୍ଗାଳ ଉକ୍ତ ବ୍ୟବସାୟୀଙ୍କ ନିକଟରୁ କୀଟନାଶକ ନେଇ ତାହା ପାନ କରି ଆତ୍ମହତ୍ୟା କରିଥିଲେ ବୋଲି ସେ ସନ୍ଦେହ କରିଥିଲେ । । ଭାଇର ମୃତ୍ୟୁ ପରେ ସୀମାଞ୍ଚଳ ପ୍ରତିଶୋଧ ପରାୟଣ ହୋଇପଡିଥିଲେ । ବ୍ୟବସାୟୀଙ୍କୁ ଆକ୍ରମଣ କରିବା ପାଇଁ ସେ ଯୋଜନା କରିଥିଲେ । ଶନିବାର ରାତିରେ ବ୍ୟବସୟୀ ଜଣଙ୍କ ନିଜର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ସୀମାଞ୍ଚଳ ତାଙ୍କ ପଛପଟୁ କାତିରେ ମରଣାନ୍ତକ ଆକ୍ରମଣ କରିଥିଲା । ଯାହାଫଳରେ ବ୍ୟବସୟୀଙ୍କ ମୁଣ୍ଡ ଓ ଛାତିରେ ଗଭୀତ ଆଘାତ ଲାଗିଥିଲା । ଖବର ପାଇ ତାଙ୍କ ପୁଅ ଅୟୁଷମାନ ପଣ୍ଡା ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ପରେ ସେ ଏନେଇ ଉକ୍ତ ଥାନାରେ ଅଭିଯୋଗ କରିଥିଲେ ।

# ଆନ୍ଦୋଳନ ପରେ ବଦଳିଲେ ଏମ୍‌ପିସି ସ୍ୱୟଂଶାସିତ କଲେଜ ପରୀକ୍ଷା ନିୟନ୍ତ୍ରକ




ବାରିପଦା, (ସବୁଯ) : ବଦଳିଲେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟୋନ୍ତ୍ରୋକ । କାର୍ଯ୍ୟରେ ଅବହେଳା ପାଇଁ ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି କଲେଜ ଅଧକ୍ଷା । ତାଙ୍କ ସ୍ଥାନରେ ବଟାନି ଡିପାଟମେଣ୍ଟର ସହାୟକ ପ୍ରଫେସର ଅନନ୍ତ କୁମାର ନାୟକଙ୍କୁ ଆଜି ନୂତନ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ତେବେ କଲେଜର ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ସମାସ୍ୟା ସହିତ ଠିକ୍ ସମୟରେ ସିଲାବସ କମ୍ପ୍ଲିଟ୍ ନହେବା, ଠିକ୍ ସମୟରେ ପରୀକ୍ଷା କରାନଯିବା ଏବଂ ପରୀକ୍ଷା ପରେ ମାସମାସ ଧରି ରେଜଲଫ ପ୍ରକାଶ ନପାଇବା ଘଟଣାର ଅଭିଯୋଗ କରି ଗତକାଲି ଛାତ୍ରଛାତ୍ରୀ ମାନେ କଲେଜ ଗେଟ୍‌ରେ ତାଲାମାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିଲେ ମଧ ଏହାର କୌଣସି ସମାଧାନର ରାସ୍ତା ନହେବାରୁ ଛାତ୍ରଛାତ୍ରୀ ମାନେ ସନ୍ଧ୍ୟା ସମୟରେ ବାଧ ହୋଇ କଲେଜ ସମ୍ମୁଖରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଖାପାଖି ୫କିଲୋମିଟର ରାସ୍ତା ଚାଲି ଚାଲି ଯାଇ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ ।

ତେବେ ଜିଲ୍ଲାପାଳ ଏକ କମିଟି ପ୍ରସ୍ତୁତ କରି ଏହି ଘଟଣାର ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେବାପରେ ପିଲାମାନେ ଆନ୍ଦୋଳନ ରୁ ଓହୋରି ଥିଲେ । ତେଣୁ ଏହି ଘଟଣାକୁ ନେଇ ଆଜି ବାଲେଶ୍ୱର ରୁ ରିଜିଓନାଲ ଡାଇରେକଟର ଅଫ୍ ଏଜୁକେସନ୍ ବିଭାଗ ଅଧିକାରୀଙ୍କ ସହ ଅତିରିକ୍ତ ଜିଲ୍ଲାପାଳ କଲେଜ ଅଧକ୍ଷାଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଛାତ୍ରଛାତ୍ରୀଙ୍କ ଅନେକ ସମାସ୍ୟାର ସମାଧାନ କରାଯାଇଥିଲା ଏବଂ ମୁଖ୍ୟଦାବି ମୁତାବକ ପରୀକ୍ଷା ନିୟନ୍ତ୍ରୋକଙ୍କୁ ପରିବର୍ତ୍ତନ କରି ନୂତନ ପରୀକ୍ଷା ନିୟନ୍ତ୍ରଣ ଦାୟିତ୍ୱ ଦେଇଛନ୍ତି କଲେଜ କର୍ତ୍ତୃପକ୍ଷ ।

# ମୌଳିକ ଶିକ୍ଷାକୁ ସୁଦୃଢ଼ କରିବା ନିମନ୍ତେ "କମାଲର କ୍ୟାମ୍ପ"

ଭୁବନେଶ୍ୱର (ସବ୍ୟୁ): ଗ୍ରୀଷ୍ମକାଳୀନ ଛୁଟିରେ ପିଲାମାନଙ୍କ ମୌଳିକ ଶିକ୍ଷାକୁ ସୁଦୃଢ଼ କରିବା ନିମନ୍ତେ ଆତ୍ମଶକ୍ତି ଟ୍ରଷ୍ଟ ଓ ପ୍ରଥମ ଏଜୁକେସନ ଫାଉଣ୍ଡେସନର ମିଳିତ ପ୍ରୟାସରେ "କମାଲ ର କ୍ୟାମ୍ପ" ନାମରେ ଏକ କାର୍ଯ୍ୟକ୍ରମ ଜାରି ରହିଛି ଓ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନାଚ, ଗୀତ, ଓ ବିଭିନ୍ନ ଖେଳ ମାଧ୍ୟମରେ ପାଠ ସହିତ ଯୋଡି ରଖିବା ପାଇଁ ଏହା ଏକ ଅଭିନବ ପ୍ରୟାସ ଓ ଭାରତର ନୂତନ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ରେ ପିଲାମାନଙ୍କ ମୌଳିକ ସ୍ୱାକ୍ଷରତା ଏବଂ ସଂଖ୍ୟା ସ୍ୱାକ୍ଷରତାକୁ ପ୍ରାଧାନ୍ୟ ଦିଆଯାଇଛି । କିନ୍ତୁ, ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଏ.ଏସଇ.ଆର) ୨୦୨୪ ଅନୁଯାୟୀ, ରାଜ୍ୟରେ ସରକାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ପିଲାମାନଙ୍କ ମଧ୍ୟରୁ କେବଳ ୫୯.୫% ପିଲାମାନେ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ପଢାଯାଉଥିବା ପାଠକୁ ପଢିବାରେ ସକ୍ଷମ ଅଛନ୍ତି । ଯାହାକି, ପିଲାମାନଙ୍କ ମୌଳିକ ଶିକ୍ଷା ଭିତ୍ତିକ ଅସୁବିଧାକୁ ଦର୍ଶାଉଛି । ବିଶେଷତଃ, ଜଣାପଡିଛି ଯେ କୋଭିଡ ମହାମାରୀ ସମୟରେ ପ୍ରାରମ୍ଭିକ ଶିକ୍ଷାରୁ ବଞ୍ଚିତ



ପିଲାମାନେ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଶେଷତଃ ଗ୍ରାମାଞ୍ଚଳରେ ଗ୍ରୀଷ୍ମକାଳୀନ ଛୁଟି ସମୟରେ ପିଲାମାନଙ୍କ ପାଠପଢ଼ାରେ ବିରତି ପରେ ପୁନର୍ବାର ବିଦ୍ୟାଳୟକୁ ଫେରିବା ସମୟ ରେ ପିଲାମାନେ ନିଜର ଶ୍ରେଣୀ ଭିତ୍ତିକ ପାଠକୁ ବୁଝିବାରେ ଅସମର୍ଥ ହେଉଛନ୍ତି ଓ ତେଣୁ, ଶିକ୍ଷା ଓ ପିଲାମାନଙ୍କ ଭିତରେ ଗଢିଉଠୁଥିବା ଏହି ବ୍ୟବଧାନକୁ ଦୂର କରିବା "କମାଲ ର କ୍ୟାମ୍ପ"ର ଏକମାତ୍ର ଲକ୍ଷ ଓ ଯେଉଁଥିରେ ଗ୍ରାମାଞ୍ଚଳର ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଚିହ୍ନଟ ଓ ପ୍ରଶିକ୍ଷଣ ପ୍ରଦାନ ସହିତ ଗ୍ରାମାଞ୍ଚଳର ପିଲାମାନଙ୍କର ମୌଳିକ ଶିକ୍ଷା ଦକ୍ଷତାକୁ ଉନ୍ନତ କରିବା ପାଇଁ ଚତୁର୍ଥ ରୁ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ପିଲାଙ୍କ ନିମନ୍ତେ ଏକ ୬ ସପ୍ତାହ ବିଶିଷ୍ଟ ମଡ୍ୟୁଲ ପ୍ରସ୍ତୁତ କରିବା ସହିତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀଙ୍କ ଅଂଶୀଦାର ସହିତ ସମ୍ପ୍ରଦାୟର ସହଯୋଗିତାକୁ ମଧ ପ୍ରାଧାନ୍ୟ ଦିଆଯାଇଛି । ଯାହାଦ୍ୱାରା ମୌଳିକ ଶିକ୍ଷା ଦିଗରେ ସଚେତନତା ବୃଦ୍ଧି ସହିତ ଶିକ୍ଷା କ୍ଷେତ୍ରରେ ପିଲାମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯାଇ ପାରିବ।

କମାଲ ର କ୍ୟାମ୍ପ"ର ସୁପରିଚାଳନା ନିମନ୍ତେ ଆତ୍ମଶକ୍ତି ଟ୍ରଷ୍ଟ ରାଜ୍ୟର ୧୭ଟି ଜିଲ୍ଲାର ୯୮ ବ୍ଲକ ଅନ୍ତର୍ଗତ ୨୮୮୪ ଟି ଗାଁରେ ମୋଟ ୬୯୩୬ ଜଣ ଯୁବ ସ୍ୱେଚ୍ଛାସେବୀଙ୍କୁ ନେଇ ୫,୦୪୭ ଟି "ସମର କ୍ୟାମ୍ପ" କେନ୍ଦ୍ର ଖୋଲାଯାଇଥିଲା ଓ ଯେଉଁଥିରେ ମୋଟ ୫୫,୧୪୭ ପିଲା ଏକ ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ଜରିଆରେ କାହାଣୀ କହିବା, ଭାଷାର ଖେଳ, ଗଣିତ ଖେଳ, ମାତ୍ରାକ୍ଷର, କାହାଣୀ ଓ ଅନ୍ୟାନ୍ୟ ମନୋରଞ୍ଜନ ଭିତ୍ତିକ ପାଠ୍ୟକ୍ରମରେ ଅଛି, ଯାହାଦ୍ୱାରା ପିଲାମାନେ ଖେଳ, କୌତୁକ ସହିତ ନିଜର ମୌଳିକ ଶିକ୍ଷାକୁ ସୁଦୃଢ଼ କରିପାରିଛନ୍ତି ।

# ଆଶ୍ରମ ବିଦ୍ୟାଳୟ ଛାତ୍ର ଆତ୍ମହତ୍ୟା ଘଟଣା: ପ୍ରଧାନ ଶିକ୍ଷକ ନିଲମ୍ବିତ



ନୂଆପଡ଼ା ,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସାହାଜେଟ ସ୍ଥିତ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଶ୍ରମ ବିଦ୍ୟାଳୟ ପରିସର ମଧ୍ୟରେ ଜଣୈକ ଅଷ୍ଟମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଖରିଆର ଥାନା ଅନ୍ତର୍ଗତ ବଡ଼ ମହେଶ୍ୱର ଗ୍ରାମର ତୁଳସୀଦାସ ବନଛୋରଙ୍କ ପୁଅ ଅଶ୍ୱିନୀ ଦାସ (୧୫) ଉକ୍ତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ରେ ପଢୁଥିଲେ। ସମ୍ପୃକ୍ତ ଛାତ୍ର ଜଣକ ପଛୁଆ ବର୍ଗର ହୋଇଥିବାବେଳେ ଉକ୍ତ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଜଗଦୀଶ ନାଗଙ୍କ ସମ୍ପର୍କୀୟ ଭଣଜା ହୋଇଥିବା ହେତୁ ଆଦିବାସୀ ହରିଜନ ବର୍ଗର ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସରେ ରହିବାକୁ କୌଣସି ପ୍ରକାରେ ସମର୍ଥ ହୋଇଥିଲେ। ସହପାଠୀ ଅନ୍ତେବାସୀ ମାନଙ୍କ କହିବା ପ୍ରକାରେ ସେମାନେ ଏକାଠି ଛାତ୍ରାବାସରେ ରହୁଥିଲେ ଓ ୧୬ ଜୁଲାଇ ୨୦୨୫ ରାତ୍ରୀ ରେ କନ୍ଦାକାନ୍ଦି କରୁଥିଲେ। ସେ କାହିଁକି କାନ୍ଦୁଛନ୍ତି ବୋଲି ସହପାଠୀ ମାନେ ପଚାରିଥିଲେହେଁ କୌଣସି କାରଣ କହି ନଥିଲେ। ରାତ୍ରୀ ଭୋଜନ ପରେ ସେ ଛାତ୍ରାବାସ ରେ ଅନୁପସ୍ଥିତ ଥିବା ଜାଣି ସହପାଠୀ ମାନେ ରାନ୍ଧୁଣି ଙ୍କୁ ଜଣେଇ ଖୋଜାଖୋଜି କରି ତାଙ୍କୁ ଛାତ୍ରାବାସରୁ ମାତ୍ର ୫୦ ଫୁଟ ଦୂର ଏକ ମହୁଲ ଗଛରେ ବେକରେ ଏକ ସାଲକୁ ବାନ୍ଧି ଝୁଲୁଥିବା ଦେଖି ସହକାରୀ ଶିକ୍ଷକ ତଥା ସହକାରୀ ତତ୍ତ୍ୱାବଧାରକ ଲୋଚନ ଶବରଙ୍କୁ ଫୋନ୍ ଯୋଗେ ଜଣେଇ ଥିଲେ। ସେ ତରବୋଡ଼ରୁ ଆସି ଘଟଣା ସମ୍ବନ୍ଧେ ଅବଗତ ହୋଇ ଥିଲେ। ରାନ୍ଧୁଣି ଓ ସହପାଠୀ ଛାତ୍ରଙ୍କ ସହାୟତାରେ ଗଛରୁ ଛାତ୍ର ଜଣକୁ ଉଦ୍ଧାର କରାଯାଇସାରିଥିବା ଦେଖି ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉପରୋକ୍ତ ଘଟଣାର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ଜିଲ୍ଲାପାଳ ପ୍ରଧାନ ଶିକ୍ଷକ ହର୍ଦ୍ଦେବ ହଂସଙ୍କୁ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଉପରୋକ୍ତ ଆଶ୍ରମ ବିଦ୍ୟାଳୟ ଛାତ୍ରର ଆତ୍ମହତ୍ୟା ସୁସାଇଡ ନୋଟରେ କଣ ଉଲ୍ଲେଖ ଅଛି ? ବେନିୟମ ଭାବେ ପଛୁଆ ବର୍ଗର ଛାତ୍ରଙ୍କୁ ଛାତ୍ରାବାସରେ ରଖାଯାଇଥିବାରୁ ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ଶିକ୍ଷକ ଜଗଦୀଶ ନାଗ ସମେତ ଅନ୍ୟାନ୍ୟ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯିବ ବୋଲି ସାଧାରଣରେ ଦାବି ହେଉଛି।

## ବିଦ୍ୟୁତ ଆଘାତରେ ଅଙ୍ଗନୱାଡି କର୍ମୀ ଗୁରୁତର

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ବୋଦେଲ ଗ୍ରାମର ଅଙ୍ଗନୱାଡି କର୍ମୀ ନଦୀକୁ ଗାଧୋଇବାକୁ ଯାଉଥିବା ବେଳେ ଓହଳି ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାରୁ ପ୍ରକାଶ ଯେ, ବୋଦେଲ ଗ୍ରାମର ଅଙ୍ଗନୱାଡି କର୍ମୀ ପଦ୍ମାସିନି ଶବର ନିକଟସ୍ଥ ହାତୀ ନଦୀକୁ ଗାଧୋଇବାକୁ ଯାଉଥଲା ସମୟରେ ବର୍ଷା ହେଉଥିବାରୁ ଛତା ଧରି ଯାଉଥିବା ବେଳେ ହାତୀନଦୀ ପାର୍ଶ୍ୱ ରେ ଓହଳି ଥିବା ବିଦ୍ୟୁତ ତାର ପଦ୍ମାସିନିଙ୍କ ଛତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଗୁରୁତର ଆହତ ହୋଇ ତଳେ ପଡି ଯାଇଥିଲେ। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପଦ୍ମାସିନିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିଦ୍ୟୁତ ବିଭାଗର ଖାମଖିଆଳି ମନୋଭାବ ଯୋଗୁଁ ମହିଳାଙ୍କ ଅକାଳ ମୃତ୍ୟୁ ହୋଇ ଯାଇଥାନ୍ତା। ତେଣୁ ତୁରନ୍ତ ବିଦ୍ୟୁତ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ନୂଆ ଜୀବନ ଦେଲା ସୁନ୍ଦରଗଡ଼ ମେଡ଼ିକାଲ୍ କଲେଜ

ସୁନ୍ଦରଗଡ଼,(ସବ୍ୟୁ):ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ ସର୍ଜରୀ ବିଭାଗଙ୍କ ସମୟୋଚିତ ଓ ସଠିକ୍ ଚିକିତ୍ସା ହେତୁ ଜଣେ ଅତି ଗୁରୁତର ରୋଗୀ ନୂଆ ଜୀବନ ପାଇଛନ୍ତି। ଏହି ବିଭାଗର ତୁରନ୍ତ ଓ ଉଚ୍ଚମାନର ସେବା ପାଇଁ ରୋଗୀଙ୍କର ପରିବାର ବର୍ଗ ଅପରେସନ କରିଥିବା ଟିମ୍, ଡାକ୍ତର, ଷ୍ଟାଫ୍ ଏବଂ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଚଳିତ ମାସ ୧୬ ତାରିଖ ଦିନ ପ୍ରାୟ ରାତି ୯ ଟା ସମୟରେ କିଞ୍ଜିରିକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖାପାଖି ଅଞ୍ଚଳରେ ଜଣେ ୪୦ ବର୍ଷ ବୟସ୍କ ପୁରୁଷଙ୍କ ତଳିପେଟରେ ଛୁରୀ ଦ୍ୱାରା ଗଭୀର ଆଘାତ ହୋଇଥିଲା। ତାଙ୍କୁ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଡ଼ମିଶନ କରାଯାଇଥିଲା। ଆବଶ୍ୟକୀୟ ଚିକିତ୍ସା ପରେ ରୋଗୀଙ୍କର ତଳିପେଟରେ କ୍ଷତ ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲକୁ ଅଣାଯାଇଥିଲା। ପେଟରେ କ୍ଷତ ହୋଇ ଅନ୍ତନଳୀର କିଛି ଅଂଶ ବାହାରି ଆସିଥିଲା। ୧୭ ତାରିଖ ଦିନ ସେ ମେଡିକାଲ କଲେଜ ହସ୍ପିଟାଲ ଆଶୁ ଚିକିତ୍ସା କେନ୍ଦ୍ରରେ ଆଡ଼ମିଶନ ହୋଇଥିଲେ। ସେଠାରେ ଆବଶ୍ୟକୀୟ ଚିକିତ୍ସା ସହ ରୋଗୀଙ୍କୁ ସ୍ୱାଭାବିକ କଳାପରେ ୱାର୍ଡକୁ ପଠାଯାଇଥିଲା। ତୁରନ୍ତ ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା କରାଯାଇ ସେହିଦିନ ତାଙ୍କର ଅପରେସନ ନିମନ୍ତେ ଯୋଜନା କରାଯାଇଥିଲା। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ବିଶେଷଜ୍ଞ ସର୍ଜରୀ ଟିମ୍ ଗଠନ କରାଯାଇଥିଲା। ଆସୋସିଏଟ ପ୍ରଫେସର ଡ଼ା. ରବି ନାରାୟଣ ଗୁରୁ, ସହକାରୀ ପ୍ରଫେସର ଡ଼ା. ଅରବିନ୍ଦ ଝା, ବରିଷ୍ଠ ଆବାସିକ ଡାକ୍ତର ଅଭିଜିତ, ନିଶେତକ ଡ଼ା. ମିନାକ୍ଷୀ ପାଣ୍ଡେ ଆଦି ପ୍ରମୁଖ ଟିମ୍‌ରେ ସାମିଲ ହୋଇଥିଲେ। ପ୍ରଫେସର ପି.କେ ଦଳେଇ ଏବଂ ଅତିରିକ୍ତ ଅଧକ୍ଷ ଲକ୍ଷ୍ମୀଧର ପାଢୀଙ୍କ ଯୁଗ୍ମ ତତ୍ତ୍ୱାବଧାନରେ ସମୁଦାୟ ସର୍ଜରୀ ପ୍ଲାନ୍ ପ୍ରସ୍ତୁତ ହୋଇଥିଲା।ସେହି ୧୭ ତାରିଖ ଦିନ ରୋଗୀଙ୍କର ଅପରେସନ କରାଗଲା। ଅପରେସନ ପ୍ରକ୍ରିୟା ପ୍ରାୟ ୨ ଘଣ୍ଟା ଧରି ଚାଲିଲା। ଶେଷରେ ଅପରେସନ ଶେଷ ହେଲା ଏବଂ ଏକ ପ୍ରକାର ଜୀବନ ଆଶା ହରେଇଥିବା ରୋଗୀ ନୂଆ ଜୀବନ ପାଇଲେ। ବର୍ତ୍ତମାନ ରୋଗୀ ୱାର୍ଡରେ ଅଛନ୍ତି ଏବଂ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଡାକ୍ତରମାନେ ପୂର୍ଣ୍ଣ ଦୃଷ୍ଟି ରଖିଛନ୍ତି। ତାଙ୍କର ଶାରୀରିକ ଅବସ୍ଥାରେ ଭଲ ଉନ୍ନତି ଘଟୁଛି ବୋଲି ଚିକିତ୍ସା କରୁଥିବା ଡ଼ାକ୍ତର କହିଛନ୍ତି।

ମେଡିକାଲ କଲେଜର ଅତିରିକ୍ତ ଅଧକ୍ଷ ପ୍ରଫେସର ପାଢ଼ୀ କହିଛନ୍ତି ଯେ ''ବର୍ତ୍ତମାନର ଆରୋଗ୍ୟ ହାର ବଜାୟ ରଖିଲେ ପ୍ରାୟ ୭ ଦିନ ମଧ୍ୟରେ ରୋଗୀଙ୍କୁ ହସପିଟାଲରୁ ଡିସଚାର୍ଜ କରାଯିବ ଏବଂ ଡିସଚାର୍ଜର ୭ ଦିନ ପରେ ତାଙ୍କ ଅବସ୍ଥାରେ ପୁନଃ ନିରୀକ୍ଷଣ କରାଯିବ। ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ୍ କଲେଜ ସର୍ଜରୀ ବିଭାଗ ଏକ ବର୍ଷ ତଳେ ୨୦୨୪ ଜୁଲାଇ ମାସରେ କାର୍ଯ୍ୟାରମ୍ଭ କରିଥିଲା। ଇତି ମଧ୍ୟରେ ଏହି ବିଭାଗ ନିଜର କର୍ମ ତତ୍ପରତା ଏବଂ ସଠିକ୍ ସେବା ଯୋଗୁ ସ୍ଥାନୀୟ ଜନସାଧାରଣଙ୍କ ବେଶ ଆସ୍ଥାଭାଜନ ହୋଇ ପାରିଛି।

# ନିଷ୍ଠା,ସମତା ଓ ଅନ୍ତର୍ଭୁକ୍ତ ଶିକ୍ଷା ତାଲିମ ଶିବିର ଉଦଯାପିତ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଥିବା ପଞ୍ଚାୟତି ଉଚ୍ଚ ବିଦ୍ୟାଳୟରେ ଗତ ୧୪ତାରିଖ ଠାରୁ ୫ଦିନ ଧରି ଚାଲିଥିବା ନିଷ୍ଠା,ସମତା ଓ ଅନ୍ତର୍ଭୁକ୍ତ ଶିକ୍ଷା ତାଲିମ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରରେ ବିବିଧତାପୂର୍ଣ୍ଣ ଅନ୍ତର୍ଭୁକ୍ତ ଶ୍ରେଣୀ କକ୍ଷ,ଆରପିଡବ୍ଲୁଡି ଏକ୍ଟ ୨୦୧୬, ସାର୍ବଜନୀନ ଶିକ୍ଷଣ ତଥା ପାଠ୍ୟକ୍ରମର ଅନୁକୂଳନ ଓ ରୂପାନ୍ତରଣ ତଥା ବିଭିନ୍ନ ଅକ୍ଷମତା ହେତୁ ପ୍ରଭାବିତ ହେଉଥିବା ଶିକ୍ଷାର୍ଥିମାନଙ୍କ ଶିକ୍ଷଣ ସମସ୍ୟା ସମ୍ବନ୍ଧରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୬୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ତାଲିମ ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରକୁ ସାଧନ କର୍ମୀ ଅଶୋକ ସାହୁ, ଛବିଲାଲ ସାହୁ,କେଶରୀ ଚନ୍ଦ୍ର ସାହୁ, ସ୍ମିତରଞ୍ଜନ ନନ୍ଦ,ଆରପି ଜୟଗୋପାଳ ଷଡ଼ଙ୍ଗୀ,ନବୀନ କୁମାର ସାହୁ,ଯୁଧିଷ୍ଠିର ପଧାନ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ। ତାଲିମ ଶିବିରର ବିଭିନ୍ନ ଦିବସରେ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱୟ ପ୍ରମୁଖ ପରିଦର୍ଶନରେ ଆସି ପ୍ରଶିକ୍ଷାର୍ଥିମାନଙ୍କୁ ଉତ୍ସାହିତ କରିଥିଲେ। ତାଲିମ ଶେଷରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ସମ୍ପର୍କିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ବୁଲେଟରେ ନିଶା ସିରପ ଚାଲାଣ ବେଳେ ୩ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଆଦର୍ଶ ଅବକାରୀ ଥାନା ପକ୍ଷରୁ ଆଜି ୧୦ ନମ୍ବର ରାଜ୍ୟ ରାଜପଥରେ ନାକାବନ୍ଦୀ ସମୟରେ ବିପୁଳ ପରିମାଣର ନିଶା ସିରପ ସହିତ ୩ ଜଣ ବୁଲେଟ୍ ଆରୋହୀଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାର ମାମଲା ସଂଖ୍ୟା ୧୦୪/୨୦୨୫ ଉପରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କୁ ଆଜି ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ଏହି ଆଦର୍ଶ ଅବକାରୀ ଥାନାର ଏକ ଟିମ୍ ୧୦ ନମ୍ବର ରାଜ୍ୟ ରାଜପଥର ରେଙ୍ଗାଲି ସ୍ଥିତ ଦେବୀ ମନ୍ଦିର ନିକଟରେ ଯାଞ୍ଚ ଅଭିଯାନ ଚଳାଇଥିଲେ। ଏହି ସମୟରେ ଏକ ବୁଲେଟ୍‌କୁ ଅଟକାଇ ଖାନ୍‌ତଲାସ୍ କରାଯାଇଥିଲା। ଖାନତଲାସ ବେଳେ ବୁଲେଟରେ ଯାଉଥିବା ୩ ଜଣ ଯୁବକଙ୍କୁ ପଚରା ଉଚୁରା କରାଯାଇଥିଲା। ଏହି ଯାଞ୍ଚରେ ପଲିଥିନ୍ ବେଗ୍‌ରେ ଥିବା ୩୩୦ ବୋଟଲ କ୍ୟୁଇନ୍‌ସେରେକ୍ସ କଫ୍ ସିରପ୍ ସହିତ ବୁଲେଟକୁ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ କୋଲକାତାର ବାବୁହାଟି ଥାନା ଅଞ୍ଚଳର ଦୀପକ ସ (୩୪), ପୁରୁଲିଆ ଜିଲ୍ଲା ରଘୁନାଥପୁର ଥାନା ଅଞ୍ଚଳର ଦେବନାଥ ନନ୍ଦୀ (୩୪) ଏବଂ ସ୍ଥାନୀୟ କ୍ଷେତରାଜପୁର ଥାନା ଅଞ୍ଚଳର ଅମନ ଶର୍ମା (୩୦)। ଗତ ସପ୍ତାହରେ ରେଙ୍ଗାଲି ଆଦର୍ଶ ଅବକାରୀ ଥାନା ପକ୍ଷରୁ ଅବକାରୀ ଯାଞ୍ଚ ବେଳେ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ରୂପା ଜବତ କରାଯାଇଥିଲା।

# ଧାନ ସଂଗ୍ରହ ପାଇଁ ଜିଲ୍ଲାର ୫୬ଟି ସ୍ଥାନରେ ଚାଷୀ ପଞ୍ଜିକରଣ

ସମ୍ବଲପୁର, (ସବ୍ୟୁ): ଚଳିତ ବର୍ଷ ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ସମ୍ବଲପୁର ଜିଲ୍ଲାରେ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚଳିତ ବର୍ଷ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମରେ କିଛି ପରିବର୍ତ୍ତନ କରାଯାଇଛି। ଏଥିପାଇଁ ଚାଷୀମାନଙ୍କୁ ସଂପୃକ୍ତ ସମବାୟ ସମିତିରେ ଫର୍ମ ଯୋଗାଇ ଦିଆଯିବ। ଚଳିତ ବର୍ଷ ଚାଷୀଙ୍କ ପଞ୍ଜିକରଣ ତଥ୍ୟ ସମ୍ପୂର୍ଣ୍ଣ ଭାବେ ନୂଆ କରାଯିବ। ଏଥିପାଇଁ ଚାଷୀମାନେ ନିଜ ନିଜର ସମ୍ପୃକ୍ତ ସୋସାଇଟିରେ ନିର୍ଦ୍ଧାରିତ ଫର୍ମରେ ଚାଷଜମି ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ ମୋବାଇଲ୍ ନମ୍ବର୍, ଆଧାର ଓ ବ୍ୟାଙ୍କ୍ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ। ଏହା ବ୍ୟତୀତ ଭାଗଚାଷୀ ମାନେ ଜମି ମାଲିକଙ୍କ ସମ୍ମତିପତ୍ର ଦାଖଲ କରିବେ। ସେହିପରି ଗୋଟିଏ ଜମିର ଏକାଧିକ ମାଲିକ ଥିଲେ ସମସ୍ତ ମାଲିକଙ୍କ ସମ୍ମତି ପତ୍ର ଦାଖଲ କରିବା ଆବଶ୍ୟକ। ସୋସାଇଟିରେ ଫର୍ମର ଡିଜିଟାଇଜେସନ୍ ପୂର୍ବରୁ ଚାଷୀଙ୍କର ଇ-କେୱାଇସି କରାଯିବ। ଏଥିପାଇଁ ଚାଷୀଙ୍କର ଆଇଆରଆଇଏସ ବା ଆଖି ଡୋଳା ସ୍କାନ କରାଯିବ। ଏହା ଆଧାର ତଥ୍ୟ ସହ ମେଳ ହେବାପରେ ସମ୍ପୃକ୍ତ ଚାଷୀଙ୍କର ମୋବାଇଲକୁ ପ୍ରେରିତ ଓଟିପି ଦାଖଲ କରି ଅନଲାଇନରେ ଫର୍ମର ତଥ୍ୟ ଅନୁସାରେ ପଞ୍ଜିକରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇପାରିବ। କାର୍ଯ୍ୟକ୍ରମରେ ଚାଷୀମାନେ ଅଗଷ୍ଟ ୨୦ ତାରିଖ ମଧ୍ୟରେ ସୋସାଇଟିରେ ଉପସ୍ଥିତ ରହି ନିଜକୁ ପଞ୍ଜିକୃତ କରିପାରିବେ। ଏହି ପଞ୍ଜିକରଣ କାର୍ଯ୍ୟ ସମ୍ବଲପୁର ଜିଲ୍ଲାର ୪୫ଟି ସମବାୟ ସମିତି ସୋସାଇଟି ଓ ୧୧ ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କରେ ସମ୍ପନ୍ନ କରାଯିବ। ନିୟୋଜିତ ସୋସାଇଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଏହି ପଞ୍ଜିକରଣ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ବରେଇପାଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟିର ସଭାଗୃହରେ ଏକ କାର୍ଯ୍ୟକ୍ରମ ଜିଲ୍ଲା ଯୋଗାଣ ବିଭାଗ ଓ ସମବାୟ ବିଭାଗର ମିଳିତ ଭାବେ ଆୟୋଜନ କରାଯାଇଥିଲା।

# ଡେଙ୍ଗୁ ନିରାକରଣ, ସଚେତନତା ନେଇ କର୍ମଶାଳା

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଲଡୁଗାଁ ପିଏଚସିରେ ଶନିବାର ଡେଙ୍ଗୁ ନିରାକରଣ ଓ ସଚେତନତା ନେଇ ଏକ କର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସମାଜସେବି ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜିଲ୍ଲା ଏଡିପିଏଚଓ ଡ଼. ନିହାରେନ୍ଦ୍ର ପଣ୍ଡା, ଭିବିଡିସି ଦିନେଶ ପ୍ରହରାଜ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୋକସରା ପିଏଚଇଓ ଶର୍ମିଳା ଛତ୍ରୀଆ, ବିପିଏମ ସୁରଜିତ ସିଂ କୁମାର, ଭିବିଡିଟିଏସ ଦୁଷ୍ମନ୍ତ ରାଉତ, ଏସଟିଏସ ଆମୋଦ ଚନ୍ଦ୍ର ଗୋଲାପ, ଏମପିଏଚଏସ କେତନ ପାତ୍ର ଉପସ୍ଥିତ ରହି ଡେଙ୍ଗୁ



ନିରାକରଣ ଓ ସଚେତନତା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ବିଗତ ବର୍ଷରେ ଲଡୁଗାଁ ଡେଙ୍ଗୁ ସଂକ୍ରମଣର ହଟସ୍ପଟ ପାଲଟିଥିବା ବେଳେ ଅନେକ ରୋଗୀ ସଂକ୍ରମିତ ହୋଇଥିଲେ। ଲଡୁଗାଁ ଏକ କ୍ରମ ବର୍ଦ୍ଧିତ ସହର ଓ ବ୍ୟବସାୟିକ ପେଣ୍ଠସ୍ଥଳି ସହ ଅନେକ କଳ କାରଖାନା, ଶିଳ୍ପାନୁଷ୍ଠାନ ରହିଥିବା କାରଣରୁ ଡେଙ୍ଗୁ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଥିବା କାରଣରୁ ଡେଙ୍ଗୁ ନିରାକରଣ ନେଇ ଲୋକଙ୍କୁ ସଚେତନତା କରିବା ପାଇଁ ସ୍ୱାସ୍ଥ୍ୟ କର୍ମି ନିୟୋଜିତ ରହିବେ ବୋଲି କହିଥିଲେ। ଏହି କର୍ମଶାଳାରେ ଆଶା କର୍ମି ଅଙ୍ଗନବାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

# ଗିନିଜ ବୁକ ଅଫ ରେକର୍ଡ଼ରେ ସ୍ଥାନ ପାଇଲେ କଳାକାର



କେସିଙ୍ଗା,(ସବ୍ୟୁ): ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦିଲ୍ଲୀ କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ସାଧାରଣ ପେରେଡ଼ ରେ ୫ହଜାର ରୁ ଉର୍ଦ୍ଧ୍ୱ ଫିଉଜନ ନୃତ୍ୟରେ ତାଲ ଖାଇ ନୃତ୍ୟ କରି ପ୍ରଶଂସିତ ହେବା ଓ ଗିନିଜ ବୁକ ଅଫ ରେକର୍ଡ ରେ ସ୍ଥାନ ପାଇଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାପାଳ ସଚିନ ପାୱାର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଟିଜନ ଫୋରମ ଅଧ୍ୟକ୍ଷ ଡା. ହେମ ସାଗର ସାହା, ଆଇ ଏ ଏସ ପ୍ରବେଶନର ଅନିମେଶ ପ୍ରଧାନ,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ , ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡ଼ିଓ ଜନ୍ମଜୟ ସ୍ୱାଇଁ ଉପସ୍ଥିତ ରହି କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାପାଳ ଗିନିଜ ବୁକ ଅଫ ରେକର୍ଡ ରେ ବି ଏସ ଏ ର କଳାକାର ନାମ କରିବା ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି ଏବଂ ତାଙ୍କ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନାର କାର୍ଯ୍ୟ ନେଇ ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ ନିକଟରେ ମସ୍କୋରେ ନୃତ୍ୟ ପରିବେଷଣ କରିଥିବା ପ୍ରତିଭା ଅନୁଷ୍ଠାନର ସଭାପତି ଧାନ ପଣ୍ଡା ଓ ଚିଣ୍ଟୁ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ଼ ଅଜୟ ମିଶ୍ର,ପୂର୍ବତନ ନଗରପାଳ ରାମ କୁମାର ଜୈନ, ସରିତା ସିନ୍ଧୁର,ସମାଜସେବୀ ଜଗଦୀଶ ମଣ୍ଡଳ,ଏମ୍ ଏସ ଏ ର ପୂର୍ବତନ ସଭାପତି ଜୟନ୍ତ ବେହେରା,ବିଶିଷ୍ଟ କଳାକାର କୁମାର ସିଂ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁଶ୍ରୀ ରୁବି ଚୌଧୁରୀ,ପରିଚାଳନା କରିଥିଲେ କୋଷାଦକ୍ଷ ବିକ୍ରମ ବାରିକ,କମ୍ଭୁ ପାଣି ବାଗ, କବିତା ପାଣିଗ୍ରାହୀ,ସୁକଦେବ ଭୋଇ ପ୍ରମୁଖ।

# ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡା,(ସବ୍ୟୁ): ଆଗାମୀ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ରାୟଗଡା ଜିଲ୍ଲା ପରିଷଦର ସିଡିଓ-ତଥା -ଇଓ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳଛାୟା, ଆଇସିଡିଏସ, ମୌଳିକ ଭିତ୍ତିଭୂମି ଏବଂ ସାମାଜିକ ବିକାଶ ପ୍ରମୁଖ ବିଭାଗର ଅଧିକାରୀମାନଙ୍କ ସହିତ ଆକାଂକ୍ଷୀ ବ୍ଲକର ବିଡିଓ, ଆକାଂକ୍ଷୀ ବ୍ଲକ ବ୍ୟକ୍ତିବିଶେଷ ଏବଂ ପିରାମଲ ଫାଉଣ୍ଡେସନ ଦଳ ବୈଠକରେ ଅଂଶଗ୍ରହଣ କରିଥିଲେ। ଆଲୋଚନାର ମୁଖ୍ୟ ଆକର୍ଷଣ ଥିଲା ସମ୍ମାନ ସମାରୋହର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ସମ୍ପୂର୍ଣ୍ଣତା ଅଭିଯାନ ଅନ୍ତର୍ଗତ ସଫଳତାକୁ ପାଳନ କରିବା। ଉଲ୍ଲେଖନୀୟ ଯେ ପଦ୍ମପୁର ବ୍ଲକର ୬ଟି ପ୍ରମୁଖ ସୂଚକାଙ୍କ ମଧ୍ୟରୁ ୫ଟି ସୂଚକାଙ୍କ ହାସଲ କରିଛି, ସେହିପରି ମୁନିଗୁଡ଼ା ୩ଟି ସୂଚକାଙ୍କ ହାସଲ କରିଛି। ଜିଲ୍ଲା ସ୍ତରରେ, ରାୟଗଡ ଦୁଇଟି ସୂଚକାଙ୍କରେ ଶତ ପ୍ରତିଶତ ସଂତୃପ୍ତି ହାସଲ କରିଛି ଛ ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସଫଳତାଗୁଡ଼ିକୁ ବଜାୟ ରଖିବା ଏବଂ ଆଗାମୀ ୭ଦିନିଆ କାର୍ଯ୍ୟକ୍ରମର ସଫଳ ପ୍ରଚଳନ ପାଇଁ ବିସ୍ତୃତ ଯୋଜନା ଗୁଡ଼ିକର ଗୁରୁତ୍ୱ ଉପରେ ସିଡିଓ ଗୁରୁତ୍ୱାରୋପ କରିଥିଲେ। ଅର୍ଥପୂର୍ଣ୍ଣ



ଗୋଷ୍ଠୀ ଅଂଶଗ୍ରହଣ ଏବଂ ଦୀର୍ଘକାଳୀନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ ଏକ ସହଯୋଗୀ ରଣନୀତି ସହିତ ବୈଠକ ଶେଷ ହୋଇଥିଲା।

# ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି : ଏବିଭିପି

ସମ୍ବଲପୁର,(ସବ୍ୟୁ): ବାଲେଶ୍ୱର ଫକିର ମୋହନ କଲେଜରେ ଯୌନ ଏବଂ ମାନସିକ ନିର୍ଯ୍ୟାତନା ଘଟଣାରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛି। ଏହା ଅତ୍ୟନ୍ତ ଘୃଣ୍ୟ ଓ ନିନ୍ଦନୀୟ। ଏହି ଅମାନବୀୟ କାର୍ଯ୍ୟ ସମଗ୍ର ଛାତ୍ର ସମାଜର ବିବେକକୁ ଦୋହଲାଇ ଦେଇଛି। ବୁଧବାର କୁମ୍ଭାରପଡ଼ା ଏବିଭିପି କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ ଏହା କହିଥିଲେ। ସେ ଆହୁରି କହିଥିଲେ ଯେ, ଘଟଣାର ପ୍ରଥମ ଦିନରୁ ଏବିଭିପି ପୀଡିତାଙ୍କ ସହିତ ଦୃଢ଼ ଭାବେ ଠିଆ ହୋଇ ନୈତିକ ଏବଂ ଭାବପ୍ରବଣ ସମର୍ଥନ ଦେଇଥିଲା। ଛାତ୍ରୀଙ୍କ ଦୁଃସମୟରେ ଏବିଭିପି ମଧ୍ୟ ରହିଥିଲା। ଅନ୍ୟ ଛାତ୍ର ସଂଗଠନ ଗୁଡ଼ିକ କଲେଜ ପ୍ରଶାସନକୁ ସମର୍ଥନ କରିଥିଲା। ଏହି ସଂଗଠନଗୁଡ଼ିକ ବିଭାଗ ମୁଖ୍ୟଙ୍କ ସମର୍ଥନରେ ଆବେଦନପତ୍ର ଦାଖଲ କରିଥିଲେ। ଯାହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ସେମାନେ ପୀଡିତାଙ୍କ ଦୁଃଖକୁ ଅଣଦେଖା କରିଥିଲେ। ଛାତ୍ରୀ ଜଣକ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କଲାପରେ ମଧ୍ୟ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ପାଇଁ ଗୋଟେ ମୂଲ୍ୟବାନ ଜୀବନ ଚାଲିଗଲା। କଲେଜ କର୍ତ୍ତୃପକ୍ଷ ଏବଂ ଶିକ୍ଷା ବିଭାଗ ଘଟଣାକୁ ଗୁରୁତ୍ୱ ଦେଇଥିଲେ ଛାତ୍ରୀଙ୍କୁ ନ୍ୟାୟ ମିଳିଥାଆନ୍ତା। ଏପରି ଦୁର୍ଭାଗ୍ୟଜନକ ଘଟଣା ଆଜି ଘଟିନଥାନ୍ତା ବୋଲି ଏବିଭିପି ପକ୍ଷରୁ କୁହାଯାଇଛି। ତେବେ ଦୋଷୀମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଛାତ୍ରୀ ଆତ୍ମାହୁତି ଘଟଣାରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ସାମାଜିକ ଗଣମାଧ୍ୟମରେ ପୀଡ଼ିତାଙ୍କ ଚରିତ୍ର ସଂହାର କରିଥିବା ଛାତ୍ରମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟା ସିମ୍ରନ୍ ପ୍ରଧାନ, ମହାନଗର ସମ୍ପାଦକ ନୀତେଶ ପାଣିଗ୍ରାହୀ ଓ ନଗର ସମ୍ପାଦକ ଦେବାଶିଷ ସେନ୍ଦ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜର୍ଜ ହାଇସ୍କୁଲରେ ଅଙ୍ଗଦାନ ସଚେତନତା

ବରଗଡ଼,(ସବ୍ୟୁ): ବରଗଡ଼ ଜର୍ଜ ହାଇସ୍କୁଲରେ ଅଙ୍ଗଦାନ ଶୀର୍ଷକ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ରୋଟ୍ରାକ୍ଟ କ୍ଲବର ସଭାପତି ରୋଜାଲିନ୍ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଙ୍ଗଦାନର ଗୁରୁତ୍ୱ ବିଷୟରେ ଛାତ୍ରମାନଙ୍କୁ ସୂଚିତ କରିବା ଏବଂ ଏହି ବିଷୟକୁ ନେଇ ପ୍ରଚଳିତ ମିଥ୍ୟା ଏବଂ ଅନ୍ଧବିଶ୍ୱାସ କୁ ଦୂର କରିବା ପାଇଁ ସଚେତନାତ୍ମକ ପ୍ରୟାସକୁ ଜାରି ରଖିବା କାର୍ଯ୍ୟକ୍ରମର ଏକ ଅଂଶ ଥିଲା। ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାଶଙ୍କ ଦ୍ୱାରା ସ୍ୱାଗତ କରାଯାଇଥିବା ବେଳେ ରୋଜାଲିନ୍ ଦାଶ ଅଙ୍ଗଦାନର ଜୀବନ ରକ୍ଷାକାରୀ ସମ୍ଭାବନା ଉପରେ ଏକ ଅନ୍ତର୍ଦୃଷ୍ଟି ପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମହାନ କାର୍ଯ୍ୟକୁ ବୁଝିବା ଏବଂ ସମର୍ଥନ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅଧିବେଶନରେ ଶିକ୍ଷକ ଦୁଷ୍ମନ୍ତ ଭୁଏ ଏବଂ ହରିଶ ପାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ଭରତ ମେହେର ଏ ବିଷୟ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟ ଅତିଥି ଏବଂ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜର୍ଜ ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଅଙ୍ଗଦାନ ବିଷୟରେ ଏକ ଉତ୍ତମ ବୁଝାମଣାକୁ ସଫଳତାର ସହ ପ୍ରୋତ୍ସାହିତ କରିଥିଲା।

# କଳାହାଣ୍ଡି ଜିଲ୍ଲାରେ ବିଶ୍ୱ ଯୁବ କୌଶଳ ଦିବସ ପାଳିତ

ଭବାନୀପାଟଣା,(ସବ୍ୟୁ): ବିଶ୍ୱ ଯୁବ କୌଶଳ ଦିବସ ଅବସରରେ ମାଇ ଭାରତ କଳାହାଣ୍ଡି, ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ ଓ ଜନ ଶିକ୍ଷଣ ସଂସ୍ଥାନ, କଳାହାଣ୍ଡି ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ସଂଯୁକ୍ତ ପଦକ୍ଷେପରେ ସମ୍ପ୍ରସାରଣ ତାଲିମ କେନ୍ଦ୍ର, ଭବାନୀପାଟଣା ଠାରେ ବିଶ୍ୱ ଯୁବ କୌଶଳ ଦିବସ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଯୁବ ପିଢିକୁ ବୃତ୍ତିମୂଳକ କୌଶଳ ମାଧ୍ୟମରେ ସ୍ୱାବଲମ୍ବନ ଓ ନିଜ ଭବିଷ୍ୟତ ଗଢିବା ପାଇଁ ପ୍ରୋତ୍ସାହନ ଦେବା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଯୁବ ଶକ୍ତିର ସଠିକ୍ ଦିଗନିର୍ଦ୍ଦେଶ ଓ ଦକ୍ଷତା ବିକାଶ ଉପରେ ଜୋର ଦେଇ କହିଥିଲେ। ଯୁବକ ମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଯଦି ସଠିକ୍ ପ୍ରଶିକ୍ଷଣ ଓ ଅବସର ମିଳିଥାଏ, ତେବେ ସେମାନେ ଜୀବନରେ ଆଗକୁ ବଢ଼ିପାରିବେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଡେପୁଟି କମାଣ୍ଡାଣ୍ଟ ସଚିଦାନନ୍ଦ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ କୁମାର ତ୍ରିପାଠୀ ଓ ମାଇ ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଯୋଗଦେଇ ଦିବସପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

# ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅଧିକାରୀ ଛାନିଆ

ବୋରିଗୁମ୍ମା,(ସବ୍ୟୁ): ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ରବିବାର ବୋରିଗୁମ୍ମା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀ ରବିବାର ଅପରାହ୍ନ ୩ ଟା ରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିବେ। ରାଜ୍ୟ ସରକାରଙ୍କ ଜନ ହିତକର ଯୋଜନା ଯଥା ସୁଭଦ୍ରା ଯୋଜନା, ଆବାସ ଯୋଜନା,ବିକଶିତ ଗାଁ ବିକଶିତ ଓଡିଶା ଭଳି ଯୋଜନାର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀଙ୍କ ସମୀକ୍ଷା ସମୟରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିବେ। ତେବେ ମନ୍ତ୍ରୀ ଶ୍ରୀ ନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ଦେଖି କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଛାନିଆ ହେଲେଣି। ପୂର୍ବ ବିଡିଓଙ୍କ ଅମଳରେ ବୋରିଗୁମ୍ମା ବ୍ଲକ ଦୁର୍ନୀତି ଉବୁଟୁବୁ ହେଉଥିଲା। ବର୍ତ୍ତମାନ ତାହାର ପ୍ରତିଫଳନ ଦେଖୁବାକୁ ମିଳୁଛି। ବୋରିଗୁମ୍ମା ବ୍ଲକରେ ବାରମ୍ବାର ଦୁର୍ନୀତି ଅଭିଯୋଗ ଯୋଗୁଁ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଏକ ନିର୍ଦ୍ଦିଷ୍ଟ ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସତ୍ୟାସତ୍ୟ ଜାଣିବା ପାଇଁ ଚାହିଁଛନ୍ତି। ପୂର୍ବରୁ ମନରେଗା ଯୋଜନାରେ ବ୍ଲକରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ଫାଇଲ ନ ଖୋଲୁଣୁ ପ୍ରକଳ୍ପର କାମ ସରିଥିବା ଦେଖିବାକୁ ମିଳିଥିଲା। ଏଣୁ କିଛି ଅଧିକାରୀ ମନ୍ତ୍ରୀଙ୍କ ଗସ୍ତରେ ଭୟଭୀତ ଥିବା ଆଲୋଚନା ହେଉଛି। ମନ୍ତ୍ରୀଙ୍କ ଗସ୍ତରେ ବିଜେପି କାର୍ଯ୍ୟକର୍ତ୍ତା ମାନେ ଉତ୍ସାହିତ ରହିଥିବା ବେଳେ କିଛି ଅଧିକାରୀ ମନ୍ତ୍ରୀଙ୍କ ଗସ୍ତ ଦେଖି ଛାନିଆ ହେଲେଣି।

## ଦୁଇ ବାଇକ୍ ମୁହାଁମୁହିଁ,ସାମ୍ବାଦିକ ଦମ୍ପତ୍ତିଙ୍କ ସହ ୨ ଗୁରୁତର



ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୫୩ କୁଲୁଣ୍ଡି ନିକଟରେ ଶନିବାର ଅପରାହ୍ଣରେ ଦୁଇଟି ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଉଭୟ ବାଇକର ଚାଳକ ଓ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ନବୀନ ଦାସ (୪୫) ଓ ତାଙ୍କ ପତ୍ନୀ ଥିବା ବେଳେ ଅନ୍ୟ ଏକ ବାଇକରେ ଶାନ୍ତନୁ ଭୋଇ (୩୫) ଏବଂ ତାଙ୍କ ସାଙ୍ଗ ବରଗଡ଼ରୁ ଫେରୁଥିବା ଦୁଇଜଣ ଗୁରୁତର ଅଛନ୍ତି। ପୋଲିସ ପହଞ୍ଚି ଗୁରୁତରଙ୍କୁ ବୁର୍ଲା ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠେଇଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

ପୋଲିସର ସୂଚନା ଅନୁଯାଇ, ସମ୍ବଲପୁରରୁ ନବୀନ ଦାସ ତାଙ୍କ ସ୍ତ୍ରୀଙ୍କୁ ନେଇ ଜମନକିରା ବାବା ମୁକ୍ତେଶ୍ବର ମନ୍ଦିର ଦର୍ଶନ କରି ଅପରାହ୍ଣ ସାଢ଼େ ୫ ଟା ବେଳେ ଫେରୁଥିଲେ। କୁକୁଣ୍ଡି ଠାରୁ ଅଳ୍ପ ଦୂର ଅତିକ୍ରମ କଲାପରେ ଅପର ପଟୁ ଆସୁଥିବା ଅନ୍ୟ ଏକ ବାଇକ ସହ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକର ୪ ଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି।

## ଜିଲ୍ଲାସ୍ତରୀୟ ଇନ୍ଦ୍ରଧନୁ ରେନ୍‌ବୋ ସ୍ୱାଭିମାନ ସମାରୋହ



ବଲାଙ୍ଗିର,(ସବ୍ୟୁ): ଜିଲ୍ଲାସ୍ତରୀୟ ଇନ୍ଦ୍ରଧନୁ ପ୍ରାଇଡ୍ ପଦଯାତ୍ରାର ଚତୁର୍ଥ ସଂସ୍କରଣ ପାଇଁ ୨୦୦ ରୁ ଅଧିକ ଲୋକ ଏକତ୍ରିତ ହେବା ସହିତ ରଙ୍ଗ, ସାହସ ଏବଂ ସମ୍ପ୍ରଦାୟ ଆତ୍ମାର ଏକ ଶକ୍ତିଶାଳୀ ଲହରୀ ସହରରେ ପ୍ରବାହିତ ହୋଇଥିଲା । କାର୍ଯ୍ୟକ୍ରମରେ ସମ୍ପ୍ରଦାୟର ବିବିଧତା, ସ୍ଥାୟୀତ୍ୱ ଏବଂ ଅଧିକାରକୁ ପାଳନ କରିଥିଲା, ଯାହା ତୃଣମୂଳ ସ୍ତରରେ ଅନ୍ତର୍ଭୁକ୍ତି ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଏହି ପ୍ରାଇଡ୍ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବଲାଙ୍ଗିରର ଏକ ସମ୍ପ୍ରଦାୟଭିତ୍ତିକ ସଂଗଠନ ପିଆରଆଇଟି ଦ୍ୱାରା ସାଥୀ ଅନୁଷ୍ଠାନ ସ୍ଥାନୀୟ ଯୁବକ ଏବଂ ସହଯୋଗୀଙ୍କ ସହଯୋଗରେ ଆୟୋଜିତ ଏହି ପ୍ରାଇଡ୍ ୱାକ୍ ଜୀବନର ସମସ୍ତ ବର୍ଗର ଲୋକଙ୍କୁ କର୍ମୀ, କଳାକାର, ଛାତ୍ର ଏବଂ ସରକାରୀ ଅଧିକାରୀମାନଙ୍କୁ – ସମାନତା ପତାକା ତଳେ ଏକତ୍ରିତ କରିଥିଲା। ଏହି ପଦଯାତ୍ରା ଜିଲ୍ଲାପାଳ ନିକଟସ୍ଥ ପାର୍କିଂ ଜୋନ୍‌ରୁ ଆରମ୍ଭ ହୋଇ ସମ୍ବାଦିକ ଭବନରେ ଶେଷ ହୋଇଥିଲା । ଅଂଶଗ୍ରହଣକାରୀମାନେ ଇନ୍ଦ୍ରଧନୁ ପତାକା ଉଡ଼ାଇଥିଲେ । କାର୍ଯ୍ୟକ୍ରମରେ ପୌରପାଳିକାର ଅଧ୍ୟକ୍ଷା ଲିକା ସାହୁ, ସସ୍ମିତା ହୋତା, ଜିଲ୍ଲା ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ, ସୁମିତ୍ରା ଖୋରା, ସଦର ଉପ-ବିଭାଗୀୟ ସାମାଜିକ ସୁରକ୍ଷା ଅଧିକାରୀ, ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ମିଶ୍ର ଏବଂ ସାଥୀ ସହକାରୀ ନିର୍ଦ୍ଦେଶକ, ବିଶ୍ୱ ଭୂଷଣ ପଟ୍ଟନାୟକ, ଯୋଗ ଦେଇଥିଲେ। ସଂହତି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତି ଏବଂ ମାନବିକ ଅଧିକାର ଉପରେ ସଂହତି ଭାଷଣ, ତା'ପରେ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ଅନ୍ତର୍ଭୁକ୍ତି ଅନ୍ତର୍ଭୁକ୍ତି ଏବଂ ମାନବିକ ଅଧିକାର ଉପରେ ସଂହତି ଭାଷଣ ପ୍ରଦାନ କରିବା ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ଭେଦଭାବ ବିରୁଦ୍ଧରେ ଲଢ଼େଇ ଜାରି ରଖିବା ଏବଂ ବ୍ୟକ୍ତିବିଶେଷଙ୍କ ମର୍ଯ୍ୟାଦା ଏବଂ ସ୍ୱାଧୀନତାକୁ ସୁରକ୍ଷା ଦେଉଥିବା ନୀତିଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସାମୂହିକ ପ୍ରତିଶ୍ରୁତି ସହିତ ଶେଷ ହୋଇଥିଲା।

## ବିବାହିତା ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ !

କୋକସରା,(ସବ୍ୟୁ): କୋକସରା ବ୍ଲକ ଆମପାଣି ଥାନା ବଡ଼ପୋଡ଼ାଗୁଡ଼ା ଗ୍ରାମର ରିକିରାମ ପ୍ରଧାନୀଙ୍କ ସ୍ତ୍ରୀ ଉର୍ମିଳା ପ୍ରଧାନୀଙ୍କ ଶନିବାର ହଠାତ ମୃତ୍ୟୁ ହୋଇ ଯାଇଥିବା ବେଳେ ଝିଅର ବାପା ଘର ଲୋକେ ହତ୍ୟା ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆମପାଣି ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗତ ୫ବର୍ଷ ତଳେ ରିକିରାମ ସହିତ ତାରାପୁର ପଞ୍ଚାୟତ ଇଚ୍ଛାପୁର (ଗଞ୍ଜିଆଗୁଡା) ଗ୍ରାମର ରଥେ ପୁଝାରୀଙ୍କ ଝିଅ ଉର୍ମିଳାଙ୍କ ପ୍ରେମ ବିବାହ ହୋଇଥିଲା ଏବଂ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଉତ୍ତମ ସମ୍ପର୍କରେ ସାଂସାରିକ ଜୀବନ ଚଳିଆସୁଥିଲେ। ପୁଅର ପରିବାର ଲୋକଙ୍କ କହିବା ଅନୁସାରେ ଆଜି ସକାଳୁ ଉର୍ମିଳା ଗାଧୋଇ ସାରି ଘରକୁ ଆସିବା ପରେ ଅଚାନକ ତଳେ ପଡ଼ିଯାଇଥିଲେ। ଶ୍ୱଶୁର ଘର ଲୋକଙ୍କୁ କ୍ୱାଇଁ ରିଖି ଖବର ଦେବା ସହ ଉର୍ମିଳାଙ୍କୁ ଆମ୍ବୁଲାନ୍ସରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଉର୍ମିଳାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅନ୍ୟପଟେ ଝିଅର ବାପା ତାଙ୍କ ଝିଅର ସ୍ୱାସ୍ଥ୍ୟ ଠିକ୍ ଥିବା ଓ କୌଣସି ରୋଗରେ ମଧ୍ୟ ପୀଡିତ ନଥିବାବେଳେ ହଠାତ୍ ଝିଅ ମରିଯିବା କଥାକୁ ସହଜେ ଗ୍ରହଣ କରିପାରୁ ନାହାନ୍ତି। କ୍ୱାଇଁ ଓ ତାଙ୍କ ଶ୍ୱଶୁର ଘର ଲୋକେ ହତ୍ୟା କରି ଭିନ୍ନରୁପ ଦେଉଥିବା ଝିଅର ବାପା ରଥେ ପୁଝାରୀ ସନ୍ଦେହ କରି ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଆମପାଣି ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

ନୂଆପଡ଼ା,(ସବ୍ୟୁ): ଖଡ଼ିଆଳ ଥାନା ଅନ୍ତର୍ଗତ ଡୁଆଝର ଗ୍ରାମର ଏକ ଘରୁ ୨୨ କେଜି ୪୫୦ ଗ୍ରାମ ଗଞ୍ଜେଇ ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜିଲ୍ଲା ପୋଲିସ କାର୍ଯ୍ୟାଳୟ ରେ ଆହୁତ ମୋବାଇଲ ମେଳା ଅବସରରେ ସାମ୍ବାଦିକ ସମ୍ମିଳନୀରେ ଏସପି ଜି.ଆର. ଗୁଣ୍ଡାଲା ରେଡ୍ଡୀ ସୂଚନା ପ୍ରଦାନ କରିଛନ୍ତି। ଡୁଆଝର ଗ୍ରାମର ଭୀଷ୍ମଦେବ ମେହେର (୩୯) ଫେନସି ଷ୍ଟୋର କରିଛନ୍ତି । ବେଆଇନ ଭାବେ ଗଞ୍ଜେଇ ବିକ୍ରି କରୁଥିବା ଖବର ବିଶ୍ୱସ୍ତ ସୂତ୍ରରୁ ଖଡ଼ିଆଳ ପୋଲିସ୍ ପାଇଥିଲେ। ଶୁକ୍ରବାର ପ୍ରାୟ ୧୨ ଟା ସମୟରେ ଅତିରିକ୍ତ ତହସିଲଦାର ( କାର୍ଯ୍ୟକାରୀ ମାଜିଷ୍ଟ୍ରେଟ) ଙ୍କ ଉପସ୍ଥିତିରେ ଘର ଭିତରେ ଖୋଜା ଖୋଜି କରିବାରୁ ଦୁଇଟି ବ୍ୟାଗରେ ଗଞ୍ଜେଇ ମିଳିଥିଲା। ଗୋଟିଏ ବ୍ୟାଗରେ ୧୩ କେଜି ଥିବା ବେଳେ ଆଉ ଏକ ବ୍ୟାଗ ରେ ୯ କେଜି ୪୫୦ ଗ୍ରାମ ରହିଥିଲା ମୋଟ ଗଞ୍ଜେଇ ପରିମାଣ ୨୨ କେଜି ୪୫୦ ଗ୍ରାମ ରହିଥିଲା। ବେନିୟମ ଭାବେ ବୌଦ୍ଧ ଜିଲ୍ଲାରୁ ସଂଗ୍ରହ କରି ସେ ବିକ୍ରି କରୁଥିବାରୁ ତାଙ୍କୁ ଖଡ଼ିଆଳ ଥାନାକୁ ଆଣି ସବିଶେଷ ତଦନ୍ତ କରି ଶ୍ରୀ ମେହରଙ୍କୁ ଗିରଫ କରି ତାଙ୍କ ବିରୁଦ୍ଧ ରେ କେସ ନମ୍ବର ୨୨୫– ୧୮ ଜୁଲାଇ ୨୦୨୫ ଏନ.ଡି.ପି.ଏସ. ୧୯୮୫ ଆକ୍ଟ ରୁଜୁ କରି ଡାକ୍ତରୀ ପରୀକ୍ଷା କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ଆଇଆଇସି ଦିଲୀପ ସାହୁ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କୁ ହତ୍ୟା ମାମଲାରେ ୨ ଅଭିଯୁକ୍ତ ଗିରଫ

ମାଲକାନଗିରି,(ସବ୍ୟୁ): ଗତ ଜୁଲାଇ ୧୨ ତାରିଖରେ ୱେବ୍ ଚେନାଲ ସାମ୍ବାଦିକ ଚିନ୍ତାକାଏଲୁ ନରେଶଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ଦୁଇ ଅଭିଯୁକ୍ତଙ୍କୁ ମାଲକାନଗିରି ପୋଲିସ ହାଇଦ୍ରାବାଦରୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ମୋଟୁ ଥାନା ଅନ୍ତର୍ଗତ ଏମଭି-୭୫ ଗ୍ରାମର ସୁକୁମାର ରାୟ (୨୫) ଓ ଏମପିଭି-୮୨ ଗ୍ରାମର କୋଙ୍କଣ ଜୋର୍ଦାର (୨୧) ।

୧୨ ତାରିଖ ଦିନ ମୋଟୁ ଥାନା ଠାରୁ ୯ କିମି ଦୂର ମୂରଲୀ ଗୁଡା ଠାରେ ଇଟିଗା କାର ଯୋଗେ ସିଏଚ୍ ନରେଶ ଓ କିଛି ସାଙ୍ଗ ସହିତ ମିଶି ଖବର ସଂଗ୍ରହ କରିବା ପାଇଁ ଯାଇଥିଲେ। ହଠାତ୍ ଏହି ଠାରେ କିଛି ଦୁର୍ବୃତ୍ତମାନେ ବାଇକ୍‌ରେ ମୂରଲୀ ଗୁଡା ଠାରେ ପହଞ୍ଚି ସାମ୍ବାଦିକଙ୍କ ସହିତ ଯୁକ୍ତିତର୍କ ହୋଇଥିଲା । ପରବର୍ତ୍ତୀ ସମୟରେ ଖଣ୍ଡା ଦ୍ୱାରା ସିଏଚ ନରେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ବାମ ହାତରେ ଗଭୀର ଖଣ୍ଡା ଚୋଟ ଲାଗିବା ଫଳରେ ପ୍ରଚୁର ରକ୍ତ ସ୍ରାବ ହୋଇ ତଳେ ପଡ଼ିଯାଇଥିଲେ। ସେମାନେ ତରୁଣ କୁମାରଙ୍କୁ ମଧ୍ୟ ଆକ୍ରମଣ କରିଥିବାକୁ ଉଦ୍ୟମ କରିଥିବା ବେଳେ ସେ କାଳର ଚାବି ଫୋପାଡି ଦେଇ ଜଙ୍ଗଲର ପ୍ରାଣ ରକ୍ଷା ପାଇଁ ଲୁଚି ଯାଇଥିଲେ। କିଛି ସମୟ ପରେ ସାଙ୍ଗମାନଙ୍କୁ ନେଇ ତରୁଣ କୁମାର ଆମ୍ବୁଲାନ୍ସ ସହାୟତାରେ ମୋଟୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ମେଡିକାଲ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହି ସମୟରେ ଅପରାଧିମାନେ କାରକୁ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ସଂପୃକ୍ତ କାରକୁ ଉଦ୍ଧାର କରିଥିବା ବେଳେ ଦୁଇ ଜଣ ଅପରାଧୀଙ୍କୁ ହାଇଦ୍ରାବାଦରୁ ଗିରଫ କରିବାରେ ସଫଳ ହୋଇଛି। ଅପରାଧୀଙ୍କ ବିରୁଦ୍ଧରେ ମୋଟୁ ଥାନା କେସ ନମ୍ବର ୭୯/୨୦୨୫ ଧାରା ୩୧୦(୨),ବିଏନଏସ ଆର୍/ଡବ୍ଲ୍ୟୁ ସେକ୍ସନ ୨୭ ଅସ୍ତ୍ରଶସ୍ତ୍ର ଧାରା ୧୯୫୯ ଅନୁସାରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଲକାନଗିରି ଏସପି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଭିସୁଟରେ ଷ୍ଟାର୍ଟଅପ୍ କନକ୍ଲେଭ-୨୦୨୫



ସମ୍ବଲପୁର,(ସବ୍ୟୁ): ଭିସୁଟରେ ଷ୍ଟାର୍ଟଅପ୍ କନକ୍ଲେଭ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ମୁଖ୍ୟ ଅତିଥି, ଭିସୁଟ୍ର କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଡିନ୍ ଇନୋଭେସନ୍ ଏବଂ ଇନକ୍ୟୁବେସନ ପ୍ରଫେସର ଦେବଦତ୍ତ ମିଶ୍ର, କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ଡିନ ସିଡିସିଏ ପ୍ରଫେସର ଗଣେଶ୍ୱର ନାଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଅଧିବେଶନରେ ଟିଜେ ଟାଇର୍ସର ସିଇଓ ସମୀର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କର ଉଦ୍ୟୋଗୀ ଯାତ୍ରା ସଂପର୍କରେ କହିଥିଲେ । ଏକ ପଙ୍କଚର ଟାୟାର ଦୋକାନରୁ ଏକ ବିଶ୍ୱସ୍ତ ବ୍ରାଣ୍ଡ ଗଠନ ପର୍ଯ୍ୟନ୍ତ ଯାତ୍ରା କ୍ଷେତ୍ରରେ ତାଙ୍କର ଦୃଷ୍ଟିକୋଣ ଏବଂ ଦୃଢ଼ତା ଉପରେ ସେ ଆଲୋକପାତ କରିଥିଲେ। ସୃଜନୀ ଜନଗଣ ଆୱାଜର ସହ ପ୍ରତିଷ୍ଠାତା ବିଶ୍ୱଜିତ ଦାସ ମାତୃଭାଷା ବ୍ଲଗିଂକୁ ପ୍ରୋତ୍ସାହିତ କରିବା ଉପରେ ବକ୍ତବ୍ୟ ରଖିଥିଲେ । ସ୍ଥାନୀୟ ସ୍ୱରକୁ ସଶକ୍ତ କରିବା ଆହ୍ୱାନ ଉପରେ କହିଥିଲେ । ଡଃ ଅରୋ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ପ୍ରଫେସର ଅନିଲ ମୁର୍ମୁ ଏବଂ ସୁଧାଂଶୁ ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜୀଅନ୍ତା ନାଗ ସାପକୁ ଖାଇ ଜଣେ ଗୁରୁତର

ବଲାଙ୍ଗିର,((ସବ୍ୟୁ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗ୍ରାମର ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଜୀଅନ୍ତା ନାଗ ସାପକୁ ଖାଇଦେଇ ଥଲେ । ଏହି ଘଟଣା ପରେ ସେ ଗୁରୁତର ଅବସ୍ଥାରେ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଡାକ୍ତରମାନେ ତାଙ୍କର ଚିକିତ୍ସା କରିବା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି ।

## ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ମୃଷୁଣ୍ଡୀ ପଂଚାୟତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଟୁଟୁସିଙ୍ଗା (ଗମ୍ଭାରିପଦର) ମୀରାଶ୍ରୀ ବିହାର ଠାରେ ଜିଲ୍ଲା ସ୍ଥରୀୟ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଠାରେ ଦୀପ ପ୍ରଜ୍ୱଳନ , ଧ୍ୟାନ ଓ ମାତୃବନ୍ଦନା ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ତତପରେ ଦୁର୍ଗାସ୍ତୋତ୍ର ସବିତା ହୋତା,ମା ପୁସ୍ତକ ପଠନ ବିଷ୍ଣୁପ୍ରିୟା ସେନାପତି,ଧ୍ୟାନ ଓ ପ୍ରାର୍ଥନା ଆଶାମଣୀ ସାହୁ, ସ୍ୱାଗତ ସଂଗୀତ କରୁଣାକର ଘଣ୍ଟୁଆଳ ଓ ଅତିଥି ସ୍ୱାଗତ ରାଜକୁମାରୀ ବେହେରା କରିଥିଲେ । ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ସଂଗଠକ ପ୍ରସଦା ତ୍ରିପାଠୀ ଓ ସଂଗତି ମଣ୍ଡଳ ଜୋନାଲ ସଂଯୋଜକ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗଦେଇ ଜିଲ୍ଲାସ୍ତରୀୟ ପୂର୍ଣ୍ଣାଙ୍ଗ ସଂଗଠନ ନିମନ୍ତେ ବିସ୍ତୃତ ଆଲୋଚନା କରିଥିଲେ । ପଂଚାୟତସ୍ତରୀୟ ବିଭିନ୍ନ ବିଭାଗ ଆଲୋଚନାରେ ଦିଲ୍ଲୀପ କୁମାର କର୍ଣ୍ଣ, କବିରାଜ ସାହୁ, ବିଦ୍ୟାଧର ମହାକୁଡ଼, ତ୍ରିଲୋଚନ ଭୋକ୍ତା, ପ୍ରଦୀପ କୁମାର ସାହୁ, ବ୍ଲକ ସଂଗଠକ ଭାବେ ଗୌରୀ ପ୍ରସାଦ ସାହୁ, ପ୍ରତ୍ୟୁଷ କୁମାର ସାହୁ ଓ ମୁରଲୀଧର ସାହୁ ଓ ଜିଲ୍ଲା ସଂଗଠକ ଭାବେ ରାମ ପ୍ରସାଦ କର୍ଣ୍ଣ ବିବରଣୀ ପାଠ କରିଥିଲେ । ଦଶ କର୍ମଧାରା ଉପରେ ପତିତ କୁମାର ବେହେରା, ଯାଜ୍ଞସେନୀ ମହାରଣା ଓ ମକରଧ୍ୱଜ ଭୋଇନା ଆଲୋଚନାରେ ଭାଗ ନେଇଥିଲେ । ଆଧ୍ୟାତ୍ମିକ ଆଲୋଚନାରେ କପିଳାସ ପ୍ରସାଦ ଦାଶ ଭାଗ ନେଇଥିବାବେଳେ ସାଙ୍ଗଠନିକ ଆଲୋଚନା ଉପରେ ପ୍ରସାଦ ତ୍ରିପାଠୀ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ । ଏହି ଅବସରରେ ଉଦଯାପନୀ ମାତୃ ସଂଗୀତ ରସରାଜ ନାୟକ ଓ କପିଳେନ୍ଦ୍ର ମିଶ୍ର ଗାୟନ କରିଥିଲେ । ଶେଷରେ ବୌଦ୍ଧ ଜିଲ୍ଲା ସଂଯୋଜକ ବୀରେନ୍ଦ୍ର ଭୂଷଣ ମେଣ୍ଡିଲି କୃତଜ୍ଞତା ଅର୍ପଣ କରିଥିଲେ । ଏଥିରେ ଜିଲ୍ଲାର ୧୧ଗୋଟି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପରିଚାଳନା କମିଟି, ଅଭିଭାବକ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ମାତୃ ସନ୍ତାନ ଯୋଗ ଦେଇଥିଲେ ।

## ଝାରବନ୍ଧ ସାମ୍ବାଦିକ ସଂଘ ପ୍ରତିଷ୍ଠା ଉତ୍ସବ ଓ ବୃକ୍ଷରୋପଣ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ସାମ୍ବାଦିକ ସଂଘ ଭବନ ପ୍ରତିଷ୍ଠା ବାର୍ଷିକୀ ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଏକ ବନ୍ଧୁ ମିଳନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଝାରବନ୍ଧ ସ୍ଥିତ ସାମ୍ବାଦିକ ଭବନ ଠାରେ ସାମ୍ବାଦିକ ଜହନ କୁମ୍ଭାରଙ୍କ ପରିଚାଳନାରେ ଆୟୋଜିତ ସଭାରେ ରମେଶ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରବି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ଼ ଶତପଥି ଯୋଗଦାନ କରି ଝାରବନ୍ଧ ସଂଘକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଅର୍ଥଶାସ୍ତ୍ରରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଟପର ଉତ୍ତମ କୁମାର ସାହୁ,ମାଟ୍ରିକ ପରୀକ୍ଷାରେ ଏ ୧ ପାଇଥିବା ଛାତ୍ର ବିଶ୍ୱ ରଣା,ଜିଲ୍ଲା ସ୍ତରୀୟ ସାହିତ୍ୟ ଏକାଡେମୀ ରେ ପ୍ରବନ୍ଧ ରେ ପ୍ରଥମ ହୋଇଥିବା ଦୀପକ ବାଗ , ସାଧାରଣ ଜ୍ଞାନ ରେ ପ୍ରଥମ ହୋଇଥିବା ଛାତ୍ର ପ୍ରିୟାଂଶୁ ମେହେର, କବିତା ଆବୃତ୍ତିରେ ପ୍ରଥମ ହୋଇଥିବା ଛାତ୍ରୀ ଟିକେଶ୍ୱରୀ ବାରିକ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଝାରବନ୍ଧ ଚାକଦର୍ହ ଡ୍ୟାମ ପରିଦର୍ଶନ ଅବସରରେ ପ୍ରକୃତିବନ୍ଧୁ ଶିକ୍ଷକ ଭୁବନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କରାଯାଇଥିଲା । ଏହି ବୃକ୍ଷ ରୋପଣରେ ପ୍ରତ୍ୟେକ ବ୍ଲକର ସାମ୍ବାଦିକଙ୍କ ସମେତ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ଯୁବ ସମାଜ ସେବୀ ଡୋଳଚନ୍ଦ୍ର ସାହୁ, ସାମ୍ବାଦିକ ଦେବେନ୍ଦ୍ର ସାହୁ, ନକୁଳ ସାହୁ, ପ୍ରଦୀପ ପ୍ରଧାନ, ଶିବ ପ୍ରସାଦ ପଟେଲ ସାମିଲ ଥିଲେ ।

## କୋଟିଆ ଗ୍ରାମପୁଞ୍ଜରେ ସ୍ୱାସ୍ଥ୍ୟ ଶିବିର

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜ ନେରେଡିବାଲାସା ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ସମୁଦାୟ ୨୮୬ ଜଣ ପଞ୍ଜିକରଣ କରାଯାଇଥିବା ବେଳେ ସେମାନଙ୍କୁ ଡାକ୍ତର ମାନଙ୍କ ପରୀକ୍ଷା କରାଯାଇ ମାଗଣାରେ ମେଡିସିନ ପ୍ରଦାନ କରାଯାଇଛି। ଶିବିରରେ ସୁନାବେଡ଼ା ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଙ୍କ ଡାକ୍ତର ସନ୍ତୋଷ କୁମାର ପଣ୍ଡା, ଶିଶୁ ବିଶେଷଙ୍କ ଡାକ୍ତର ଏସ ଏସ ପାତ୍ର, ମାଥାଲପୁଟ ଡାକ୍ତରଖାନାର ଚକ୍ଷୁ ସହାୟକ ବିଜୟ କୁମାର ଆଚାର୍ଯ୍ୟଙ୍କ ସହ କୋଟିଆ ଡାକ୍ତରଖାନାର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଗତ କିଛିଦିନ ତଳେ ଆନ୍ଧ୍ର ପ୍ରଦେଶର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବା ବେଳେ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ପଟ୍ଟାଙ୍ଗୀ ତହସିଲଦାର ଏହାକୁ ବନ୍ଦ କରିଥିଲେ ।

## ମା ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ସ୍କୁଲରେ ବନ ମହୋତ୍ସବ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧମା ସ୍ଥିତ ମା ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ୟୁଥ ରେଡକ୍ରସ ୟୁନିଟ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ । ପୂର୍ବତନ ପରିଚାଳନା ପରିଷଦ ସଭାପତି ଦିଲୀପ କୁମାର ମହାପାତ୍ର ମୁଖ୍ୟ ଅତିଥି, ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁର କେନ୍ଦ୍ର ସରକାରଙ୍କ 'ଏକ ପେଡ ମାକେ ନାମ୍' ଅଭିଯାନର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ବଲପୁର ବନଖଣ୍ଡ ଓ ଧମା ବନାଞ୍ଚଳ ପକ୍ଷରୁ ଔଷଧୀୟ ବୃକ୍ଷ ଓ ମାନବ ଜୀବନରେ ଏହାର ଉପକାରିତା ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ବନୋଜ କୁମାର ସାହୁ ଏବଂ ରେଡକ୍ରସର କାର୍ଯ୍ୟକ୍ରମ ଅଧିକାରୀ ସ୍ମାରକୀ ମାହାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଣ୍ଡିତ ବ୍ୟାସଦେବ ପଣ୍ଡା, ଡ. ସିଦ୍ଧାର୍ଥ ପଣ୍ଡା, ସ୍ୱାତି ପତି, ମିନତି ଦାଶ, ସୁଶ୍ରୀତ ଷଡଙ୍ଗୀ, କୁଶ ଲୁହୁରା, ଅରୁଣ ଲୁହୁରା ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ପୁତୁଲାତଳେଇ–ନୂଆପଡ଼ା ରାସ୍ତାକୁ ଉନ୍ନତିକରଣ କଲା ବ୍ଲକ ପ୍ରଶାସନ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତ ଅଧିନସ୍ଥ ପୁତୁଲାତଳେଇ – ନୂଆପଡ଼ା ରାସ୍ତାକୁ ଉନ୍ନତିକରଣ କଲା ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ । ଏହି ରାସ୍ତାରେ ଦୈନିକ ଶତାଧିକ ଲୋକଙ୍କ ସହ ଛାତ୍ର ଛାତ୍ରୀ ମାନେ ଯିବା ଆସିବା କରୁଛନ୍ତି । ବର୍ଷା ଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ସ୍ଥାନୀୟ ଲୋକେ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଲା ବେହେରାଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ରାସ୍ତାକୁ ମରାମତି କରିଥିବାରୁ ଅଞ୍ଚଳ ବାସୀ ଖୁସିବ୍ୟକ୍ତ କରିଛନ୍ତି। ଖରା ମାସରେ ଠିକ ଭାବେ ରାସ୍ତାରେ ଯିବା ଆସିବା କରୁଥିବା ବେଳେ ବର୍ଷା ମାସ ହେଲେ ଏଠାକାର ଲୋକେ ରାସ୍ତାରେ କାଦୁଅ ପଚ ପଚ ହେବା ଯୋଗୁଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନ ତଦନ୍ତ କରି ଏ ଦିଗରେ ପଦକ୍ଷେପ ନିଆଯାଇ ରାସ୍ତା ସମସ୍ୟାର ସମାଧାନ କରାଯାଉଥିବା ଯୋଗୁଁ ବଙ୍ଗୋମୁଣ୍ଡା ବ୍ଲକ ପ୍ରଶାସନକୁ ସ୍ଥାନୀୟ ଲୋକେ ଧନ୍ୟବାଦ ଦେଇଛନ୍ତି ।

## ବଜ୍ରପାତରେ ଜଣେ ମହିଳା ମୃତ,୨ ଗୁରୁତର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପରୁଆଭାଡି ପଞ୍ଚାୟତ ସାହାଜବାହାଲ ଗ୍ରାମରେ ବଜ୍ରପାତ ଯୋଗୁଁ ଜଣେ ମହିଳା ମୃତ ଓ ୨ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଯୋଗ୍ୟ, ଆରତୀ ବାଘଙ୍କ ନିଜ ବିଲରେ ଚାଷ କାର୍ଯ୍ୟ ସାରି ଘରକୁ ଫେରିବା ସମୟରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା । ଏହି ସମୟରେ ଆଗପଛ ହୋଇ ଫେରୁଥିବା ବେଳେ ୩ ଜଣ ମହିଳା ବଜ୍ରାଘାତର ଶିକାର ହୋଇ ଅଚେ଼ ହୋଇ ପଡ଼ିଥିଲେ। ଆହତଙ୍କୁ ତୁରନ୍ତ ପରିବାର ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହିଳା ଖିର ସହନେତ( ୫୫)ଙ୍କୁ ମୃତ ଘୋଷଣା କରିଥିଲେ। କୁଚିଣ୍ଡା ଡାକ୍ତରଖାନାରେ ଆଉ ଦୁଇ ଜଣ ଗୁରୁତର ମହିଳା କୁନ୍ତି ଷଣ୍ଢ (୬୦) ଓ ଆରତୀ ବାଘ(୫୫)ଙ୍କ ଚିକିତ୍ସା ଚାଲିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବୌଦ୍ଧ: ଆନ୍ତଃଜିଲ୍ଲା ସାହାଣି କପ୍ ଫୁଟବଲ୍ ଚାମ୍ପିଅନସିପ: କଳାହାଣ୍ଡି ଓ ବରଗଡ ବିଜୟୀ



ବୌଦ୍ଧ,(ସବ୍ୟୁ): ଓଡିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ବୌଦ୍ଧ ଜୋନ୍ ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିନରେ ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ କଳାହାଣ୍ଡି ଓ ନୟାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କଳାହାଣ୍ଡି ଦଳ ୧–୦ ଗୋଲ୍‌ରେ ବିଜୟୀ ହୋଇଛି । ଖେଳ ସଂଘର୍ଷପୂର୍ଣ୍ଣ ରହିଥିବାବେଳେ ଖେଳର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ୍ ଦେଇପାରିନଥିଲେ । ଦ୍ୱିତୀୟାର୍ଦ୍ଧରେ ଖେଳର ୬୧ ମିନିଟରେ କଳାହାଣ୍ଡିର ଚନ୍ଦ୍ରଧ୍ୱଜ ଜାନୀ ଗୋଟିଏ ଗୋଲ୍ ଦେଇ ଦଳକୁ ବିଜୟୀ କରିଥିଲେ । ପ୍ରଥମ ମ୍ୟାଚରେ ମୁଖ୍ୟରେଫରୀ ଭାବେ ରୋଶନ ଖାନ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ସଞ୍ଜନ କୁଦେଇ ଓ ଅମିତ ନାଏକ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଭାବେ ସୋମନାଥ ମୁର୍ମୁ ଦାୟିତ୍ୱ ତୁଲାଇଥିଲେ । କଳାହାଣ୍ଡି ଦଳର ବିଶାଳ ମାଝୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ବରଗଡ ଓ ଦେବଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ ୩–୦ ଗୋଲରେ ବିଜୟୀ ହୋଇଛି । ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୧୭ ମିନିଟରେ ବରଗଡ ଦଳର ଆନନ୍ଦ ଓରାମ ଗୋଟିଏ ଓ ୪୫ ମିନିଟରେ ଅଙ୍କିତ ବେହେରା ଗୋଟିଏ ଗୋଲ୍ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୭୮ ମିନିଟରେ ସଞ୍ଜିବ ଦଣ୍ଡସନା ଗୋଟିଏ ଗୋଲ୍ କରିଥିଲେ । ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ସଭାପତି ପ୍ରଦୋଷ କୁମାର ମିଶ୍ର, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ, ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ କାର୍ଯ୍ୟକାରୀ ସଭାପତି ଦିବ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହେବାସହ ଉତ୍ସାହିତ କରିଥିଲେ । ଦ୍ୱିତୀୟ ମ୍ୟାଚକୁ ମୁଖ୍ୟରେଫରୀ ଭାବେ ଲିଙ୍ଗରାଜ ପଧାନ ପରିଚାଳନା କରିଥିବାବେଳେ ଲାଇନରେ ଜିତେନ୍ଦ୍ରୀୟ ଥନାପତି ଓ ଦେବାଶିଷ ବାଗ ସହାୟତା କରିଥିଲେ । ସେହିପରି ଚତୁର୍ଥ ରେଫରୀ ଭାବେ ସଲିଳ କୁମାର ବାଗ ଦାୟିତ୍ୱ ତୁଲାଇଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବରଗଡ ଗୋଲକିପର ସିଦ୍ଧାନ୍ତ ପଧାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଉଭୟ ଖେଳ ପରିଚାଳନା କରିଥିଲେ ।

## କରାଟେ ଓ ଟାଇକଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ କରାଟେ ସ୍କୁଲରେ ସିଆଇଏସଇ ଅଧିନସ୍ଥ ଲିଟିଲ୍ ଫ୍ଲାୱାର ସ୍କୁଲ ତରଫରୁ ଜୋନାଲ ସ୍ତରୀୟ ସ୍କୁଲ ଗେମ୍ ଟାଇକଣ୍ଡୋ ଓ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲା ସିଆଇଏସ୍‌ଇ ଅଧିନସ୍ଥ ସମସ୍ତ ସ୍କୁଲର କରାଟେ ଓ ଟାଇକଣ୍ଡୋ ଛାତ୍ର ଛାତ୍ରୀମାନେ ଭାଗ ନେଇଥିଲେ । ଏଥିରେ ୧୪ ଓ ୧୭ ବର୍ଷ ବର୍ଗ ବାଳିକା ଓ ବାଳକ ବିଭାଗର ବିଭିନ୍ନ ଓଜନ ରେ କରାଟେ ଓ ଟାଇକଣ୍ଡୋ ଫାଇଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ ଅସୀମ କୁମାର ଭୋଇ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏଥିରେ ଉତ୍ତିର୍ଣ୍ଣ ଛାତ୍ର ଛାତ୍ରୀମାନଙ୍କୁ ଓଡିଶା ରିଜନ କମିଟି ସଦସ୍ୟ ମୁକେଶ ସାହୁ, ଜାତୀୟ ସ୍ତରୀୟ ଟାଇକଣ୍ଡୋ କରାଟେ କୋଚ ଅସୀମ ଭୋଇ, ଲିଟିଲ ଫ୍ଲାୱାର ସ୍କୁଲ ପିଇଟି ପ୍ରଭାତ ଦାଶ ଓ ଦେବାଶିଷ ମହାପାତ୍ର ମାନପତ୍ର ଓ ମେଡାଲ ସହ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଆଗାମୀ ଦିନରେ ସିଆଇଏସ୍‌ଇ ରିଜିଓନାଲ ସ୍ତରୀୟ ପ୍ରତିଯୋଗିତାରେ ଉତ୍ତିର୍ଣ୍ଣ ପ୍ରତିଯୋଗୀମାନେ ଭାଗ ନେବେ ବୋଲି ସୂଚନା ଦିଆଯାଇଛି । ଏଥିରେ ଅଫିସିଆଲ ମୁଖ୍ୟ ଭାବେ ଅସୀମ ଭୋଇ ତଥା ସୁଶାନ୍ତ ମୁଗ୍ରୀ, କରନ ନନ୍ଦ, ଅସିଫ୍ ରାଜା, ଜୟମ ସାହୁ ଓ ପ୍ରାଚୀ ବେହେରା ଦାୟିତ୍ୱ ବହନ କରିଥିଲେ । ଅସୀମ ଟାଇକଣ୍ଡୋ ଓ କରାଟେ ଏକାଡେମୀର ଶ୍ରୀୟାଂଶ ସିଂ ଭଞ୍ଜ, ଶୁଭମ ମେହେର, ସାନଭି ପ୍ରଧାନ, ପ୍ରୀୟମ ସାହୁ, ଆର୍ଯ୍ୟମାନ ସିଂଦେଓ, ସମୀକ୍ଷା ସମୃଦ୍ଧି ଷଡଙ୍ଗୀ, ଅଭିଳାଷା ଚୈଧୁରୀ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

ସମୟ

# କବିଗୁରୁ ରବୀନ୍ଦ୍ରନାଥ ଓ କବି ମାନସିଂହ-୨

## (ଶିଳ୍ପଦୃଷ୍ଟି ଓ ଶିଳ୍ପାଦର୍ଶ)



ଡ. ମନୋରମା ବିଶ୍ୱାଳ ମହାପାତ୍ର

ବ୍ୟକ୍ତିଗତ ଜୀବନ ସହିତ ବିଶ୍ୱ ଜୀବନର ମାନବାତ୍ମାଙ୍କ ସହିତ ଅନନ୍ତ ଭୂମାଙ୍କ ସଂପର୍କ ରବୀନ୍ଦ୍ରନାଥଙ୍କ କାବ୍ୟରେ ରୂପାୟିତ ହୋଇଛି । ଗୀତାଞ୍ଜଳି ମଧ୍ୟରେ ଏହି ମଣିଷ ସହିତ ଭଗବାନଙ୍କର ଅପରୂପ ସଂପର୍କ ବିଭିନ୍ନ ଭାବରେ କବି ଉଦ୍‌ଘାଟନ କରିଛନ୍ତି । ରୂପ ମଧ୍ୟରେ ଅରୂପ, ସୀମା ମଧ୍ୟରେ ଅସୀମ, ଶବ୍ଦ ମଧ୍ୟରେ ନିଃଶବ୍ଦ, ମୃତ୍ୟୁ ମଧ୍ୟରେ ଅମୃତର ଉପଭୋଗ ରବୀନ୍ଦ୍ର କାବ୍ୟାଦର୍ଶର ଅନ୍ୟତମ ବୈଶିଷ୍ଟ୍ୟ । ମାନସିଂହଙ୍କର ପ୍ରାୟ ଅଧିକାଂଶ କବିତାରେ ଏହିଭାବଧାରାର ଚମତ୍କାର ରୂପାୟନ ଘଟିଛି । ତେଣୁ ଦେହର ଜଡ଼ ଅନୁଭୂତିରୁ ଆତ୍ମାର ଚେତନାଲୋକକୁ, ରୂପର ପୁଷ୍ପିତ ପ୍ରାଙ୍ଗଣରୁ ଅରୂପର ଅଳକାପୁରୀକୁ ଏବଂ ସୀମାର ସଂକୀର୍ଣ୍ଣ ନିଗଡ଼ରୁ ବୃହତ୍ତର ପରିସରକୁ ଅନ୍ତରର କବି ମଣିଷଟି କ୍ରମଶଃ ଗତିଶୀଳ ହୋଇଛି ଓ ପ୍ରଣୟିନୀର ରୂପାଲୋକରେ ମଧ୍ୟ ଅରୂପର ସନ୍ଧାନ କରିଛି ।



କବି ମାନସିଂହଙ୍କ ପରିଣତ କାବ୍ୟସ୍ୱରରେ ଈଶ୍ୱରାନୁଭୂତି ଓ ଇନ୍ଦ୍ରୟୋତ୍ତର ଚେତନା ମୂର୍ତ୍ତ ହୋଇ ଉଠିଛି । ଦେହଜ ପ୍ରଣୟରୁ ଅତୀନ୍ଦ୍ରିୟ ଅନୁଚିନ୍ତା ଆଡ଼କୁ ତାଙ୍କର ଉତ୍ତରଣ ହୋଇଛି । ଏହି ଚେତନା ତାଙ୍କର 'ଅକ୍ଷତ', 'ଜୀବନଚିତା ଆଡ଼କୁ' (୧୯୪୭) ଓ 'କୃଶ' (୧୯୫୪-୧୯୫୬) ପ୍ରଭୃତି କାବ୍ୟରେ ପ୍ରତିଧ୍ୱନିତ ହୋଇଛି । ଏହିସବୁ କାବ୍ୟରେ ରବୀନ୍ଦ୍ର ପ୍ରଭାବ ସ୍ପଷ୍ଟ ।


ଜୀବନର ଅପାର୍ଥିବ କାମନା ନିମନ୍ତେ କବି ଅଶ୍ରୁବର୍ଷଣ କରିଛନ୍ତି ଏବଂ ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । କବି ମାନସିଂହଙ୍କ

*'ଆଜି ଦେହ ଖୋଜେ ଏକ ଦୁର୍ଲଭ ବିଦେହୀ।*
*ଚିତ୍ତ ଖୋଜେ ଏକ ତେଜି ବିରାଟ ନିଖିଳେ*
*ଖୋଜେ ଅରୂପରେ ରୂପ କ୍ଲାନ୍ତ ନେତ୍ର ଦୁଇ/*
*ସ୍ନାତ ହୋଇଉଠେ ଗଣ୍ଡ ଅନାସକ୍ତ ନୀରେ' -*
*(ନୂତନ ପ୍ରଣୟ, ପୃଷ-କୃଶ)*

ରବୀନ୍ଦ୍ରନାଥଙ୍କ ବହୁ କବିତାରେ ମର୍ତ୍ତ୍ୟପ୍ରୀତି ଯେପରି ମୂର୍ତ୍ତିମନ୍ତ ହୋଇଉଠିଛି ମାନସିଂହଙ୍କର ବହୁ କବିତାରେ ସେହି ଭାବଧାରା ପ୍ରାଧାନ୍ୟ ଲାଭ କରିଛି । 'ରବୀନ୍ଦ୍ରନାଥଙ୍କ ମର୍ତ୍ତ୍ୟପ୍ରୀତି ନିଃଛିଦ୍ର। ମାନସିଂହଙ୍କ ମର୍ତ୍ତ୍ୟପ୍ରୀତି ବଡ଼ ଦ୍ୱିବିଷ୍ଟ । ଯେଉଁ ଭାବ ପୁଷ୍ପଟି ସେ ରବୀନ୍ଦ୍ର କାବ୍ୟରୁ ସଂଗ୍ରହ କରିଆଣିଲେ, ତାହାକୁ ସର୍ବାନ୍ତକରଣରେ ଗ୍ରହଣ କରିପାରିଲେ ନାହିଁ' - (କାବ୍ୟ ସମ୍ବାଦ, ଦାଶରଥି ପ୍ରସାଦ ଦାସ- ପୃ-୩୩୪)। କାରଣ ମାନସିଂହଙ୍କ କାବ୍ୟଜଗତ ବାହାରେ ମର୍ତ୍ତ୍ୟର ଅନୁଭବ ତାଙ୍କ ପାଇଁ ସବୁବେଳେ ଶୁଭଙ୍କର ନଥିଲା । ମଣିଷର ବିଶ୍ୱାସଘାତକତାରେ ସେ ବ୍ୟଥିତ ହୋଇ ଉଦ୍‌ଭିଦ ଓ ପଶୁଠାରୁ ମଣିଷକୁ ହୀନ ଦୃଷ୍ଟିରେ ଦେଖିଛନ୍ତି । କବି ମାନସିଂହ ଦେବଶିଶୁର ଅଧୋଗତି କେବଳ ଅନୁଭବ କରିନାହାନ୍ତି, ଏ ପୃଥିବୀରୁ ପରିତ୍ରାଣ ନିମନ୍ତେ ସେ ବ୍ୟାକୁଳ ହୋଇଛନ୍ତି । ରବୀନ୍ଦ୍ରନାଥଙ୍କ ମର୍ତ୍ତ୍ୟଭୂମି ସ୍ୱର୍ଗ ନୁହେଁ । ତାହା ତାଙ୍କର ଜନ୍ମଭୂମି । ଅନ୍ଧାର ଆଲୋକ ସୁଖ ଦୁଃଖ ଭିତରେ ମଧ୍ୟ ରବୀନ୍ଦ୍ରନାଥ ଏ ପୃଥିବୀକୁ ଭଲ ପାଇଛନ୍ତି । ସେଥିପାଇଁ ସେ ହୁଏତ କହୁଛନ୍ତି

*'ଏ ଦ୍ୟୁଲୋକ ମଧୁମୟ। ମଧୁମୟ*
*ପୃଥିବୀର ଧୂଳି କିମ୍ବା ଆମି ପୃଥିବୀର କବି ।'*

*'ମରିତେ ଚାଇନା ଆମି ସୁନ୍ଦର ଭୁବନେ*
*ମାନବେର୍ ମାଝେ ଆମି ବାଚିବାରେ ଚାଇ।'*



ମଣିଷ ସୁକୁମାର ଗୁଣକୁ ମାନସିଂହ ଶ୍ରଦ୍ଧା କରିଛନ୍ତି। ସ୍ନେହପ୍ରେମକୁ ସେ ଅସ୍ୱୀକାର କରିନାହାନ୍ତି । ରବୀନ୍ଦ୍ର ସାହିତ୍ୟରେ ମଣିଷକୁ ସମ୍ମାନ ଦିଆଯାଇଛି । ସାଧାରଣ ଅସାଧାରଣ ସମସ୍ତଙ୍କ ପାଇଁ ତାଙ୍କ ଦରଦ ଅସ୍ୱୀକାର କରି ହେବ ନାହିଁ । ମାନସିଂହ ଲୋକୋତ୍ତର ପୂଜା କରିଛନ୍ତି ଯଥେଷ୍ଟ । ବୁଦ୍ଧଦେବ, ମହାତ୍ମା ଗାନ୍ଧି, ଶେଲୀ, ରବୀନ୍ଦ୍ରନାଥ, ଗୋପବନ୍ଧୁ, ଗୋପାଳକୃଷ୍ଣ ପ୍ରଭୃତିଙ୍କର ମହିମା ଗାନ କରିଛନ୍ତି ।

ରବୀନ୍ଦ୍ରନାଥଙ୍କ ପରି କବି ମାନସିଂହ ମର୍ତ୍ତ୍ୟର ସର୍ବତ୍ର ସେହି ସାର୍ବଭୌମ ଅଚିନ୍ତନୀୟ ପୁରୁଷର ସ୍ପର୍ଶ ଓ ବିରାଟର ଆକର୍ଷଣର ଅନୁଭବ କରିଛନ୍ତି । ପୂର୍ଣ୍ଣତା ପାଇଁ ଆକାଂକ୍ଷିତ ହୋଇଛନ୍ତି ।

*'ଅପୂର୍ଣ୍ଣ ମୁଁ ଖୋଜେ ମୋର ମଧୁର ପୂର୍ଣ୍ଣତା ତୁମ ପାଇଁ ତେଣୁ ପ୍ରାଣେ ଏ ତୀବ୍ର ମମତା। (ବିଶ୍ୱ ଆକର୍ଷଣ) କୃଶ - ଗ୍ରନ୍ଥାବଳୀ, ପୃ-୪୩୭)।*

'ଜୀବନ ଦେବତା' କବିତାର ଏକ ଅଚିନ୍ତନୀୟ ଲୀଳାକୁ ଅନ୍ତର ମଧ୍ୟରେ ଉପଲବ୍ଧକରି କବି ହତବାକ୍ ହୋଇ ଉଠିଛନ୍ତି । ଉପନିଷଦୀୟ ଚିନ୍ତାଧାରାରେ ଏହା ଉଦ୍‌ବୁଦ୍ଧ । ଜୀବାତ୍ମା ଏବଂ ପରମାତ୍ମାର କଥାରେ ଏହା ରହସ୍ୟାଚ୍ଛନ୍ନ । ରବୀନ୍ଦ୍ରନାଥ ଇନ୍ଦ୍ରିୟାତୀତକୁ ଅନ୍ତର ମଧ୍ୟରେ ଉପଲବ୍ଧ କରି ଅସୀମତାରେ ତାଙ୍କ ହୃଦୟ ଏକାକାର ହୋଇଯାଇଛି ।

*'ସୀମାର୍ ମାଝେ, ଅସୀମ୍ ତୁମି ବାଜାଓ*
*ଆପନ୍ ସୁର୍ । ଆମାର୍ ମଧ୍ୟେ ତୋମାର୍*
*ପ୍ରକାଶ ତାଇ ଏତୋ ସୁମଧୁର । କତ ବର୍ଣ୍ଣେ*
*କତଗନ୍ଧେ କତ ଗାନେ, କତ ଛନ୍ଦୋ ଅରୂପ*
*ତୋମାର ରୂପେର୍ ଲୀଲାୟ ଜାଗେ*
*ହୃଦୟପୁର ।'*

ଆର୍ଯ୍ୟଋଷିର ଅନ୍ତର ପରି କବି ପୁରୁଷର ହୃଦୟପରି ଭାରତକୁ ଏକ ସର୍ବଧର୍ମ ଓ ସର୍ବ ମତବାଦର ମିଳନପୀଠ ରୂପେ ଚିତ୍ର କରିବାରେ ରବୀନ୍ଦ୍ରନାଥଙ୍କ କବିତାର ସ୍ୱର ଅତି ପ୍ରଭାବଶାଳୀ ।

*'ଏସୋହେ ଆର୍ଯ୍ୟ ଏସୋ ଅନାର୍ଯ୍ୟ ହିନ୍ଦୁ*
*ମୁସଲମାନ୍ / ଏସୋ ଏସୋ ଆଜ୍ ତୁମି*
*ଇଂରେଜ, ଏସୋ ଏସୋ ଖ୍ରୀଷ୍ଟାନ୍ ।' କିମ୍ବା*
*'ସବାର୍ ପରଶେ ପବିତ୍ର କରୋ ତୀର୍ଥ ନୀରେ,*
*ଏଇ ଭାରତେର୍ ମହାମାନବେର୍*
*ସାଗରତୀରେ ।'*
*(ଭାରତତୀର୍ଥ) ଗୀତାଞ୍ଜଳି ବିଶ୍ୱକବି ରବୀନ୍ଦ୍ରନାଥ ।*

ରବୀନ୍ଦ୍ରନାଥଙ୍କ ଭାରତତୀର୍ଥ ଏବଂ ମାନସିଂହଙ୍କର 'ପାନ୍ଥଗାଥା' ମଧ୍ୟରେ ସାମଞ୍ଜସ୍ୟ ଯେ କୌଣସି ପାଠକ ଉପଲବ୍ଧି କରିପାରିବ।

*'ଆସଭାଇ ଶ୍ୱେତ କୃଷ୍ଣ ଲୋହିତ ପିଙ୍ଗଳ ହିନ୍ଦୁ*
*ବୌଦ୍ଧ ପାର୍ଶି ଖ୍ରୀଷ୍ଟ ମୁସଲମାନ।'*
*(ପାନ୍ଥଗାଥା -'ଅକ୍ଷତ' ମାନସିଂହ ଗ୍ରନ୍ଥାବଳୀ।)*

ଏହି ଇନ୍ଦ୍ରିୟୋତ୍ତର ଚେତନାରେ କବି ଯେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ପାଖରେ ଅଧିକ ଋଣଗ୍ରସ୍ତ ଏଥିରେ ସନ୍ଦେହ ନାହିଁ । ଉଭୟ କବିଙ୍କ ବହୁ କବିତାରେ ଭାବାବେଗ ଏକ ଓ ଅଭିନ୍ନ ଭାବେ ପ୍ରକଟିତ ହୋଇଛି । ବସ୍ତୁତଃ ରବୀନ୍ଦ୍ରନାଥଙ୍କ ପରି ଜଣେ ପ୍ରଚଣ୍ଡ ପ୍ରତିଭା ସଂପନ୍ନ କବିଙ୍କ ପ୍ରଭାବକୁ ଉପେକ୍ଷା କରିବା ସେତେବେଳେ ଓଡ଼ିଆ କବିମାନଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ମାନସିଂହଙ୍କ 'କୃଶ', 'ହେମଶସ୍ୟ' ଓ 'ଅକ୍ଷତ'ର ବହୁ କବିତାର ଭାବଧାରାରେ ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳିର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଇପାରେ ।

ମାନସିଂହ ରବୀନ୍ଦ୍ର କାବ୍ୟଦର୍ଶର ପୂଜାରୀ ଥିଲେ । ଜୀବନର ଉଦୟ ଉତ୍ସବ ତୃଟି ବିଚ୍ୟୁତି ସତ୍ତ୍ୱେ ସେ ଜୀବନକୁ ଭଲ ପାଇଛନ୍ତି ।

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ମୋ-୦୯୩୪୩୭୦୧୧୦୦୩**

# ସାହିତ୍ୟ ସାଧକ ଭକ୍ତକବି ମଧୁସୂଦନ ରାଓ



ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡ଼ିଆ ଭାଷା ସାହିତ୍ୟର କାଳଜୟୀ ସାରସ୍ୱତ ସାଧକ ଥିଲେ ଭକ୍ତକବି ମଧୁସୂଦନ ରାଓ । ଏହି ଯୋଗଜନ୍ମା ସାଧକ ଜନ୍ମ ନେଇଥିଲେ ୧୮୫୩ ମସିହା ଜାନୁଆରୀ ୨୯ ତାରିଖ ପୁରୀ ଜିଲ୍ଲାର କୁଣ୍ଢେଇବେଣ୍ଟ ସାହିରେ । ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ତାଙ୍କର ଦେହବସାନ ହେଲା। ହେଲେ ଭକ୍ତି ଭାବ ଓ ଈଶ୍ୱରଙ୍କ ସତ୍ତାକୁ ନିଜ କାବ୍ୟ କବିତାରେ ପ୍ରକାଶ କରିବାର ଅସାଧାରଣ ସାମର୍ଥ୍ୟ ପାଇଁ ସେ ଭକ୍ତକବି ମଧୁସୂଦନ ଭାବେ ସୁପରିଚିତ ହୋଇଥିଲେ । । ପଲ୍ଲୀକବି ନନ୍ଦକିଶୋରଙ୍କ ଭାଷାରେ-

*ହେ ବରେଣ୍ୟ ଦେବ ଶ୍ରୀଚରଣେ ତବ*
*ହୁଏ ମୁଁ ଭୂମିଷ୍ଠ ପ୍ରଣତ,*
*ଯାବତ ଜୀବନ ଆଦର୍ଶ ସ୍ୱରୂପେ*
*ବିରାଜ ମୋ ପ୍ରାଣେ ସନ୍ତତ,*
*ହେ ଦେବ ! ଉତ୍କଳର ଇତିହାସରେ*
*ଶ୍ରୀ ମଧୁସୂଦନ ଭକ୍ତକବି ନାମ*
*ରହିଲା ସୁବର୍ଣ୍ଣ ଅକ୍ଷରେ ।*

ସେ ଗ୍ରାମ ଚାଟଶାଳୀରୁ ଶିକ୍ଷା ଆରମ୍ଭ କରି ଭୁବନେଶ୍ୱରର ଏକ ମାଇନର ସ୍କୁଲରେ ଶିକ୍ଷା ଲାଭ କରିଥିଲେ । ଏହି ସମୟରେ ବିଭାଗୀୟ ସ୍କୁଲ ଇନ୍‌ସପେକ୍ଟର୍‌ଙ୍କ ସୁନଜର ତାଙ୍କ ଉପରେ ପଡିଲା । ମଧୁସୂଦନଙ୍କ ପିତୃମାତୃ ଭକ୍ତି, ବିନୟୀ ସ୍ୱଭାବ ଓ ଜ୍ଞାନର ଅନୁରାଗ ଦେଖି ସେ ଅତ୍ୟନ୍ତ ପ୍ରୀତ ହୋଇଗଲେ । ଏହାପରେ ସେ ମଧୁସୂଦନଙ୍କୁ ବିନା ଦରମାରେ ପଢିବା ପାଇଁ ପୁରୀ ଜିଲ୍ଲା ସ୍କୁଲକୁ ସୁପାରିସ ପତ୍ର ଲେଖିଦେଲେ ।

ଏହି ସମୟରେ କବିବର ରାଧାନାଥ ରାୟଙ୍କ ଭଳି ବରପୁତ୍ରଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ । ଏଇଠାରୁ ତାଙ୍କର ଜୀବନର ଗତିପଥ ବଦଳିଗଲା । ଦୃଢ ଇଚ୍ଛାଶକ୍ତି, ପ୍ରଗାଢ ଚେଷ୍ଟା ଓ ଅଦମ୍ୟ ଉତ୍ସାହକୁ ପାଥେୟକରି ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ଶ୍ରେଣୀରେ କୃତିତ୍ୱର ସହ ପାଶ୍ କରିଥିଲେ ।

ପରେ ସରକାରୀ ବୃତ୍ତି ପାଇ ଏଫ୍.ଏ ପଢ଼ିବା ପାଇଁ କଟକ ଆସିଲେ । ୧୮୭୧ ମସିହାରେ ସେ କୃତିତ୍ୱର ସହ ଏଫ୍.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ପରବର୍ତ୍ତୀ ସମୟରେ କଲିକତାରେ ବି.ଏ ପଢିବାକୁ ଇଚ୍ଛାଥିଲେ ମଧ୍ୟ ବାପାଙ୍କ କଥାକୁ ସମ୍ମାନ ଜଣାଇ ସେ ସେଥିରୁ ନିବୃତ୍ତ ରହିଥିଲେ । ଘଟଣାକ୍ରମେ ସେ ପ୍ରଥମେ ପୁରୀ ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ଭାବେ କାର୍ଯ୍ୟ କରି ପ୍ରଶଂସିତ ହୋଇପାରିଥିଲେ । ପ୍ରକୃତରେ ସେ ଥିଲେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ଦିଗ୍‌ଦର୍ଶକ ମଧ୍ୟ ।

ତାଙ୍କର କଥନ, ଚିନ୍ତନ, କର୍ମ ଓ ଆଚରଣ ସବୁ ସମାନ ଥିଲା, ଯାହାର ପ୍ରଭାବ ବିଦ୍ୟାର୍ଥୀମାନଙ୍କ ଉପରେ ଗଭୀର ରେଖାପାତ କରୁଥିଲା ।

ଏହା ଅନସ୍ୱୀକାର୍ଯ୍ୟ ଯେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ ଓ ସ୍ୱଭାବ କବି ଗଙ୍ଗାଧର ଅଧୁନିକ ଓଡ଼ିଆ ସାହିତ୍ୟକୁ ଉନ୍ନତିର ଚରମ ସୀମାରେ ପହଞ୍ଚାଇ ପାରିଛନ୍ତି । କିନ୍ତୁ ତୃଣମୂଳ ସ୍ତରରୁ ଓଡିଆ ଭାଷାର ଶିକ୍ଷା, ଲିଖନ ଓ ପଠନକୁ ସାର୍ବଜନୀନ କରିବା ପାଇଁ ଭକ୍ତକବି ମଧୁସୂଦନ ରାଓଙ୍କ ଅବଦାନ ମଧ୍ୟ ଅତୁଳନୀୟ ।

ଏଥିପାଇଁ ତାଙ୍କ ରଚିତ 'ବର୍ଣ୍ଣବୋଧ' ଏକ ପ୍ରମୁଖ ଆଦ୍ୟ ପାଠ୍ୟପୁସ୍ତକ ହିସାବରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । କୁହାଯାଏ ଓଡ଼ିଶାରେ ଅଧିକାଂଶ ପ୍ରାୟ ବାଲ୍ୟକାଳରେ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ବହି ପଢଛନ୍ତି । ବାସ୍ତବିକ୍ ମଧୁସୂଦନଙ୍କ ବର୍ଣ୍ଣବୋଧ ବହି ହେଉଛି ଓଡ଼ିଆ ଜନଜୀବନରେ ଜ୍ଞାନ ଭଣ୍ଡାରର ଏକ ମୂଳକୋଷ । କୌଣସି ବନାନ ବ୍ୟବହାର ନକରି ସେ ଲେଖିଛନ୍ତି -

*କଟକ ନଗର ଧବଳ ଟଗର*
*ଜଳ ବରଷଇ ଚଇତ ଚଷଇ*

କେବଳ ବର୍ଣ୍ଣବୋଧ ନୁହେଁ, ଭକ୍ତକବିଙ୍କର ସୃଜନଶୀଳତାର ଚଉହଦୀ ବେଶ୍ ପ୍ରସାରିତ ଥିଲା । ବର୍ଣ୍ଣବୋଧ ବ୍ୟତୀତ ଶିଶୁବୋଧ, ସାହିତ୍ୟ କୁସୁମ ଓ ସାହିତ୍ୟ ପ୍ରସଙ୍ଗ ଆଦି କାବ୍ୟ କବିତା ପୁସ୍ତକ ତତ୍କାଳୀନ ଓଡ଼ିଆ ଭାଷାରେ ପରିଲକ୍ଷିତ ହୋଇଥିବା ଉତ୍କଟ ଅଭାବକୁ ପୂରଣ କରିବାରେ ସକ୍ଷମ ହୋଇପାରିଥିଲା ।



ତାଙ୍କର ରଚିତ ଛାନ୍ଦମାଳାରେ ସେ ପ୍ରଭାତ, ସନ୍ଧ୍ୟା, ଷଡଋତୁ, ଜନ୍ମଭୂମି, ମୋ ଜନନୀ ସ୍ତବ ଆଦି ପ୍ରକାଶିତ ହୋଇଥିଲା ଯାହାକି ସ୍ୱ-ଦେଶପ୍ରେମ ଓ ରାଜ୍ୟର ଗୌରବୋଜ୍ଜ୍ୱଳ ଐତିହାସିକ ଗାଥା କହେ । ସେହିପରି ତାଙ୍କ ରଚିତ ମୂଲ୍ୟବୋଧଭିତ୍ତିକ କବିତା 'ଜୀବନ ଚିନ୍ତା' ଓଡ଼ିଆ ସାହିତ୍ୟ ଜଗତରେ ଏକ ଅମୂଲ୍ୟ ସମ୍ପଦ ହୋଇ ରହିବଓ। ଭକ୍ତକବିଙ୍କର 'ନିର୍ବାସିତର ବିଳାପ'ଏକ ଅନନ୍ୟ ଅନୁବାଦ କବିତା । ଏହାକୁ ଅନୁବାଦ କରିବାକୁ ଯାଇ ସେ ଲେଖିଥିଲେ -

*'ବିଜନତା! କାହିଁ ତୋ ବେଶ*
*ମୋହନ?*
*ଯେ ବେଶେ ମୋହିଲୁ ତୁ ମୁନି*
*ନୟନ ।*
*ବରଂ ନିବାସ ଭଲ ରଣ*
*କ୍ଷେତ୍ରରେ*
*ଭୟରେ ସଦା ଯହିଁ ହୃଦୟ*
*ଥରେ ।।'*

ପୁଣି ଆଉ ଏକ ପଂକ୍ତିକୁ ଅନୁବାଦ କରିବାକୁ ଯାଇ ସେ ଲେଖିଛନ୍ତି -

*'କାହିଁ ବନ୍ଧୁତା କାହିଁ ପ୍ରେମ*
*ସୁନ୍ଦର*
*ଯାର ପ୍ରାପତି ଲାଗି ଦେବତା*
*ନର ।'*

ମଧୁସୂଦନଙ୍କ ଆଖିରେ ପିତାମାତାଙ୍କ ସମାନ କେହି ନାହାଁନ୍ତି । ପିତାମାତାଙ୍କ ଠୁଁ ଦେବତା କିଛି ନାହିଁ । ପ୍ରତ୍ୟେକ ସନ୍ତାନ ପାଇଁ ପିତାମାତା ହିଁ ପ୍ରଥମ ଦେବତା । ପିତାମାତାଙ୍କ ସେବାରେ କୋଟି ଲାବଣ୍ୟନିଧି ଫଳ ମିଳିଥାଏ । ପିତାମାତାଙ୍କୁ ଭକ୍ତି ଓ ସେବା କରୁଥିବା ସନ୍ତାନକୁ ସର୍ବ ଦେବାଦେବୀ ପ୍ରତ୍ୟକ୍ଷ ଦର୍ଶନ ଦେଇ ଆଶୀର୍ବାଦ କରିଥାନ୍ତି । ଭକ୍ତକବି ମଧୁସୂଦନଙ୍କ ଭାଷାରେ -

*'ପିତାମାତା ପରି ଆଉ କେ ଅଛି ସଂସାରେ*
*ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି*
*ସେବାରେ ।'*

ସେହିପରି ତାଙ୍କ ପାଇଁ ପରିବାର ଥିଲା ବୈକୁଣ୍ଠ ସମାନ । ଯାହାଙ୍କ ଠାରୁ ସେ ଜନ୍ମ ନେଇଛନ୍ତି, ସେହି ପିତାମାତା ହେଉଛନ୍ତି ପ୍ରତ୍ୟକ୍ଷ ଦେବତା । ଘର ହେଉଛି ବୈକୁଣ୍ଠପୁର । ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା ।

ପିତା, ପତ୍ନୀ, ଭାଇ, ପୁତ୍ରକନ୍ୟାମାନଙ୍କ ଗହଣରେ ତାଙ୍କର ଦିନଗୁଡିକ ଅତି ଆନନ୍ଦରେ କଟୁଥିଲା । ଉତ୍କଳମାତାର ଏହି ପ୍ରତିଭାଦୀପ୍ତ ମଣିଷ ଆଜି ଆମ ଗହଣରେ ନାହାଁନ୍ତି । ହେଲେ ତାଙ୍କ ସାରସ୍ୱତ ସାଧନା ପାଇଁ ସେ ଚିରସ୍ମରଣୀୟ ହୋଇ ରହିଥିବେ ।

**ଜଗତସିଂହପୁର**
**ମୋ - ୯୯୩୭୧୫୧୦୫୨**

> କେବଳ ବର୍ଣ୍ଣବୋଧ ନୁହେଁ, ଭକ୍ତକବିଙ୍କର ସୃଜନଶୀଳତାର ଚଉହଦୀ ବେଶ୍ ପ୍ରସାରିତ ଥିଲା । ବର୍ଣ୍ଣବୋଧ ବ୍ୟତୀତ ଶିଶୁବୋଧ, ସାହିତ୍ୟ କୁସୁମ ଓ ସାହିତ୍ୟ ପ୍ରସଙ୍ଗ ଆଦି କାବ୍ୟ କବିତା ପୁସ୍ତକ ତତ୍କାଳୀନ ଓଡ଼ିଆ ଭାଷାରେ ପରିଲକ୍ଷିତ ହୋଇଥିବା ଉତ୍କଟ ଅଭାବକୁ ପୂରଣ କରିବାରେ ସକ୍ଷମ ହୋଇଥିଲା । ତାଙ୍କର ରଚିତ ଛାନ୍ଦମାଳାରେ ସେ ପ୍ରଭାତ, ସନ୍ଧ୍ୟା,ଷଡଋତୁ, ଜନ୍ମଭୂମି. ମୋ ଜନନୀ ସ୍ତବ ଆଦି ପ୍ରକାଶିତ ହୋଇଥିଲା ଯାହାକି ସ୍ୱ-ଦେଶପ୍ରେମ ଓ ରାଜ୍ୟର ଗୌରବୋଜ୍ଜ୍ୱଳ ଐତିହାସିକ ଗାଥା କହେ । ସେହିପରି ତାଙ୍କ ରଚିତ ମୂଲ୍ୟବୋଧ ଭିତ୍ତିକ କବିତା ଜୀବନ ଚିନ୍ତା ଓଡ଼ିଆ ସାହିତ୍ୟ ଜଗତରେ ଏକ ଅମୂଲ୍ୟ ସମ୍ପଦ ହୋଇ ରହିବ । ଭକ୍ତକବିଙ୍କର ନିର୍ବାସିତର ବିଳାପ ଏକ ଅନନ୍ୟ ଅନୁବାଦ କବିତା ।

# କବିତା

## ମର୍ତ୍ତ୍ୟ ବୈକୁଣ୍ଠ

ଡକ୍ଟର ତପନ କୁମାର ଦାଶ

କଳଜ ପାତିଆ, ଜଗା କାଳିଆ
ନୀଳାଚଳେ ବସି, କରେ କିମିଆଁ... (୧)
ରାଜା ରଙ୍କ ଜ୍ଞାନୀ, ଗୁଣୀ ମୁରୁଖ
ବ୍ରାହ୍ମଣ ଚଣ୍ଡାଳ, ସଭିଏଁ ଏକ...(୨)
ଫରଫର ଉଡ଼େ, ପାବନ ନେତ
ପାପପଙ୍କ ଧୁଏ, ଜନମ ସାତ...(୩)
ନୀଳ ଶଇଳରେ ନୀଳ ଚକର
ଦରଶନ ଦୂରେ, ପାତକ ଦୂର...(୪)
ବଡ଼ଦାଣ୍ଡେ ଦଣ୍ଡା, ଅରୁଣ ସ୍ତମ୍ଭ
ଦ୍ୱାରେ ଦଣ୍ଡବତ, ସାଷ୍ଟାଙ୍ଗ ଲମ୍ବ...(୫)
ପତିତପାବନ, ମଙ୍ଗଳ ମୂର୍ତ୍ତି
ନିତ୍ୟ ଦରଶନେ, ଶ୍ରୀ ଯଶ କିର୍ତ୍ତୀ...(୬)
ବାଇଶି ପାହାଚ, ଥାକକୁ ଥାକ
ସରଗ ଲିଶୁଣୀ, ପଡ଼ିଛି ଦେଖ...(୭)
ଭାବ କଳ୍ପବଟ, ରୋହିଣୀ କୁଣ୍ଡ
ମୁକତି ମଣ୍ଡପେ, ନୁଆଁଇ ମୁଣ୍ଡ...(୮)
କାଞ୍ଚି ଗଣପତି, ବଟ ଗଣେଶ
ଗୋଲକ ବିହାରୀ, ରାଧିକା ଈଶ...(୯)
କାଶୀ ବିଶ୍ୱନାଥ, ପଞ୍ଚୁ ପାଣ୍ଡ
ବରାହ ନୃସିଂହ, ଆଦିତ୍ୟ ଦେବ...(୧୦)
ବେଢ଼ି ହନୁମାନ, ଗର୍ବ ଗଞ୍ଜନ
ମାର୍କଣ୍ଡ ଈଶ୍ୱର, ବଳି ବାମନ...(୧୧)
ନୀଳକଣ୍ଠେଶ୍ୱର, ଯମ ଈଶ୍ୱର
କପାଳ ମୋଚନ, ପାତାଳେଶ୍ୱର...(୧୨)
ଲକ୍ଷ୍ମୀ ସାଆନ୍ତାଣୀ, ସର୍ବ ମଙ୍ଗଳା
ବରାହୀ ବିମଳା, କରନ୍ତି ଲୀଳା...(୧୩)
ମହାବଜ୍ରେଶ୍ୱରୀ, କୁତ୍ତାମ ଚଣ୍ଡି
କୃପାକଲେ ଯାଏ, ବିପତ୍ତି ଛିଣ୍ଡି... (୧୪)
କୋଇଲି ବୈକୁଣ୍ଠ, ରତନ ଗାଦି
ନୀଳାଦ୍ରି ବିହାର, ସ୍ନାହାନ ବେଦି...(୧୫)
ଆନନ୍ଦ ବଜାର, ଡାଲି ଅବଢ଼ା
ବେସର ମହୁର, ବାସଇ ବେଢା...(୧୬)
ଷାଠିଏ ପଉଟି, ଛପନ ଭୋଗ
ତୁଣ୍ଡେ ଖାଇ ମୁଣ୍ଡେ ମାରିବ ଆଗ...(୧୭)
ଜଗମୋହନରେ, ଗରୁଡ଼ ଖୁମ୍ବ
ନାନା ଚିତ୍ର ମୂର୍ତ୍ତି, ଦେବ ଦାନବ... (୧୮)
ରତ୍ନ ସିଂହାସନେ, ସପ୍ତାବରଣ
ସଙ୍ଗେ ଭ୍ରାତା ଭଗ୍ନୀ, ଶ୍ରୀସୁଦର୍ଶନ...(୧୯)
ଭୂଦେବୀ ଶ୍ରୀଦେବୀ, ପ୍ରଭୁ ମାଧବ
ଚର୍ମଚକ୍ଷୁ ଦେଖି, ତରିବ ଭବ...(୨୦)
ଚକଚକ ଦିଶେ, ଚକା ନୟନ
ବ୍ରହ୍ମା ଶିବ ଇନ୍ଦ୍ର, ମହିମା ଗାନ...(୨୧)
ଆଖିରେ ଆଖିରେ, ମାରଇ ଠାର
ଭାବକୁ ନିକଟ, ଅଭାବେ ଦୂର...(୨୨)

**ମାଧିପୁର, ପିପିଲି, ପୁରୀ**
**ମୋ -୯୪୩୯୮୭୦୫୧୬**

## ଜୀବନ ଏମିତି

ଅବନୀ କୁମାର ରାଉତ

ଜୀବନ ଏମିତି ଏକ ଅଭିନୟ
କେବେ ମେଘର ବାଦଲ
ଢ଼ାଙ୍କି ଦେଇଥିଲା ଯୌବନ ସମୟ
କେବେ କଣ୍ଟା ବନଫୁଲ !
ଜୀବନ ଏମିତି ଏକ ଅଭିନୟ
ପଲକେ ବଦଳି ଯାଏ
କେବେ ମୋଡ଼ ବାଙ୍କ ଅଙ୍କା ବଙ୍କା ପଥ
କେବେ କେବେ ଭୂଲ ହୁଏ !
ଜୀବନ ଏମିତି ଏକ ଅଭିନୟ
କେବେ ବୈଶାଖର ଝଡ଼
ଫଗୁଣ ମଳୟ ବୟସ ଯୌବନେ
ଭାଙ୍ଗିଯାଏ ସ୍ୱପ୍ନ ନୀଡ଼ !
ଜୀବନ ଏମିତି ଏକ ଅଭିନୟ
କେବେ ଉଲ୍ଲାସ କଳ୍ପନା
ଭାବନା ଲହରି ଆଖିର ଯେ ଲୁହ
ସପନଟା ଚୁନା ଚୁନା !
ଜୀବନ ଏମିତି ଏକ ଅଭିନୟ
ସ୍ମୃତିରେ ଭିଜା ମୂହୁର୍ତ୍ତ
ଲୁହର ନଈରେ ଭାସି ବୁଡି ଯାଏ
କେବେ ଛଳନାର ସର୍ତ୍ତ !
ଜୀବନ ଏମିତି ଏକ ଅଭିନୟ
ପ୍ରୀତିରେ କଳଙ୍କ ଲାଗେ
ଅଶାନ୍ତିର ବହ୍ନି ଯନ୍ତ୍ରଣାର ଢେଉ
କେବେ କଣ୍ଟକିତ ସାଜେ !
ଜୀବନ ଏମିତି ଏକ ଅଭିନୟ
ରଙ୍ଗମଞ୍ଚ ପରି ଦିଶେ
ଅଶାନ୍ତ ସାଗର ଗଭୀରତା ମଧ୍ୟେ
ଟଳ ମଳ ହୋଇ ଭାସେ !
ଜୀବନ ଏମିତି ଏକ ଅଭିନୟ
ଲୁହରେ ସରେନା ଏହି
ଦଃଖରେ ହାରେନା ହସି ବାକୁ ମନା
କୋହ ଭରା ହୃଦ ହୋଇ !

**ମା' ବିରଜା କ୍ଷେତ୍ର**
**ମୋ-୯୪୩୯୬୨୨୬୨୩**

## ସମୟ ଯଦି ହେବ...

ନୃସିଂହ ଚରଣ ବେହେରା

ସମୟ ଯଦି ହେବ ଟିକିଏ ଆସିବୁ
ସାଥୀ ହୋଇ ବସିବା ଟିକିଏ ଏକାନ୍ତରେ
ନିର୍ଜନ ସ୍ଥାନରେ ତାରା ଗହଣରେ
ସାଉଁଟିବା ବସି ପୁରୁଣା ସ୍ମୃତି ସବୁକୁ
ଯେଉଁଠି କିଛିଟା ସ୍ମୃତି ଥିବ ତୋ'ର
ଆଉ କିଛିଟା ସ୍ମୃତି ଥିବ ମୋର...
ତମାମ ସ୍ମୃତିରୁ ଖୋଜିବା ଆମେ ବସି
କିଛିଟା ଭଲ ଆଉ କିଛିଟା ଖରାପକୁ
ସେଥିରୁ ଶିଖିବା ଆମେ
ଜୀବନ ଜୀଇଁବାର କୌଶଳକୁ ।
ସମୟ ଯଦି ହେବ ଟିକିଏ ଆସିବୁ
ସାଙ୍ଗହୋଇ ଚାଲିବା କିଛିବାଟ
ଅଙ୍କାବଙ୍କା ମାଟି ରାସ୍ତାରେ
ଆଉ ଆୟତ୍ତ କରିବା ଜୀବନର ଅଙ୍କାବଙ୍କା
ରାସ୍ତାରେ ସଳଖି ଚାଲିବାର କଳାକୁ ।
ସମୟ ଯଦି ହେବ ଟିକିଏ ଆସିବୁ
ସାଙ୍ଗ ହୋଇ ଫେରିଯିବା
ପୁଣି ଥରେ ଆମଗାଁକୁ
ସେହି ବିଲ ଗହୀର ଆଉ
ସବୁଜ ବନାନୀ ଦେଖି
ଆତ୍ମହରା ହେବା ଆନନ୍ଦରେ
ଆଉ ତା' ସହିତ
ଭେଟିବା ଆମହଜି ଯାଇଥିବା
ବାଲ୍ୟକାଳକୁ ।
ସମୟ ମିଳିଲେ ଟିକିଏ ଆସିବୁ
ବୁଲେଇ ନେବି ତତେ ଆମ ଗାଁ
ପୋଖରୀକୁ
ଯେଉଁଠି ତମାମ ଅଭାବ ଦୁଃଖ ଭିତରେ
ଘେରେ ପହଁରାରେ ଲହଡିମାରେ ଖୁସି
ଆଉ ଭେଟିବା ଅନିଶ୍ଚିତ ଭବିଷ୍ୟତର
ଅପୂର୍ଣ୍ଣ ସ୍ୱପ୍ନ ସବୁକୁ ।
ସମୟ ହେଲେ ଟିକିଏ ଆସିବୁ
ଘରଠୁ ଯିବା ଟିକିଏ ଦୂରକୁ
ଯାଇ ଭେଟିବା ଜଗତରନାଥ ଜଗନ୍ନାଥଙ୍କୁ
ଲକ୍ଷ ଲକ୍ଷ ଭକ୍ତ ନିତି
ଯେଉଁଠି କରନ୍ତି ଗୁହାରୀ
ଏ ଜୀବନରୁ ମୋକ୍ଷ ଲଭିବା ପାଇଁ
ଭବସାଗର ରୂପୀ ନଦୀରୁ
ଉଦ୍ଧାର ପାଇବା ପାଇଁ
ଆମେ ବି ଗୁହାରୀ ଜଣେଇ ଆସିବା
ଯେମିତି ସାହସ ଦେବେ ସେ ଆମକୁ
ହସିହସି ସାମ୍ନା କରିବାକୁ ମୃତ୍ୟୁକୁ ।
ସମୟ ଯଦି ହେବ ଟିକିଏ ଆସିବୁ
କହୁଛି ଏମିତି ମୁଁ ବାରମ୍ବାର
ହେଲେ ଜାଣେ ସମୟ ନାହିଁ ତୋ'ର
ଆଉ ଯେବେ ସମୟ ହେବ ତତେ
କେଜାଣି ମୁଁ ଥିବିକି ନାହିଁ ଏ ଦୁନିଆରେ...
ସେତେବେଳେ ଭେଟିବୁ ମୋ ପାର୍ଥିବ
ଶରୀରକୁ ।

**ପ୍ଲଟ ନମ୍ବର-୨୧୭/ପି,**
**ବାୟାବାବା ମଠଲେନ୍,**
**ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨**
**ଫୋନ୍-୯୦୯୦୪୫୯୭୪୫**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*

samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଳଙ୍ଗାରେ...

ପ୍ରଭୃତି ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରି ଖୁବ ଶୀଘ୍ର ତଦନ୍ତ କରାଯାଇ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ରାଜନୈତିକ ଦଳର ବିଜେଡ଼ି ପକ୍ଷରୁ ଦିଲ୍ଲୀପ ନାୟକ, ବିଜେପି ଦଳର ତଥା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ନାୟକ ପହଞ୍ଚି ପ୍ରକାଶ କରିଛନ୍ତି ଯେ ଏଭଳି ନାଟକୀୟ କାଣ୍ଡକୁ ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

ଭୂନେଶର ଏମ୍ସ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାରେ ଖବର ପାଇ ପୁରୀ ଏସ ପି ପିନାକ ମିଶ୍ର ଓ କେନ୍ଦ୍ରାଞ୍ଚଳ ଆଇଜି ପ୍ରବନ କୁମାର, ପିପିଲି ଥାନା ଡି ଏସ ପି ଦେବାଶିଷ ମିଶ୍ର, ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ବିଡ଼ିଓ ପ୍ରଭୃତି ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରି ଖୁବ ଶୀଘ୍ର ତଦନ୍ତ କରାଯାଇ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ରାଜନୈତିକ ଦଳର ବିଜେଡ଼ି ପକ୍ଷରୁ ଦିଲ୍ଲୀପ ନାୟକ, ବିଜେପି ଦଳର ତଥା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ , ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ନାୟକ ପହଞ୍ଚି ଏଭଳି ନାଟକୀୟ କାଣ୍ଡକୁ ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ପୁରୀଜିଲ୍ଲା ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କ ଦେହରେ ନିଆଁ ଲଗାଇବା ଘଟଣାରେ ପୁଲିସ ୧୦ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ । ଅତିରିକ୍ତ ଏସ୍ପିଙ୍କ ନେତୃତ୍ବରେ ପୁଲିସର ସ୍ଵତନ୍ତ୍ର ଟିମ ଏହି ପଚରାଉଚୁରା କରୁଛି । ଏହି ଘଟଣା ନେଇ ୨ଟି ସ୍ଵତନ୍ତ୍ର ଟିମ ଗଠନ କରାଯାଇଛି । ପ୍ରତ୍ୟେକ ଟିମରେ୬ଜଣ ଲେଖାଏଁ ସଦସ୍ୟ ଅଛନ୍ତି । ଶନିବାର ଅପରାହ୍ନରେ ଘଟଣାସ୍ଥଳରେ କେନ୍ଦ୍ରାଞ୍ଚଳ ଆଇଜି ସେମେନ୍ଦ୍ର ପ୍ରିୟଦର୍ଶୀ ପହଞ୍ଚିଛନ୍ତି । ସେ ଘଟଣାର ତଦନ୍ତ କରୁଛନ୍ତି । ଅତିରିକ ଏସ୍ପି କହିଛନ୍ତି ଘଟଣାର ସମସ୍ତ ଦିଗକୁ ତର୍ଜମା କରାଯାଉଛି । ସୂଚନାଯୋଗ୍ୟ, ପୁରୀଜିଲ୍ଲା ବଳଙ୍ଗା ଥାନା ବାଇଆବରର ନାବାଳିକା ଜଣକ ଆଜି ପୂର୍ବାହ୍ନରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲା । ଏହି ସମୟରେ ଦୁର୍ବୃତ୍ତମାନେ ନାବାଳିକାକୁ ଅନୁସରଣ କରିଥିଲେ ଏବଂ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ । ସେଠାରେ ନିଆଁ ଲଗାଇ ଦେଇଥିଲେ । ଦେହରେ ନିଆଁ ଲାଗିବା ପରେ ନାବାଳିକା ଏଣେତେଣେ ଦେ ଲାଗିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ଵର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି । ନାବଳିକାର ଶରୀର ପ୍ରାୟ ୭୦ %ଜଳିଯାଇଥିବା କୁହାଯାଇଛି । ଅପରପକ୍ଷେ ପୁରୀଜିଲ୍ଲା ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କ ଦେହରେ ନିଆଁ ଲଗାଇବା ମାମଲାରେ ପୀଡିତାଙ୍କ ମା' ମୁହଁ ଖୋଲିଛନ୍ତି । ଶନିବାର ଅପରାହ୍ନରେ ପୀଡ଼ିତାଙ୍କ ମା' ବଳଙ୍ଗା ଥାନାରେ ଏତଲା ଦେଇଛନ୍ତି । ପୀଡ଼ିତା ମା'ଙ୍କ ଏତଲା କ୍ରମେ ପୁଲିସ ମାମଲା ରୁଜୁ କରିଛି । ଅଭିଯୋଗରେ ପୀଡ଼ିତା ମା' କହିଛନ୍ତି, ଝିଅକୁ ପୋ ମାରି ଦେବାକୁ ଉଦ୍ୟମ କରାଯାଇଥିଲା । ଶନିବାର ପୂର୍ବାହ୍ନରେ ଝିଅ ତାର ବଡ଼ବାପା ଘରକୁ ଯାଉଥିଲା । ଏହି ସମୟରେ ପୂର୍ବରୁ ଟାର୍ଗେଟ କରିଥିବା ଦୁର୍ବୃତ୍ତମାନେ ଅପହେରଣ କରିଥିଲେ । ତିନି ଜଣ ଦୁର୍ବୃତ୍ତ ନାବାଳିକା ଝିଅକୁ ଅପହରଣ କରି ନଦୀବନ୍ଧ ପାଖକୁ ନେଇଯାଇଥିଲେ । ସେଠାରେ କିରାସିନି ଢ଼ାଳି ନିଆଁ ଲଗାଇଥିଲେ । ମାତ୍ର ଝିଅ ଉପସ୍ଥିତ ବୁଦ୍ଧି ଲଗାଇ ସେମାନଙ୍କ ପାଖରୁ ଖସି ଆସିଥିଲା ।

## ଆରମ୍ଭ...

ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏହି କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି । ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର । ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟରେ ଏକ ସ୍ଥାୟୀ "ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର" ସ୍ଥାପନ କରାଯିବ ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରରେ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଓ ଜଣେ ଅଧ୍ୟାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ଉକ୍ତ କେନ୍ଦ୍ରର ପରିଚାଳନା କରିବେ। ଏହା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ କାର୍ଯ୍ୟ କରିବେ। ଏହି "ଶକ୍ତି ଅପାଦମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ। ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀମାନଙ୍କର ସୁରକ୍ଷା ଓ ସଶକ୍ତିକରଣ ଦିଗରେ ଏହି ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର କାର୍ଯ୍ୟ କରିବ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଏକ "୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ" ଆୟୋଜନ କରିବ। ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଆଇନଗତ ଅଧିକାର ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ।

ସେହିଭଳି "ଶକ୍ତିଶ୍ରୀ ଆପ୍" ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। କ୍ୟାମ୍ପସରେ ଛାତ୍ରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହେବ। ଛାତ୍ରୀମାନଙ୍କର ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜମାନଙ୍କରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯିବ। ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ୍ୟ ପ୍ରଦାନ କରାଯିବ।

ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗ ମାଧ୍ୟମରେ ଉକ୍ତ ଆପ୍‌ରେ ପଞ୍ଜିକୃତ କରିପାରିବେ। ଅଭିଯୋଗଟି ଆପ୍‌ରେ ପଞ୍ଜିକୃତ ହୋଇ ସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ନିକଟରେ ପହଂଚିବ। ଛାତ୍ରୀମାନେ ଯଦି ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ସିଧା ସଳଖ କଥା ହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ। ଶକ୍ତିଶ୍ରୀ ଆପରେ ଛାତ୍ରୀମାନଙ୍କ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଟେଲି-ମାନସ ଯୋଜନାର ସୁବିଧା ମଧ୍ୟ ଉପଲବ୍ଧ ହେବ। ଏଥିସହ କୌଣସି ଆପତକାଳୀନ ପରିସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍ ରେ ରହିଥିବା ଗକ୍ସଗ ବଟନକୁ ବ୍ୟବହାର କରି ଛାତ୍ରୀମାନେ, ସିଧାସଳଖ ଶକ୍ତିଶ୍ରୀ ସାଥୀ ଏବଂ ଶକ୍ତିଶ୍ରୀ ସଂଯୋଜିକାଙ୍କ ସହ କଥା ହୋଇପାରିବେ ଓ ତୁରନ୍ତ ସାହାଯ୍ୟ ପାଇପାରିବେ ।

ଶକ୍ତିଶ୍ରୀ ମୋବାଇଲ ଆପରେ ବିଭିନ୍ନ ଜିଲ୍ଲାମାନଙ୍କରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ୍ୟ ସବିଶେଷ ବିବରଣୀ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ, ତାଙ୍କର ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ମଧ୍ୟ ଅବଗତ କରାଇପାରିବେ। ଏହି ସଂକ୍ରାନ୍ତୀୟ ଏକ ଗକ୍ସP ଖୁବ ଶୀଘ୍ର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯିବ । ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ଼୍ ଅଫ୍ କଣ୍ଡକ୍ଟ ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ଼୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଅନଲାଇନ୍ ଟ୍ରେନିଙ୍ଗ ମଡ୍ୟୁଲକୁ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ତଥା ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ।

ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶକ୍ତିଶ୍ରୀ ଆକ୍ସନ ଫର ଫିମେଲ ଏମ୍ପାୟାରମେଣ୍ଟ(ସେଫ୍) ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। ଏହି କ୍ୟାମ୍ପେନ୍ ମାଧ୍ୟମରେ ବାର୍ଷିକ ଦୁଇ ଥର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆଦିର ଆୟୋଜନ କରାଯିବ। ଏହା ଛାତ୍ରୀମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଶୈକ୍ଷିକ ପରିବେଶ ପ୍ରଦାନ କରିବାରେ ସହାୟକ ହେବ।

କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ, ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା ପ୍ରଦାନ କରିବେ। ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାମ୍ପସ ସୁରକ୍ଷାକୁ ନେଇ ଏକ ସବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯାଇ ଏହି ରିପୋର୍ଟରେ ସ୍ଥାନିତ କରାଯିବ। ଏଥିରେ ଶିକ୍ଷାନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ, ପଞ୍ଜିକୃତ ହୋଇଥିବା ଅଭିଯୋଗ ଓ ଏହାର ସମାଧାନ, ଆପତକାଳୀନ ସ୍ଥିତିର ମୁକାବିଲା ପାଇଁ ରହିଥିବା ବିଭିନ୍ନ ଭିତ୍ତିଭୂମି ଆଦି ସମ୍ପର୍କରେ ସୂଚନା ଉପଲବ୍ଧ କରାଯିବ ।

ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ, ଯାହାଦ୍ୱାରା କଲେଜ କ୍ୟାମ୍ପସକୁ ୨୪ ଘଣ୍ଟା ନଜର ରଖାଯିବ। ଏଥିସହ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ରହିବାର ବ୍ୟବସ୍ଥା କରାଯିବ। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ (Pକ୍ସଗଓ ଅଟ୍ଟ, ୨୦୧୩) ଏବଂ ଏହି ସମ୍ବନ୍ଧରେ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନଲାଇନ କୋର୍ସ ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ କର୍ମଶାଳା "ଶକ୍ତି ସ୍ୱରୂପିଣୀ"ର ଆୟୋଜନ କରାଯିବ।

ଏହି କର୍ମଶାଳାରେ ମହିଳାମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାର ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯିବ । ମହିଳାଙ୍କ ସୁରକ୍ଷାକୁ ନେଇ ରହିଥବା ବିଭିନ୍ନ ଦିଗ ସମ୍ବନ୍ଧରେ ସଚେତନ କରାଇବା, ଡିଜିଟାଲ ସୁରକ୍ଷା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଠାରୁ ଆରମ୍ଭ କରି ଶକ୍ତିଶ୍ରୀ ମୋବାଇଲ ଆପ୍‌ର ପରିଚାଳନା ପର୍ଯ୍ୟନ୍ତ ସବୁ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସୁଚାରୁ ରୂପେ ପରିଚାଳିତ ହୋଇପାରିବ।

ମହାବିଦ୍ୟାଳୟ ଓ ବିଶ୍ଵବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରିବାରେ "ଶକ୍ତିଶ୍ରୀ କାର୍ଯ୍ୟକ୍ରମ" ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରିବ ବୋଲି ମୁଁ ଆଶା କରୁଛି। ଆମ ସରକାର ବର୍ତ୍ତମାନ ଘଟୁଥିବା ଘଟଣା ଗୁଡ଼ିକ ପ୍ରତି ସମ୍ବେଦନଶୀଳ ଅଛନ୍ତି । ଯେଉଁମାନେ ଏଭଳି ଅପରାଧ ଯୋଗୁଁ ପ୍ରଭାବିତ ହେଉଛନ୍ତି, ଯୌନ ନିର୍ଯ୍ୟାତନାର ଶିକାର ହେଉଛନ୍ତି ସେମାନଙ୍କୁ ସୁରକ୍ଷା ଦେବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ।

## ସରକାର...

ଆତ୍ମାହୁତି ଦେଇଥିବା ଘଟଣାକୁ ସମସ୍ତଙ୍କୁ ଚକିତ କରିଥିଲା। ଗୋପାଳପୁର ଘଟଣା ମଧ୍ୟ ଏହା ପୂର୍ବରୁ ଘଟିଥିଲା। ସମଗ୍ର ରାଜ୍ୟରେ ମହିଳାଙ୍କ ଉପରେ ଅବିଶ୍ୱାସନୀୟ ଭାବେ ହିଂସା ବଢିଚାଲିଛି। ଏଭଳି ଘଟଣା ପ୍ରଶାସନର ବିଫଳତାକୁ ଦର୍ଶାଉଛି। ଅପରାଧିମାନେ ବର୍ତ୍ତମାନ ସରକାରରେ ଏବେ ଦଣ୍ଡ ବିଧାନକୁ ଡରୁନାହାଁନ୍ତି । ଓଡିଶା ଏବେ ମହିଳାମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡିଛି । ସରକାର ଏଘଟଣାରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ।

## ଆବଶ୍ୟକ...

ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ । ଏହି ଘଟଣାରେ ଅପରାଧୀ ଯେଉଁଠାରେ ଥିଲେ ବି ନିଶ୍ଚିତ ଭାବରେ ଧରା ପଡ଼ିବେ । ପୋଲିସ ଟିମ୍ ଅପରେସନ ମୋଡରେ ଅଛନ୍ତି । ଆଇନ ଅନୁଯାୟୀ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ କରାଯିବ ।

## ଅପରାଧୀଙ୍କୁ...

ସୁନିଶ୍ଚିତ କରିବା ଆମର ପ୍ରଥମ ଦାୟିତ୍ୱ। ଅପରାଧୀମାନେ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଆନ୍ତୁ ସେଥିପାଇଁ ଆମେ ଚେଷ୍ଟା କରିବୁ। ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନାବାଳିକାଙ୍କ ଆଶୁ ଆରୋଗ୍ୟ ଓ ତାଙ୍କ ପରିବାରକୁ ଏହି କଠିନ ସମୟକୁ ସାମ୍ନା କରିବାକୁ ଶକ୍ତି ଯୋଗାଇବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।

## ଭାରତ-ପାକ୍..

କେତେ ବିମାନ ଖସିଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆମେ କଣ କରିଛୁ ତାହା ଗୁରୁତ୍ୱପୂର୍ଣ୍ଣ ଜେ।ନେରାଲ ଚୌହାନ ମଧ୍ୟ ଭାରତର ତୁରନ୍ତ ପଦକ୍ଷେପର ଦକ୍ଷତାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ପାକିସ୍ତାର ଏୟାର ବେଶକୁ ଧ୍ୱଂସ କରିଛୁ । ଭାତର ପକ୍ଷରୁ କୁହାଯାଇଥିଲା ଯେ, କୌଣସି ରାଫେଲ ବିମାନ ଧ୍ୱଂସ ହୋଇନାହିଁ। ମେ ୧୦ ରେ ଯେଉଁ ଅସ୍ତ୍ରବିରତି ହୋଇଥିଲା ତାହା ଆମେରିକାର କୁଟ ନୈତିକ ପଦକ୍ଷେପ ଯୋଗୁଁ ସମ୍ଭବ ହେଲା ବୋଲି ସେ କହିଥିଲେ। ଟ୍ରମ୍ପ କହିଥିଲେ ଯୋ ଆମେ ଯୁଦ୍ଧ ବନ୍ଦ କଲୁ। ଭାରତ ଓ ପାକିସ୍ତାନ ଉଭୟ ଦେଶ ପରମାଣୁ ଶକ୍ତି ସମ୍ପନ୍ନ । ଆମେ ଜାଣିଥିଲୁ ଯେ, ପରମାଣୁ ଯୁଦ୍ଧର ଭୟାବହତା କେତେ । ତେଣୁ ବାଣିଜ୍ୟକ ଚୁକ୍ତି ଦର୍ଶାଇ ଆମେ ଯୁଦ୍ଧ ବନ୍ଦ କରିଥିଲୁ। ଭାରତୀ ପକ୍ଷରୁ ମେ ୭ ରାତିରେ ଅପରେସନ୍ ସିନ୍ଦୁର ଆରମ୍ଭ କରାଯାଇଥିଲା।

## ପେଟ୍ରୋଲ...

ତାରିଖ ପର୍ଯ୍ୟନ୍ତ ସିସି କ୍ୟାମେରାର ଫୁଟେଜ ପେନ ଡ୍ରାଇଭରେ ନେଇଛନ୍ତି । ଅନ୍ୟପକ୍ଷରେ କଲେଜ ନିକଟସ୍ଥ ବିଭିନ୍ନ ଲୋକଙ୍କ ଘର ସମ୍ମୁଖରେ ଲାଗିଥିବା ସିସି କ୍ୟାମେରାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏହାର ଫୁଟେଜ ମଧ୍ୟ ଜବତ କରାଯିବ ବୋଲି ଜଣାଯାଇଛି । ସୌମ୍ୟାଶ୍ରୀ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଜାରି ରଖିଛି। ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ବିଶେଷକରି ସୌମ୍ୟାଶ୍ରୀଙ୍କୁ ପେଟ୍ରୋଲ କିଏ ଦେଇଥିଲା ତାହାକୁ ଗୁରୁତ୍ୱ ଦିଆଯାଉଛି। ଏହାଛଡା କଲେଜ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରାଯାଉଥିବାବେଳେ ବାଲେଶ୍ୱର ପେଟ୍ରୋଲ ପମ୍ପରୁ ଆଜିଠୁ ବୋତଲରେ ପେଟ୍ରୋଲ ଦେବାକୁ ବନ୍ଦ କରାଯାଇଛି।

## ସ୍ୱାସ୍ଥ୍ୟବସ୍ଥା...

ଓ ହୋହାଲ୍ଲା କରି ଡାକ୍ତର ଓ ଅନ୍ୟମାନଙ୍କୁ ଡିଷ୍ଟର୍ବ ନକରିବା ପାଇଁ ଅନୁରୋଧ କରାଯାଇଛି। ହସ୍ପିଟାଲରେ ଅନେକ ରୋଗୀ ଥିବାରୁ ସାଧାରଣ ଲୋକ ଏକତ୍ରୀତ ନହେବା ଓ ଉଚ୍ଚସ୍ୱରରେ ପାଟିତୁଣ୍ଡ ନକରିବା ପାଇଁ ନୋଟିସ୍‌ରେ କୁହାଯାଇଛି। ଏହାଦ୍ୱାରା ସେବାରେ ବାଧାସୃଷ୍ଟି ହେବା ସାଙ୍ଗକୁ ସଂକ୍ରମଣ ସୃଷ୍ଟି ହେବା ପ୍ରବେଶ ଦ୍ୱାରରୁ ଦୂରରେ ରହିବା ସହ ହସ୍ପିଟାଲର ଲବି ଭିତରେ ଏକାଠି ନହେବାରୁ ନୋଟିସ୍‌ର ଅନୁମତି କରାଯାଇଛି।

୧୪ ଜଣିଆ ଡାକ୍ତରୀ ଟିମ୍ ପୀଡିତା ନବାଳିକାଙ୍କୁ ବିଶେଷଜ୍ଞ ଡାକ୍ତର ସଞ୍ଜୟ ଗିରିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି। ପ୍ରଫେସର ଅନୁପ ଦେ, ପ୍ରଫେସର ମନୋଜ ମିଶ୍ର, ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ଡାକ୍ତର ଆଲୋକ ସାହୁ, ଡାକ୍ତର ରିତେଶ ପଣ୍ଡା, ଡାକ୍ତର ସିନ୍ଧୁସୁଧା ସାହୁ, ଡାକ୍ତର ସୁବର୍ଣ୍ଣ ମିତ୍ର, ଡାକ୍ତର ପ୍ରୀତି ମୀନା, ଡାକ୍ତର ଅରୁଣ କୁମାର ସାହୁ, ଡାକ୍ତର ଶ୍ୟାମ ସୁନ୍ଦର ବେହେରା, ଡାକ୍ତର ଦେବଶ୍ରୀ ଦାସ, ଡାକ୍ତର ମହାଲିଙ୍ଗମ୍ ଓ ପ୍ରିୟଦର୍ଶିନୀ ସାହୁ ୧୪ ଜଣିଆ ଡାକ୍ତର ଟିମ୍‌ରେ ଥିବା ଏମ୍ସ ପକ୍ଷରୁ କୁହାଯାଇଛି। ଏମ୍ସକୁ ପୋଲିସ୍ କମିଶନର ସୁରେଶ ଦେବଦତ ସିଂ, ଡିସିପି ଜଗମୋହନ ମୀନା ଯିବା ସହ ଚିକିତ୍ସାରେ ସମସ୍ୟା ସୃଷ୍ଟି ନହେବା ପାଇଁ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ଖୁବ୍ ଶୀଘ୍ର ଅପରାଧୀମାନେ ଗିରଫ ହେବେ ବୋଲି ଡିଜିପି ୱାଇବି ଖୁରାନିଆ କହିଛନ୍ତି। ସେମାନଙ୍କୁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା କରାଯିବ।

**AFFIDAVIT**

I, Sasmita Sahoo W/o- Bibhuti Bhusan Paikaray. Resident at Tangi, PO/ PS-Tangi, Dist-Khordha, Pin- 752023 declare by this affidavit No. 1816 Dt. 10.07.2025 that Now onwards I shall be known as **SASMITA PAIKARAY** for all future purposes.

**AFFIDAVIT**

By virtue of an affidavit before Notary Public, Cuttak, I Swornabala Pradhan, W/o: Sri Samaresh Jena, resident of Plot No:62, Lal Bahadur Colony, Old station Sqr, P.S:Lamisagar, Bhubaneswar-751006, Dist-Khurda, Odisha, declare by this affidavit that, I have changed my surname from Swornabala Jena to Somabala Pradhan. Both surnames belong to one and same person i.e myself. Henceforth, I shall be known as **Swornabala Pradhan** for all future purposes.

**AFFIDAVIT**

I, Yuvraj Singh S/O: Deljit Singh, resident 545 Vivekanand Marg, Bhubaneswar, Pin - 751002, Odisha, declare by this affidavit no. 12AA787900 Dated: June 23, 2025 that now onwards I shall be known as **Yuvraj Singh Gill** for all future purposes.

**AFFIDAVIT**

I, Enjilina Kerketa, D/o- Rajesh Kerketa, Permanent Resident of Village- Satyanandapali @ Gayalchara, Po- Mochibahal, Ps-Charmal, Dist- Sambalpur, Pin-768105, Odisha. Declare by this affidavit no- 621, Dtd-16.07.2025. I have changed my name from Angilina Kerketa to Enjilina Kerketa. Henceforth, She shall be known as **Enjilina Kerketa** for all purposes.

**Sd/- Enjilina Kerketa**

**AFFIDAVIT**

I DILIP KUMAR SWAIN S/O BANSIDHAR SWAIN, AT/PO-BANKUAL, PS-BADAGADA, BHUBANESWAR-751002, KHORDA, ODISHA DECLARE BY THIS AFFIDAVIT NO-21723, DATED- 16.07.2025 THAT NOW ONWARDS I SHALL BE KNOWN AS DILLIP KUMAR SWAIN FOR ALL FUTURE PURPOSES.

**AFFIDAVIT**

I KRISHNA CHANDRA DAS S/O GURUBARI DAS, AT-KODAPALLA, PO-NAINDIPUR, PS-PATKURA, KENDRAPARA - 754153, ODISHA DECLARE BY THIS AFFIDAVIT NO-21724, DATED - 16.07.2025 THAT NOW ONWARDS I SHALL BE KNOWN AS KRUSHNA CHANDRA DAS FOR ALL FUTURE PURPOSES.

**ODISHA GRAMEEN BANK**
**INFORMATION TECHNOLOGY DEPARTMENT, HEAD OFFICE,**
**GANDAMUNDA, P.O.- KHANDAGIRI, BHUBANESWAR-751030 (ODISHA)**

**Bid Number # GEM/2025/B/6442575 & Bid Number # GEM/2025/B/6450738**
**Odisha Grameen Bank** invites application for **(1)** Procurement of 1450 Microsoft Office standard 2024 Perpetual Licenses from (Government e Marketplace) GeM. **(2)** Procurement and deployment of 500 units of Flatbed Scanner through GeM tendering process. For details and application format please visit Bank's website: **www.odishabank.in**

**GENERAL MANAGER**

**AFFIDAVIT**

By virtue of an affidavit before the Executive Magistrate, Bhubaneswar. I,Subham Behera, S/o- Late Rabi Behera, Permanent Resident of At- Press Colony, Unit-iii, Ps- Kharavel Nagar, Bhubaneswar- 751007. Declare by this affidavit no-69, Dtd-14.07.2025. I have changed my name from Subha Behera, Dob- 01.01.2004 to Subham Behera, Dob- 12.02.2005. Henceforth, I shall be known as Subham Behera, Dob- 12.02.2005 for all purposes.

**Sd/- Subham Behera**

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ, ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ବିନାୟକପୁର ସେବା ସମବାୟ ସମିତି କାର୍ଯ୍ୟାଳୟର ସହଯୋଗୀ ନିଯୁକ୍ତି କରିବା ପାଇଁ ଜୁନ ୮, ୨୦୨୫ ରେ 'ସମୟ' ଖବରକାଗଜରେ ଏକ ବିଜ୍ଞାପନ ପ୍ରକାଶିତ ହୋଇଥିଲା । ଲକ୍ଷ୍ୟ ଥିଲା ନିଯୁକ୍ତିରେ ସ୍ୱଚ୍ଛତା ରକ୍ଷା କରିବା ସହିତ ଉପଯୁକ୍ତ ପ୍ରାର୍ଥୀ ଚୟନରେ ବିଜ୍ଞାପନ ସହାୟକ ହେବ । ବିନାୟକପୁର ସେବା ସମବାୟ ସମିତିର ଅଧିବେଶନ ନମ୍ବର-୩ ତା. ୧୬ ଜୁଲାଇ ୨୦୨୫ ରିଖରେ ବୋର୍ଡର ନିଷ୍ପତ୍ତି କ୍ରମେ ନିଯୁକ୍ତି ପ୍ରକ୍ରିୟାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଗଲା । ପରବର୍ତ୍ତୀ ନିଯୁକ୍ତି ବୋର୍ଡ ନିଷ୍ପତ୍ତି କ୍ରମେ ସ୍ଥିର କରାଯିବ ।

ସମ୍ପାଦକ : ସେବା ସମବାୟ ସମିତି
ବିନାୟକପୁର, ବାସୁଦେବପୁର, ଜିଲ୍ଲା-ଭଦ୍ରକ

**ପୌରପରିଷଦ କାର୍ଯ୍ୟାଳୟ : ତାଳଚେର**

ନଂ. ୨୫୮୬ / ତା. ୧୮.୭.୨୫

C-704

**ବିଜ୍ଞାପନ**

ଏତଦ୍ୱାରା ଅନୁଗୋଳ ଜିଲ୍ଲାରେ ବସବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପୌରପାଳିକା ତରଫରୁ ହାଟଡୋଟା ମାର୍କେଟ କମ୍ପ୍ଲେକ୍ସ ଉପର ମହଲା ବଳକାଥିବା ୭ ଗୋଟି ଦୋକାନଘର ଗୁଡ଼ିକ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ତା. ୨୧.୦୭.୨୦୨୫ ରିଖ ଠାରୁ ତା. ୩୦.୦୭.୨୦୨୫ ରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ ପତ୍ର ଟ. ୨୦୦୦/-ଙ୍କା ମାତ୍ର ଦାଖଲ କରି ପୌରପାଳିକାରୁ ଫର୍ମ ନେଇ ଆବେଦନ କରିପାରିବେ । ଫର୍ମ ଦାଖଲର ଶେଷ ତା. ୩୧.୦୭.୨୦୨୫ ରିଖ ସ୍ଥିର କରାଯାଇଅଛି । ଅନ୍ୟ ସମସ୍ତ ନିୟମାବଳୀ ସ୍ଥିର ରହିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR : 13077/11/0050/2526

**CUTTACK MUNICIPAL CORPORATION**

C-707

**"e" PROCUREMENT NOTICE**

**Bid Reference No. MC (CMC) CTC_EL_No.1/2025-26**
**Tender ID : 2025_ORULB_115645**
**Tender Call Notice No. 8763 (PW) Date. 18.07.2025**

Name of Works : Electrical Works
No of Works : 01
Bid Value : Rs. 16.94
Period of Completion : Two Calendar Months.
Date and Time schedule :

| Start | End | Opening |
|---|---|---|
| 13.00 PM on dt. 19.07.2025 | 5.00 PM on dt. 29.07.2025 | 11.00 A.M. on dt. 01.08.2025 |

Tender Details : can be seen in the procurement portal : **www.tendersorissa.gov.in**

**Sd/- Executive Engineer, City Div-III**

OIPR : 13031/11/0197/2526

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
**E-mail ID : rourkelamunicipality@gmail.com**

C-700

**No. 8886 Date : 18.07.25**

**EOI for Empanelment of Contractors for Repair of Paver Roads, Pathways & any other Paver work under Rourkela Municipal Corporation for 01 Year,**

Rourkela Municipal Corporation invites expression of interest (EOI) for empanelment of Contractors/Agencies for Minor Civil Work under Rourkela Municipal Corporation for 01 Year. The details of EOI may be seen/ download from www.rmc.nic.in. Any Changes, corrigendum etc. will be updated at the mentioned portal only. For further queries/ comments, please contact to E-mail ID of rourkelamunicipality@mail.com.

EOIs are to be submitted through sealed cover envelope containing two separate sealed envelopes for Technical and Financial Proposals. The interested Individuals/ Agencies should submit the complete EOI in the sealed cover addressed to Commissioner, Rourkela Municipal Corporation, Uditnagar, Rourkela-769012 (Odisha) super scribing as "EOI for Empanelment of Contractors for Repair of Paver Roads, Pathways & any other Paver work under Rourkela Municipal Corporation for 01 Year" through Speed Post/ Registered Post/Courier or By Hand on or before **01.08.2025** up to **1.00 PM**. The EOI will be opened on the same day at **4.30 PM** in presence of the Applicants who wish to attend. If the last date of submission, opening of EOI and other schedule happens to be a holiday, the next working day will be treated as the schedule for the same. Authority reserves the right to accept/ reject any or all the EOIs without assigning any reason thereof.

**Sd/- Commissioner**
**Rourkela Municipal Corporation**

OIPR : 13131/11/0153/2526

**GOVERNMENT OF ODISHA : OFFICE OF THE SUPERINTENDING ENGINEER, SAMBALPUR (R&B) DIVISION-I, SAMBALPUR**
**Email : exeengsbp@rediffmail.com**

B-320

**e-Procurement Notice**
**BID IDENTIFICATION No : SE / R AND B / SBP/06/2025-26**
**Order No. 3159 Dtd. 16.07.25**

1. **The Superintending Engineer, Sambalpur (R&B) Division No-I, Sambalpur** on behalf of Governor of Odisha, invites **Percentage Rate** bids in **Single Cover System in ONLINE MODE** for **Building** (E.I. & Civil) as detailed in the DTCN from the eligible Class of Contractors.
2. No. of works : 06 (Six)
3. Tender Cost : Rs. 6,000/- & Rs. 4,000/- (On Line)
4. Class of Contractor : "C" & "B" Class Contractor and "MV" & & "HT" Electrical Contractor and authorized dealer having MOU with authorized farm.
5. Date and time Available in Website & receipt of Bids : **11.00 Hrs. 24.07.2025 to 16:00 Hrs. of 31.07.2025.**
6. Date of Opening of Tender : **31.07.2025 at 17:00 Hrs.**
7. The Bidder have to participate in ONLINE bidding only. Further details can be seen from the Website.
8. Any Corrigendum / Addendum will be displayed in the website **www.tendersodisha.gov.in** only.

**Sd/- Superintending Engineer**
**Sambalpur (R&B) Division-I**

OIPR : 34042/11/0005/2526

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
Email ID : cebuildings_orissa@yahoo.co.in
cebuildings@rediffmail.com
Tel. - (0674)-2391523
**File No-B-II-(G.A.)-03/2025 Lr. No. 27024 Bhubaneswar, the 11th July, 2025**

B-309

**REQUEST FOR PROPOSAL**
**RFP Identification No. : C.E. (B)-16/2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha invites proposal through online mode for the work, "COMPREHENSIVE FACILITY MANAGEMENT SERVICES (CFMS) OF TOSHALI BHAWAN, BHUBANESWAR AND CHIEF MINISTER'S GRIEVANCE CELL, BHUBANESWAR". The tender document can be downloaded from the website : **www.tenderodisha.gov.in**. | | |
| 2. | Nature of works | : | Operation and Maintenance Services |
| 3. | No. of work | : | 01 No. |
| 4. | Bid Cost. (Online) | : | Rs. 10,000/- |
| 5. | Availability of Bid Documents in the website | : | From dt. 22.07.2025 to 17.00 Hours of dt. 21.08.2025 in www.tendersodisha.gov.in (online mode only) |
| 6. | Date of Pre-bid meeting | : | 04.08.2025 at 11.30 A.M. |
| 7. | Date of Opening of Bid | : | 22.08.2025 at 11.30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : **www.tendersodisha.gov.in**. Any addendum / corrigendum / cancellation of tender can be seen in the said website only. | | |

**Sd/- Chief Engineer (Buildings-I),**
**Odisha, Bhubaneswar**

OIPR : 34117/11/011/2526

**GOVERNMENT OF ODISHA : OFFICE OF THE PANCHAYAT SAMITI, BISSAMCUTTACK, RAYAGADA**
**Email : ori-bissamcuttack@nic.in**

I-225

**NATIONAL COMPETITIVE BIDDING THROUGH e-Procurement**
**Identification No. BMCK 01/2025-26**
**TENDER CALL NOTICE**

The Block Development Officer, Bissamcuttack, District - Rayagada on behalf of Government of Odisha invites percentage rate bids in SINGLE Cover system for the Construction Additional Classroom Buildings work (Civil) as detailed in the Detailed Tender Call Notice (D.T.C.N) from ELIGIBLE Contractors registered with the State Govt. and Contractors of equivalent Grade / Class registered with Central Govt. for execution of Civil works on production of definite proof from the appropriate Authority.

1. No. of Works : 07
2. Cost of Tender Paper : Rs. 6,000/-
3. Class of Contractors : "D" & "C"
4. Mode of Submission of tender : Tender should be submitted online in **www.tendersodisha.gov.in.**
5. Availability of tenders online : from 11.00 AM of 24.07.2025 to 17.00 PM of 02.08.2025.
6. All other terms and conditions, details can be seen from the above website.

**Sd/- Block Development Officer,**
**Bissamcuttack**

OIPR : 19149/11/0009/2526

**JEYPORE MUNICIPALITY, JEYPORE**
**Phone No - 06854231098, Fax no-06854230104, email-ulbjeypore@gmail.com & jayporem.hud@nic.in**
**Letter No: 3102/JM Date : 17.7.25**

C-696

**Advertisement for Auction Sale Notice**

Through this notice, the general public is hereby informed that the following municipal property under Jeypore Municipality will be leased for the financial year 2025-2026. Therefore, institutions, individuals, and self-help groups registered under Jeypore Municipality who are interested in taking the lease are requested to submit sealed tenders by Registered Post by 12 PM (Noon) on 30.07.2025 . The tenders received will be opened at 5 Pm on 30.07.2025.

The approved parking fee rate chart and tender documents can be obtained from the office of the Municipality @ Cashier Section by paying the prescribed fee between 21.07.2025 to 29.07.2025.

The authority is not bound to accept the highest tender or any tender. The authority reserves the right to cancel or reject all tenders without providing any reason.

All details, terms, and conditions related to the tender can be obtained from the office of the Municipality.

| Sl. No. | Name of the property | Lease period | Lease Value for 8 Months (INR) | Security Deposit (INR) | Tender Document Fee (INR) |
|---|---|---|---|---|---|
| 01 | Paid Parking Stand Near Old OSRTC Bus Stand | 01/08/2025 to 31/03/2026 | Rs. 2,80,000/- | Rs. 35,000/- | Rs. 600/- |

**Sd/- Executive Officer**
**Jeypore Municipality**

OIPR : 13079/11/0050/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଆଠଗଡ଼ ନିର୍ବାଚନମଣ୍ଡଳୀରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା

# ଡିଜିପିଙ୍କୁ ଫେରାଦ ହେଲେ ପଞ୍ଚାୟତ ପ୍ରତିନିଧି

କଟକ,(ସବ୍ୟୁ): ଆଠଗଡ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବା ସହ ଜନ ପ୍ରତିନିଧିମାନଙ୍କ ବିରୋଧରେ ହିଂସା, ଆକ୍ରମଣ, ଭୟ ଦେଖାଇ ସେମାନଙ୍କୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯିବା ପ୍ରତିବାଦରେ ଆଜି ଡିଜିପିଙ୍କୁ ଫେରାଦ ହୋଇଛନ୍ତି ଆଠଗଡ ନିର୍ବାଚନ ମଣ୍ଡଳୀର ପଞ୍ଚାୟତ ପ୍ରତିନିଧି । ଆଠଗଡ, ତିଗିରିଆ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତର ଜିଲ୍ଲା ପରିଷଦ ସଭ୍ୟ ଓ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ପକ୍ଷରୁ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ଏକ ବର୍ଷ ଧରି ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏହି ଅସାମାଜିକ ଗୋଷ୍ଠୀଙ୍କ ଦ୍ୱାରା ସଂଗଠିତ ହିଂସା, ଭୟ ଏବଂ ଆତଙ୍କ ଫଳରେ ଆଠଗଡ ନିର୍ବାଚନ ମଣ୍ଡଳୀ ବର୍ତ୍ତମାନ ଅଶାନ୍ତ ହୋଇପଡିଛି।



ବିଶେଷ ଭାବେ ସରକାର ପରିବର୍ତ୍ତନ ପରେ ଏହି ପ୍ରକାର ହିଂସାକାଣ୍ଡ ଅହେତୁକ ଭାବେ ବୃଦ୍ଧି ପାଉଛି। ଏପରିକି ଖୁଣ୍ଟୁଣୀ ଥାନା ସମ୍ମୁଖରେ ହିନ୍ଦୁ ମଜବୁର ସଭାର ଶ୍ରମିକ ଧାରଣାକୁ ଭଣ୍ଡୁର ପାଇଁ ଏହି ଗୋଷ୍ଠୀ ଦ୍ୱାରା ଆକ୍ରମଣ କରାଯାଇଥିଲା । ଶ୍ରମିକ ମାନଙ୍କ ପକ୍ଷରୁ ଥାନାରେ ଦିଆ ଯାଇଥିବା ଅଭିଯୋଗ ଉପରେ କୌଣସି ପ୍ରକାର ଆଖଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଅଭିଯୋଗ ହୋଇଛି । ସେହିଭଳି ନିକଟ ଅତୀତରେ ଆଠଗଡଓ ତିଗିରିଆ ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ବିଧାୟକଙ୍କୁ ଏହି ତଥାକଥିତ ଗୋଷ୍ଠୀ ଆକ୍ରମଣ କରିଥିଲେ । ଏ ସମ୍ବନ୍ଧରେ ଥାନାରେ ଏତଲା ସତ୍ତ୍ୱେ ପୁଲିସ ପକ୍ଷରୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ସମସ୍ତ ଘଟଣା ପଛରେ ଥିବା ଜନୈକ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ବିଭିନ୍ନ ଥାନାରେ ୨୫ଟି ଫୌଜଦାରୀ ମାମଲା ରହିଥିଲେ ସୁଦ୍ଧା ପୁଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଦାବିପତ୍ର ପ୍ରଦାନ ବେଳେ ବିନୋଦ କୁମାର ମାଝୀ, କୈଳାସ ଚନ୍ଦ୍ର ଦାସ, ବିଷ୍ଣୁ ପ୍ରସାଦ ନାଏକ,ଗଗନ ବିହାରୀ ପରିଡା,ଅଜୟ ପରିଡା, ମିନତି ଗାଗରାଇ ପ୍ରମୁଖ ଉପସ୍ଥିତ ଥିଲେ ।

### କିମ୍ସରେ ବିରଳ ଅସ୍ତ୍ରୋପଚାର

# ହିଟ୍-କୋଲ୍ଡ ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ଫୁସ୍‌ଫୁସ୍‌ରୁ ବାହାରିଲା ଟ୍ୟୁମର

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ କିମ୍ସର ଡାକ୍ତରମାନେ ଏକ ଅଭିନବ ପ୍ରଣାଳୀରେ ଜଣେ ରୋଗୀଙ୍କ ଫୁସ୍‌ଫୁସ୍‌ରୁ ଏକ ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ଜଣେ ୪୦ ବର୍ଷୀୟ ମହିଳାଙ୍କଠାରେ କାର୍ସିନଏଡ୍ ଟ୍ୟୁମର ଭଳି ଏକ ବିରଳ ପ୍ରକାରର ଫୁସଫୁସ ଟ୍ୟୁମର ଚିହ୍ନଟ ହେବା ପରେ ରୋଗୀ ଜଣକ ୨୦୨୩ ମସିହାରେ ରେଡିଏସନ୍ ଥେରାପି ନେଇଥିଲେ। ରୋଗୀ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ତାଙ୍କୁ ନିରନ୍ତର କାଶ ହେଉଥିଲା। ତେବେ ମହିଳାଙ୍କ ଶ୍ୱାସନଳୀର ଅଧାରୁ ଅଧିକ ଅଂଶ ଏକ ମାଂସ ପିଣ୍ଡ ଭଳି କିଛି ଅବରୋଧ କରୁଥିବା ଜୁନ୍ ୨୦୨୫ ରେ ତାଙ୍କଠାରେ



ପୁନର୍ବାର କରାଯାଇଥିବା ସ୍କାନରୁ ଜଣାପଡ଼ିଥିଲା। କିମ୍ସର ଇଣ୍ଟରଭେନସନାଲ ପଲମୋନୋଲୋଜି ବିଶେଷଜ୍ଞ ଦଳ ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଏକ ଅଭିନବ ଉପାୟ ଅବଲମ୍ବନ କରିଥିଲେ। କାର୍ଡିଓଥୋରାସିକ୍ ଅପରେଟିଂ ଥିଏଟରରେ ସାଧାରଣ ଆନାସ୍ଥେସିଆ ଦେଇ ସେମାନେ ରୋଗୀଙ୍କଠାରେ ଏକ ନମନୀୟ ବ୍ରୋଙ୍କୋସ୍କୋପ୍ ପ୍ରବେଶ କରାଇଥିଲେ। ପରେ ହିଟ୍ ଆଣ୍ଡ କୋଲ୍ଡ ପଦ୍ଧତି ଜରିଆରେ ଉତ୍ତାପ ନିୟନ୍ତ୍ରଣ ପ୍ରକ୍ରିୟା ବ୍ୟବହାର କରି ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଥିଲା।

କିମ୍ସ ଇଣ୍ଟରଭେନସନାଲ ପଲମୋନୋଲୋଜି ବିଭାଗର ଡା ଦେବାଶିଷ ବେହେରା, ଡା ସ୍ୱଦୀପ ମିଶ୍ର ଏବଂ ଡା ସୁଶାନ୍ତ ମିଶ୍ର ଏହି ଜଟିଳ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ଡା ଅଶୋକ କୁମାର ବଡ଼ମାଳି, ଡା ଜ୍ଞାନ ରଞ୍ଜନ ମିଶ୍ରଙ୍କ କାର୍ଡିଆକ୍ ଆନାସ୍ଥେସିଆ ଦଳ ଏଥିରେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଏହା ବ୍ୟତୀତ ପଲମୋନୋଲୋଜିର ରେସିଡେଣ୍ଟ ଡା ଅଭିଷେକ ଦାସ, ଡା ନିଖିଲ କୃଷ୍ଣ ଏବଂ ଡା ଦେବ ଗର୍ଗ ମଧ୍ୟ ଏହି ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ଏଭଳି ବିରଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଥିରେ ସାମିଲ୍ ହୋଇଥିବା ଡାକ୍ତରୀ ଦଳ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଆଇଆଇଟି ପାଲକ୍କଡର ୭ମ ସମାବର୍ତ୍ତନ ସମାରୋହ

# ଏକବିଂଶ ଶତାବ୍ଦୀରେ ଭାରତର ଅଭିବୃଦ୍ଧି କାହାଣୀ ଲେଖିବ ଆଇଆଇଟି ପାଲକ୍କଡ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଆଇଆଇଟି ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଭାରତର ଅଗାଢ଼ ବିଶ୍ୱାସ ଅଛି । ସେମାନେ କେବଳ ଇଞ୍ଜିନିୟରିଂ ସ୍ନାତକ ନୁହଁନ୍ତି ବରଂ ବୁଦ୍ଧିଜୀବୀ ସହ ଅନେକ ଗୁଣର ଅଧିକାରୀ ବୋଲି ଶନିବାର କେରଳ ସ୍ଥିତ ଆଇଆଇଟି ପାଲକ୍କଡର ସପ୍ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସମାବର୍ତ୍ତନ ସମାରୋହରେ ଡିଗ୍ରୀ ଏବଂ ପଦକ ପାଇଥିବା ସ୍ନାତକଧାରୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ଏହି ଅନୁଷ୍ଠାନରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଜୀବନରେ ନୂଆ ବୃତ୍ତିଗତ ଅଧ୍ୟାୟ ଆରମ୍ଭ କରୁଛନ୍ତି । ଆଇଆଇଟି




ପାଲକ୍କଡର ଆବେଗ ସହ ସେମାନେ ୨୦୪୭ରେ ବିକଶିତ ଭାରତର କଳ୍ପନାକୁ ଆଗେଇ ନେବା ଦିଗରେ ଯୋଗଦାନ ରଖିବା ଦରକାର । ସେ ଆହୁରି କହିଛନ୍ତି, ୧୦ ବର୍ଷରୁ କମ୍ ସମୟ ମଧ୍ୟରେ ଆଇଆଇଟି ପାଲ୍ଲକଡ ଶିକ୍ଷାଗତ ଉତ୍କର୍ଷତା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଏକ ଗତିଶୀଳ କେନ୍ଦ୍ରରେ ପରିଣତ ହୋଇଛି, ଯାହା ଅତ୍ୟନ୍ତ ଆନନ୍ଦର ବିଷୟ । ଆଇଆଇଟି ପାଲକ୍କଡ ଭଳି ନୂତନ ଯୁଗର ପ୍ରତିଷ୍ଠାନ ଏକବିଂଶ ଶତାବ୍ଦୀରେ ଭାରତର ଅଭିବୃଦ୍ଧି କାହାଣୀକୁ ଶକ୍ତି ପ୍ରଦାନ କରିବାରେ ଆଗରେ ଅଛନ୍ତି । ଆମେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛୁ । ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଆମକୁ ଆଗକୁ ବଢ଼ିବାକୁ ହେବ । ବିଶ୍ୱମାନର ଭିତ୍ତିଭୂମି ସୃଷ୍ଟି କରିବାକୁ ପଡିବ । ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ଆତ୍ମନିର୍ଭର ହେବାକୁ ପଡିବ । ଆମର କୃଷି କ୍ଷେତ୍ରକୁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ କରିବାକୁ ପଡିବ । ସ୍ୱଚ୍ଛ ଉର୍ଜା ଏବଂ ଜଳବାୟୁ କାର୍ଯ୍ୟରେ ବିଶ୍ୱ ନେତୃତ୍ୱ ପ୍ରତିଷ୍ଠା କରିବାକୁ ପଡିବ ।ଆମକୁ ଅଧିକ ସମାବେଶୀ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ସୃଷ୍ଟି କରିବାକୁ ପଡିବ । ଏହି ଲକ୍ଷ୍ୟ ଏବଂ ଅନ୍ୟାନ୍ୟ ଜାତୀୟ ପ୍ରାଥମିକତାକୁ ସାକାର କରିବା ପାଇଁ ଆଗରୁ ନେତୃତ୍ୱ ନେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଆଇଆଇଟିର ଛାତ୍ରଛାତ୍ରୀମାନେ ଚତୁର୍ଦ୍ଦଶ ଶତାବ୍ଦୀର ଗଣିତଜ୍ଞ ଏବଂ ଜ୍ୟୋତିର୍ବିଜ୍ଞାନୀ ମାଧବଙ୍କଠାରୁ ପ୍ରେରଣା ନେବା ଦରକାର । ଏହି ପ୍ରେରଣା ନେଇ ସେମାନେ ଆଇଆଇଟିର ଐତିହ୍ୟକୁ ବଢାଇବା ଦରକାର । ଯେମିତିକି ଭାରତ ପାଇଁ ନିର୍ଦ୍ଦିଷ୍ଟ ମଡେଲ ସ୍ଥାପନ କରିବା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ନୂତନ ପଥ ସୃଷ୍ଟି କରିବା ଏବଂ ତାହାର ନେତୃତ୍ୱ ନେବାକୁ ହେବ । ଜାତୀୟ ପ୍ରାଥମିକତା ହାସଲ କରିବା ଏବଂ ଭବିଷ୍ୟତର ମାନଚିତ୍ରକୁ ଚିହ୍ନଟ କରିବା ପାଇଁ ଆଇଆଇଟି ଐତିହ୍ୟର ଆଗକୁ ବଢ଼ାଇବା ଉପରେ ସେ ମତପ୍ରକାଶ କରିଥିଲେ ।

# ସିରିଜ୍ ଦୁର୍ଘଟଣାରେ ଚାରି ଆହତ, ପାଣିରେ ମିଳେଇ ଗଲା ଜନ୍ମଦିନ

ବେତନଟୀ (ସବ୍ୟୁ)- ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା -ରୁପସା ରାସ୍ତାର କଦଳିଆ ନିକଟରେ ଆଜି ଶନିବାର ସନ୍ଧ୍ୟା ସମୟରେ ଏକ ସିରିଜ୍ ଦୁର୍ଘଟଣା ରେ ଚାରି ଜଣ ଆହତ ହୋଇଥିବା ବେଳେ କୁନି ଝିଅଟିକୁ ଗୁରୁତର ଭାବେ ବାଲେଶ୍ୱର ସ୍ଥାନାନ୍ତରୀତ କରାଯାଇଥିବା ଜଣାଯାଇଛି । ବାଛୁରୀପଡ଼ା ଗ୍ରାମର ପିତାମ୍ବର ସାହୁ (୪୦) ନିଜ ଅଟୋ ଯୋଗେ ଝିଅ ସୁପ୍ରୀୟା (୬) କୁ ନେଇ ଝିଅର ଜନ୍ମଦିନ ପାଇଁ ବୈଶିଙ୍ଗା ମାର୍କେଟିଂ କରିବାକୁ ଆସୁଥିଲେ ଓ ଅପର ପଟରୁ କେନ୍ଦୁଆ ଏକ୍ସିସ ବ୍ୟାଙ୍କରେ ଚାକିରୀ କରୁଥିବା ଉମାକାନ୍ତ ଲେଙ୍କା ଙ୍କ ପୁଅ ଲିପୁନ(୨୬) ଏହି ଓ ତାର ସାଙ୍ଗ ଏକ ବାଇକ୍ ରେ ଯାଉଥିବା ବେଳେ ପଛ ପଟରୁ ଆଉ ଏକ ବାଇକ୍ ରେ ଏହି ଥାନା ଅଧିନ ପଣସିଆ ଗ୍ରାମର ୰କାଳା ସିଂଙ୍କ ପୁଅ ବାଇଦୁ (୪୫) ଏବଂ ସେହି ଗ୍ରାମର ହରିଶ ଚନ୍ଦ୍ର ସାହୁଙ୍କ ପୁଅ ଭାଗବତ (୫୦) ଦୃତ ଗତିରେ ପଛପଟୁ ଯାଇ ସାମ୍ନା ବାଇକ କୁ ଧକ୍କା ଦେଇ ଆଗରୁ ଆସୁଥିବା ଅଟୋ କୁ ଧକ୍କା ଦେଇଥିଲା । ଫଳରେ ଅଟୋରେ ଥିବା କୁନି ଝିଅ ସୁପ୍ରୀୟା ର ଗୋଡ ଟି ସଂପୂର୍ଣ୍ଣ ଭାଙ୍ଗିଯାଇ ଥିଲା। ଅପର ପକ୍ଷରେ ଦୁଇଟି ବାଇକର ଚାରିଜଣ ଯାକ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ଜରିଆରେ ସମସ୍ତ ଙ୍କୁ ବୈଶିଙ୍ଗା ଡାକ୍ତରଖାନା ଅଣା ଯାଇଥିଲା ।ଏଠାରେ ପ୍ରାଥମିକ ଚିକିତ୍ସା ପରେ କୁନି ଝିଅ ର ଗୋଡଟିକୁ ବ୍ୟାଣ୍ଡେଜ କରି ପ୍ରଥମେ ତାକୁ ବାଲେଶ୍ୱର ପଠାଇ ଦିଆ ଯାଇଥିଲା । ଅନ୍ୟମାନେ ଆହତ ଅବସ୍ଥାରେ ବୈଶିଙ୍ଗା ରେ ଚିକିତ୍ସିତ ହେଉ ଥିବା ଜଣାଯାଇଛି ।

# ମହିଳା କମିଶନ କାର୍ଯ୍ୟାଳୟ ଆଗରେ ବିଜୁ ମହିଳା ଜନତା ଦଳର ଧାରଣା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁମାନେ ଅସୁରକ୍ଷିତ ମନେକରିବା ସହିତ ନିର୍ଯ୍ୟାତନା ଓ ଦୁଷ୍କର୍ମ ହାର ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ରାଜ୍ୟରେ ବିଜେପି ସରକାର ଆସିବାର ୧୪ ମାସ ବିତିଗଲା ପରେ ମଧ୍ୟ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ଏପର୍ଯ୍ୟନ୍ତ ବି ପୂରଣ ହୋଇପାରିଲା ନାହିଁ । ଏହାର ପ୍ରତିବାଦରେ ଆଜି ସକାଳ ୧୧ ଘଟିକା ସମୟରେ ବିଜୁ ମହିଳା ଜନତା ଦଳ ତରଫରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଣ୍ଟା କାଳ ଗଣଧାରଣା ଦିଆଯାଇଥିଲା ।

ଗୋଟିଏ ନାରୀ ଉପରେ ଅତ୍ୟାଚାର ହେଲେ ପ୍ରଥମେ ସେ ମହିଳା କମିଶନରେ ଦ୍ୱାରସ୍ଥ ହୋଇଥାଏ । ହେଲେ ଦୁଃଖ ଓ ପରିତାପର କଥା ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନର ଅଧ୍ୟକ୍ଷ ଏପର୍ଯ୍ୟନ୍ତ ନିଯୁକ୍ତ ଦେଲେ ନାହିଁ । ଯଦି ସରକାର ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ପୂରଣ ନକରନ୍ତି ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହିତ ଘେରାଉ କରିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନହେବାରୁ ରାଜ୍ୟର ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନିଜ ନିଜର ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ।

ବିଜୁ ମହିଳା ଜନତା ଦଳର ଏହି ଧାରଣାରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କସ୍ତୁରୀ ମହାପାତ୍ର, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରଂଜିତା ସାହୁ, ମୁଖପାତ୍ର ଇପ୍ସିତା ସାହୁ, ଇଲା ସ୍ୱାଇଁ, ଲୋରା ମହାପାତ୍ର, ଭାରତୀ ସିଂ, ପ୍ରୀତିନନ୍ଦା ରାଉତରାୟ, ସୁମିତ୍ରା ଜେନା, ଶ୍ରୀମତୀ ମାନସୀ ସୁନ୍ଦରାୟ, ରଞ୍ଜୁଲତା ରାୟ,



ପୁଷ୍ପାଞ୍ଜଳି ସେଠୀ, ପୁଷ୍ପା ରାଉତ, ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ, ରୁନୁ ଜେନା, କିରଣବାଳା ମାଝୀ, ଶ୍ରମିତା ମହାନ୍ତି, ତିଳୋତ୍ତମା ଚୌଧୁରୀ, ସ୍ମୀତା ସ୍ୱାଇଁ, ଅନୁସୟା ରାୟ, ପୂଜା ମହାରଣା, ଶ୍ରୀମତୀ ମୋନାଲିସା ବେହେରାଙ୍କ ସମେତ ବହୁ ନାରୀନେତ୍ରୀ ଯୋଗ ଦେଇଥିଲେ ।

# ୨୧ରୁ ଏଆଇସିଟିଇ ଏବଂ ଆଇବିସିଏସ୍ ପକ୍ଷରୁ ପାଞ୍ଚ ଦିନିଆ ଏଫ୍‌ଡିପି

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଂଟ ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍‌ରେ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଓ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ ପକ୍ଷରୁ ଏଂଟରପ୍ରିନ୍ୟୁଅରସିପ୍ ଆଣ୍ଡ ଇନୋଭେସନ୍ ଶୀର୍ଷକକୁ ନେଇ ୫ ଦିନିଆ ଶିକ୍ଷକଙ୍କ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ବ୍ୟବସାୟ ପରିଚାଳନା ଓ କମ୍ପ୍ୟୁଟର ପରିଚାଳନା ଶିକ୍ଷାନୁଷ୍ଠାନର ସ୍ନାତକ ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ। ଏହି ଏଫ୍‌ଡିପି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକମାନଙ୍କୁ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଥିବା ଜ୍ଞାନ ଓ ଉଦ୍ୟମର କୌଶଳର ଆବଶ୍ୟକ ପରିପାଳନ ନିମନ୍ତେ ଉଦ୍‌ବୁଦ୍ଧ କରିବ। ଶିକ୍ଷା, ଉଦ୍ୟୋଗ ଓ ନୂତନ ଉଦ୍ୟମିତାର ଅଭିଜ୍ଞମାନେ ଉଦ୍ୟମିତାର ମାନସିକତା ଏବଂ ଉଦ୍ଭାବନର ନୂତନତ୍ୱ, ନୂତନ ଉଦ୍ୟମିତାର ଉତ୍ସିକରଣ, ନୂତନ ଦିଗର ପ୍ରାମାଣିକତା, ବ୍ୟବସାୟ ସଂରଚନା ଓ ଆର୍ଥିକ ସୁଯୋଗ, ୫ବୌଦ୍ଧିକ ସମ୍ପତି ଏବଂ ଆଇନଗତ ପରିସୀମା ବାବଦରେ ବ୍ୟକ୍ତିଗତ ଭାବେ ଅଧିବେଶନ ସବୁକୁ ସଂଚାଳିତ କରିବେ। କାର୍ଯ୍ୟକ୍ରମରେ, ବିଷୟ ଆଲୋଚନା, ତତ୍‌କ୍ଷଣାତ ଆସିଥିବା କାର୍ଯ୍ୟାବଳୀ ଓ ସୋଆର ଅଟଳ ଇନ୍‌କ୍ୟୁବେସ କେନ୍ଦ୍ର ଓ ନୂତନ ଉଦ୍ୟମିତା ସଂସ୍ଥାନର ଭ୍ରମଣ ସହ ଶିକ୍ଷଣ ପ୍ରୟୋଗ କରାଯିବ। ଏହି କାର୍ଯ୍ୟକ୍ରମ ଉପରେ ବର୍ଣ୍ଣିତ ଶିକ୍ଷକମାନଙ୍କ ପାଇଁ ଓ ଶିକ୍ଷାନୁଷ୍ଠାନମାନଙ୍କର ଯୁବ ଉଦ୍ଭାବକମାନଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ଏକ ଦୃଢ଼ ସଂରଚନା ପ୍ରଦାନ କରିବ।

## ବେଦାନ୍ତର କ୍ରେଡିଟ୍ ରେଟିଂ କ୍ରିସିଲ ଏବଂ ଆଇସିଆରଏ ଦ୍ୱାରା ପୁନଃସ୍ଥାପିତ ହୋଇଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ପ୍ରମୁଖ କ୍ରେଡିଟ୍ ରେଟିଂ ଏଜେନ୍ସି, କ୍ରିସିଲ୍ ରେଟିଂ ଏବଂ ଆଇସିଆରଏ କମ୍ପାନୀର କ୍ରେଡିଟ୍ ରେଟିଂକୁ ପୁନଃସ୍ଥାପିତ କରିଛି, ଯାହା ବେଦାନ୍ତର ସାମଗ୍ରିକ ବ୍ୟବସାୟିକ ସ୍ଥିରତା, ସୁସ୍ଥ ଆର୍ଥିକ ପ୍ରଦର୍ଶନ ଏବଂ କର୍ପୋରେଟ୍ ପ୍ରଶାସନ ପ୍ରତି ଦୃଢ଼ ଆନୁଗତ୍ୟକୁ ସ୍ପଷ୍ଟ କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କ୍ରିସିଲ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ପରିଚାଳନା ଏବଂ ଚୟନିତ ଋଣଦାତାଙ୍କ ମତାମତ ଉପରେ ଆଧାର କରି, ରେଟିଂ ଏଜେନ୍ସି "ବୁଝିଛି ଯେ ବର୍ତ୍ତମାନ କୌଣସି ଋଣଦାତା କିମ୍ବା ନିବେଶକଙ୍କ ଠାରୁ କୌଣସି ପ୍ରତିକୂଳ ପ୍ରତିକ୍ରିୟା ହୋଇନାହିଁ।" ରେଟିଂ ଏଜେନ୍ସି ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡ୍ ପାଇଁ କ୍ରିସିଲ୍ ଏଏଏ ଏବଂ ବେଦାନ୍ତ ପାଇଁ କ୍ରିସିଲ ଏଏ ର ଦୀର୍ଘକାଳୀନ ମୂଲ୍ୟାଙ୍କନକୁ ପୁନଃସ୍ଥାପିତ କରିଛି। ଆଇସିଆରଏ ଏଏ ରେ ଏହାର ଦୀର୍ଘକାଳୀନ ମୂଲ୍ୟାଙ୍କନକୁ ପୁନଃସ୍ଥାପିତ କରିଛି।

କ୍ରିସିଲ ରିପୋର୍ଟରେ ଆହୁରି କୁହାଯାଇଛି ଯେ ରିପୋର୍ଟ ପ୍ରକାଶନ ପରଠାରୁ ବେଦାନ୍ତ ଲିମିଟେଡ୍ ଏବଂ ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡ୍ ଉଭୟର ଷ୍ଟକ୍ ମୂଲ୍ୟ ପୂର୍ବରୁ ପୁନରୁଦ୍ଧାର ହୋଇଛି।

# ରାଜ୍ୟସ୍ତରୀୟ ବିଦ୍ୟୁତ କେନ୍ଦ୍ର ଗୁଡ଼ିକ ମଧ୍ୟରେ ଓପିଜିସି ଦ୍ୱିତୀୟ ସ୍ଥାନକୁ ଉତ୍ତୀର୍ଣ୍ଣ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି)୨୦୨୪-୨୦୨୫ ଆର୍ଥିକ ବର୍ଷରେ ୮୩.୮୦ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲ୍ଏଫ୍) ହାସଲ କରି ଭାରତର ସମସ୍ତ ରାଜ୍ୟ ସରକାର ଅଧିନସ୍ଥ ବିଦ୍ୟୁତ କେନ୍ଦ୍ର ଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଦ୍ୱାରା ଓପିଜିସି ଭାରତର ସମସ୍ତ ବିଦ୍ୟୁତ କେନ୍ଦ୍ର ଗୁଡ଼ିକ ମଧ୍ୟରେ ୧୯ତମ ସ୍ଥାନ ହାସଲ କରିଛି। ଓପିଜିସିର ପିଏଲ୍ଏଫ୍ ୮୩.୮୦ ପ୍ରତିଶତ ଥିଲାବେଳେ ଚଳିତବର୍ଷ ଜାତୀୟ ହାରାହାରି ପିଏଲ୍ଏଫ୍ ୬୯.୪୭ ପ୍ରତିଶତ ଥିଲାବୋଲି ଝାରସୁଗୁଡାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓପିଜିସିର ସିନିୟର ଭାଇସ୍‌ପ୍ରେସିଡେଣ୍ଟ (ଅପରେସନ୍ ) ସୁକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ଉଲ୍ଲେଖନୀୟ ପ୍ରଦର୍ଶନୀ ଉପରେ ଉଲ୍ଲେଖକରି ଶ୍ରୀ ମହାପାତ୍ର କହିଛନ୍ତି ଝାରସୁଗୁଡାର ବନହରପାଲିରେ ଥିବା କମ୍ପାନୀର ଇବ୍ ଥର୍ମାଲ ପାୱାର ଷ୍ଟେସନ ଏକ ପୁରସ୍କାର ହାସଲ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏମ୍‌ଡି କେଦାର ରଞ୍ଜନ ପାଣ୍ଡୁ, ଡାଇରେକ୍ଟର ଅପରେସନ୍ ଏ.ଆର



ନୂତନ ମାନଦଣ୍ଡ ସ୍ଥାପନ କରିଛି ଯେଉଁଥିରେ ୨୧୦ ମେଗାୱାଟ୍ ୟୁନିଟ୍ ଏବଂ ୨ଟି ସୁପର କ୍ରିଟିକାଲ ୬୬୦ ମେଗାୱାଟ୍ ୟୁନିଟ୍ ଅନ୍ତର୍ଭୁକ୍ତ। ଶ୍ରୀ ମହାପାତ୍ର କହିଲେ ଯେ, ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଓପିସିଜି ନିକଟରେ ୬ଟି ଗୁରୁତ୍ୱପୂର୍ଣ୍ଣ ଦାସ, ସିନିୟର ଭାଇସ୍‌ପ୍ରେସିଟେଡ୍ ଅପରେସନ୍ ଶ୍ରୀ ମହାପାତ୍ର, ସିନିୟର ଜିଏମ୍ (ଏଚ୍ଆର) ସୁବାଶିଷ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ମହାପାତ୍ର ଭବିଷ୍ୟତର ସଂପ୍ରସାରଣ ଉପରେ ସୂଚନା ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ନିରାକାରପୁର ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ଶିଳ୍ପା ଅଞ୍ଚଳରେ ହୋଇଥିବା ଡ୍ରୋନ କମ୍ପାନୀରେ ଶନିବାର ଦିନି ଜଣେ ଶ୍ରମିକଙ୍କ ବିଦ୍ୟୁତ୍‌ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି । ଶନିବାରଅପରାହ୍ନ ସାଢ଼େ ୩ଟାରେ କମ୍ପାନୀ ମଧ୍ୟରେ କାର୍ଯ୍ୟରତ ଜଣେ କର୍ମଚାରୀ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ତୁରନ୍ତ କମ୍ପାନୀ ତରଫରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବି ସେଠାରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ମୃତ କର୍ମଚାରୀ ଜଣଙ୍କ ଘର ବ୍ରହ୍ମପୁର ବୋଲି ଶୁଣିବାକୁ ମିଳୁଛି । ଏ ସମ୍ପର୍କରେ ଜଂକିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଙ୍କୁ ପଚାରିବାରୁ ସେ ମୃତ୍ୟୁ ବରଣ ସମ୍ପର୍କରେ ଅବଗତ ଅଛନ୍ତି ।କିନ୍ତୁ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାଇଛନ୍ତି ।

# ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ମହିଳା କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ଗୋଟିକ ପରେ ଗୋଟିଏ ହୃଦୟ ବିଦାରକ ଘଟଣାରେ ଛାତ୍ରୀମାନେ ନିଆଁରେ ପୋଡିବା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି । "ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ବିଜେପି ସରକାରଙ୍କ ଶାସନରେ ମହିଳା, ଛାତ୍ରୀମାନେ ସବୁଠାରୁ ଅସୁରକ୍ଷିତ । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ଏଫ୍.ଏମ୍. କଲେଜ ଆଗରେ ନିଜକୁ ଜାଳିଦେଲେ । ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିଛି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ନାରୀକୁ ନ୍ୟାୟ ଦେବା ପାଇଁ ଯେଉଁ ଅଭିଯାନ ଆରମ୍ଭ ହୋଇଛି ତାହାକୁ ଅଧିକ ସକ୍ରିୟ କରିବା ପାଇଁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷି ବାହିନିପତି ଆଗଭର ହୋଇଛନ୍ତି । ସୌମ୍ୟାଶ୍ରୀଙ୍କ ପରେ ନିମାପଡା ପ୍ରଭାତୀ ପରିଡାଙ୍କ ବାସ ଭବନ ରାଜ୍ୟ ମହିଳା ସଭାନେତ୍ରୀ ମୀନାକ୍ଷି ବାହିନିପତିଙ୍କ ନେତୃତ୍ୱରେ




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ବଳଙ୍ଗା ଠାରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁବୃମାନେ ନିଆଁରେ ପୋଡି ମାରିଦେବା ପାଇଁ ଉଦ୍ୟମ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଘେରାଉ କରାଯାଇଥିଲା । ପିଡ଼ିତା ଛାତ୍ରୀ ଜଣଙ୍କ ୭୨ ଭାଗ ପୋଡିଯାଇଥିବାବେଳେ ଏମ୍‌ଏସ୍‌ରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି । ମୀନାକ୍ଷି ବାହିନିପତିଙ୍କ ନେତୃତ୍ୱରେ ଏକ ମହିଳା ଦଳ ଯାଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ । ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିଗିଡି ଯାଇଥିବାବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟ ହୋଇପଡ଼ିଛି । ନିଜେ ରାଜ୍ୟ ସରକାର ଏକ ଅଧ୍ୟାଦେଶରେ ସଂନ୍ଧ୍ୟା ୫ ଟା ପରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନେ ନ ରହିବା ପାଇଁ ନିର୍ଦ୍ଦେଶାନାମ ଜାରି କରିଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତ୍ୟୟମାନ ହୁଏ ଯେ ରାଜ୍ୟ ସରକାର ନାରୀକୁ ସୁରକ୍ଷା ଦେବା ପାଇଁ ଅସମର୍ଥ । ଏଭଳି ସରକାର ଶାସନ ଗାଦିରେ ବସିବାର ସମସ୍ତ ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ଶ୍ରୀମତୀ ବାହିନିପତି କହିଛନ୍ତି ।

# ୨୧ ରୁ ମୌସୁମୀ ଅଧିବେଶନ

## ଆଜି ସର୍ବଦଳୀୟ ବୈଠକ

ଆସନ୍ତା ୨୧ ରୁ ସଂସଦର ମୌସୁମୀ କାଳୀନ ଅଧିବେଶନ ଆରମ୍ଭ ହେବ। ଏଥିଲାଗି ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଅଧିବେଶନକୁ ସୁରୁଖୁରୁରେ କରିବା ପାଇଁ ଏହି ବୈଠକରେ ଡକାଯାଇଛି। ସଂସଦୀୟ ବ୍ୟାପାର



ମନ୍ତ୍ରୀ କିରଣ ରିଜିଜୁ ଏହ ବୈଠକ ପାଇଁ ସବୁ ଦଳର ନେତାମାନଙ୍କୁ ଆମନ୍ତ୍ରଣ କରିଛନ୍ତି। ଆଗାମୀ ସଂସଦ ଅଧିବେଶସନ ବେଶ୍ ସରଗରମ ହେବ ବୋଲି ସୂଚନା ମିଳୁଛି। ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବାସ ଭବନରେ ନିଆଁ ଲାଗିଲା ବେଳେ ଟଙ୍କା ଜବତ ଘଟଣାରେ ତାଙ୍କ ବରୋଧରେ ମହା ଅଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରାଯାଇଛି।

# ଲାକ୍ଷାଦ୍ୱୀପରେ ସ୍ଥାପନ ହେବ ସେନା ଘାଟି



ନୂଆଦିଲ୍ଲୀ: ଭାରତର କେନ୍ଦ୍ରଶାସିତ ଅଂଚଳ ଲକ୍ଷଦ୍ୱୀପ ଅଧିନରେ ଆସୁଥିବା ବିତ୍ରା ଦ୍ୱୀପରେ ଏକ ସାମରିକ ଘାଟି ସ୍ଥାପନ କରିବାକୁ ଭାରତ ସରକାର ଯୋଜନା କରୁଛନ୍ତି। ଏହି ଦ୍ୱୀପଟି ସାମରିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବାରୁ ସରକାର ଏଠାରେ ଏକ ଘାଟି ସ୍ଥାପନ ପାଇଁ ବିଚାର କରୁଛନ୍ତି। କିନ୍ତୁ ସରକାରଙ୍କ ଏହି ପ୍ରସ୍ତାବକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି। ବର୍ତ୍ତମାନ, ବିତ୍ରାରେ ପ୍ରାୟ ୧୦୫ ପରିବାର ବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଏହି ଅଧିଗ୍ରହଣକୁ ବିରୋଧ କରିଛନ୍ତି।

ତଥାପି, ଦ୍ୱୀପପୁଞ୍ଜର ରାଜସ୍ୱ ବିଭାଗ ବିତ୍ରା ଦ୍ୱୀପର ସାମାଜିକ ପ୍ରଭାବ ମୂଲ୍ୟାଙ୍କନ (ଏସଆଇଏ) ପାଇଁ ଏକ ବିଜ୍ଞପ୍ତି ଜାରି କରିଛି। ନୋଟିସରେ କୁହାଯାଇଛି ଯେ ଏହି ମୂଲ୍ୟାଙ୍କନର ଉଦ୍ଦେଶ୍ୟ ହେଉଛି ଏହାର 'ରଣନୈତିକ ସ୍ଥିତି' ଏବଂ 'ଜାତୀୟ ସୁରକ୍ଷା ପ୍ରାସଙ୍ଗିକତା' ଯୋଗୁଁ ସମଗ୍ର ଦ୍ୱୀପକୁ ପ୍ରତିରକ୍ଷା ଏବଂ ରଣନୈତିକ ଏଜେନ୍ସିଗୁଡ଼ିକୁ ହସ୍ତାନ୍ତର କରିବା।

ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ବିତ୍ରା ଦ୍ୱୀପ ସାମରିକ ଓ ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଠାରେ ବେସାମରିକ ଜନବସତି ଥିବାରୁ କେତେକ ପ୍ରଶାସନିକ ଓ ଲଜିଷ୍ଟିକ୍ସ ସମସ୍ୟା ସୃଷ୍ଟି ହେଉଛି। ତେବେ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଓ ଗ୍ରାମ ସଭା ଅନୁଷ୍ଠିତ ହେବ।


# ଦାୟିତ୍ୱହୀନ ରିପୋର୍ଟିଂ ପାଇଁ କ୍ଷମା ମାଗନ୍ତୁ ରୟଟର୍ସ, ଡବ୍ଲ୍ୟୁଏସ୍‌ଜେ

ନୂଆଦିଲ୍ଲୀ : ଦ ଫେଡେରେସନ୍ ଅଫ୍ ଇଣ୍ଡିଆନ ପାଇଲଟ୍ (ଏଫଆଇପି) ପକ୍ଷରୁ ୱାଲର୍ଡ ଷ୍ଟ୍ରିଟ୍ ଜର୍ଣ୍ଣାଲ (ଡବ୍ଲ୍ୟୁଏସଜେ) ଓ ରୟଟରକୁ ଦାୟିତ୍ୱହୀନ ରିପୋର୍ଟିଂ ପାଇଁ କ୍ଷମା ମାଗିବା ପାଇଁ ନୋଟିସ୍ କରାଯାଇଛି। ଜୁନ୍ ୧୨ରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଉପରେ ସେମାନଙ୍କ ଦବାରା ପ୍ରକାଶିତ ରିପୋର୍ଟ ଲାଗି ଏହି ପଦକ୍ଷେ ନିଆଯାଇଛି। ଯେଉଁଥିରେ ପାଇଲଟ ତ୍ରୁଟି କିମ୍ବା କକପିଟର ଦ୍ୱନ୍ଦ୍ୱକୁ ଦୁର୍ଘଟଣାର ସମ୍ଭାବ୍ୟ କାରଣ ଭାବେ ଦର୍ଶାଯାଇଥିଲା। ତେବେ ଏହି ଘଟଣାର ତଦନ୍ତ କରୁଥିବା ଏଏଆଇବି ତାର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରିଛି। ଯେଉଁଥିରେ ଏଭଳି କିଛି ଦ୍ୱନ୍ଦ୍ୱ ନଥିଲା। ଏଫଆଇପିର ସଭାପତି କ୍ୟାପଟେନ୍ ସିଆର୍ ରନ୍ଧୱା କହିଛନ୍ତି ଯେ ପ୍ରକାଶିତ ରିପୋର୍ଟ ତଥ୍ୟ ଉପରେ ଆଧାରିତ ନଥିଲା। ଏଥିଲାଗି ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଆମେ ଡବ୍ଲ୍ୟୁଏସଜେକୁ ଦାୟୀ କରୁଛୁ। କାରଣ ସେମାନେ ତଦନ୍ତକାରୀ ସଂସ୍ଥା ନୁହଁନ୍ତି। ସେମାନେ ସମଗ୍ର ବିଶ୍ୱ ଉପରେ କଥାବାର୍ତ୍ତା କରୁଛନ୍ତି। ମାତ୍ର ସେମାନେ ତଦନ୍ତକାରୀ ସଂସ୍ଥା ନୁହଁନ୍ତି। ଏଥିରେ ଭ୍ରମାତ୍ମକ ତଥ୍ୟ ରହିଛି। କିଭଳି ଭାବରେ ସେମାନେ ଶେଷ ସିଦ୍ଧାନ୍ତରେ ପହଞ୍ଚିପାରିଥିଲେ। ପାଇଲଟ୍ ତ୍ରୁଟି ପାଇଁ ଦୁର୍ଘଟଣା ଘଟିଲା, ଯାହା ସମ୍ପୂର୍ଣ୍ଣ ମିଥ୍ୟା ଓ ଭ୍ରମାତ୍ମକ। ଯେତେବେଳେ ତଦନ୍ତ ଚାଲିଛି ସେତେବେଳେ ଦାୟିତ୍ୱହୀନତା ସହ ରିପୋର୍ଟିଂ କରାଯାଇଛି। କିପରି ପାଇଲଟଙ୍କୁ ଦୋଷ ଦେଲ ବୋଲି ଏମାନେ ପ୍ରଶ୍ନ କରିଛନ୍ତି। ନ୍ୟାସନାଲ ଟ୍ରାନ୍ସପୋଟେସନ୍ ସେଫ୍ଟିବଡିର ବିବୃତ୍ତିକୁ କ୍ୟାପେଟନ୍ ରନ୍ଧବା ପସନ୍ଦ କରିଛନ୍ତି। ଏହାର ମୁଖ୍ୟ ଜେନଫିର ହୋମେଣ୍ଡି କହିଛନ୍ତି ଏୟାର ଇଣ୍ଡିଆ ୧୭୧ ଦୁର୍ଘଟଣା ଉପରେ ଆସିଥିବା ରିପୋର୍ଟ ଅସମ୍ପୂର୍ଣ୍ଣ, ତରବରିଆ ଓ ଅନୁମାନ ଉପରେ ଆଧାରିତ। ଭାରତର ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ କେବଳ ପ୍ରାରମ୍ଭିକ ରିପୋର୍ଟ ପ୍ରକାଶ କରିଛି। ଏହି ସ୍ତରରେ ତଦନ୍ତ ପାଇଁ ଅଧିକ ସମୟ ଲାଗେ।

# ଖସିଥିବା ୫ ଜାହାଜ ବିଷୟରେ ସତ କଣ: ରାହୁଲଙ୍କ ପ୍ରଶ୍ନ

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ବିବାଦ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ଦେଶର ରାଜନୀତିରେ ଉଷ୍ମତା ବୃଦ୍ଧି କରିଛି। କଂଗ୍ରେସ ଏହି ପ୍ରସଙ୍ଗକୁ ସଂସଦରେ ଉଠାଇବାକୁ ପ୍ରସ୍ତୁତ ହୋଇଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ସିଧାସଳଖ ଉତ୍ତର ଦାବି କରିଛି। କଂଗ୍ରେସ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, କୌଣସି ମନ୍ତ୍ରୀ କିମ୍ବା ମୁଖପାତ୍ରଙ୍କର ସ୍ପଷ୍ଟୀକରଣର ଆବଶ୍ୟକତା ନାହିଁ, କେବଳ ପ୍ରଧାନମନ୍ତ୍ରୀଙ୍କୁ ଏହାର ଉତ୍ତର ଦେବାକୁ ପଡିବ।

ଶୁକ୍ରବାର ଦିନ ହ୍ୱାଇଟ୍ ହାଉସରେ ରିପବ୍ଲିକାନ୍ ସାଂସଦଙ୍କ ସହ ରାତ୍ରୀଭୋଜନ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ସମୟରେ "ପାଞ୍ଚଟି ଯୁଦ୍ଧ ବିମାନକୁ ଗୁଳି କରି ଖସାଇ ଦିଆଯାଇଥିଲା"। ଯଦିଓ ସେ ଖସାଇ ଦିଆଯାଇଥିବା ବିମାନଗୁଡ଼ିକ ଭାରତର କି ପାକିସ୍ତାନର ତାହା ସ୍ପଷ୍ଟ କରି ନାହାନ୍ତି ତେବେ ତାଙ୍କର ଏହି ମନ୍ତବ୍ୟ ଭାରତୀୟ ରାଜନୀତିରେ ହଲଚଲ ସୃଷ୍ଟି କରିଛି। ବିରୋଧୀ ଦଳ ଏହାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି।



କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଟ୍ରମ୍ପଙ୍କ ଭିଡିଓ ସେୟାର କରିଛନ୍ତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଚାରିଛନ୍ତି, "ମୋଦୀ ଜୀ, ୫ଟି ଜାହାଜ ବିଷୟରେ ସତ୍ୟ କ'ଣ? ଦେଶର ଜାଣିବାର ଅଧିକାର ଅଛି।"

ପୂର୍ବରୁ ମଧ୍ୟ ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ନରେନ୍ଦ୍ର ମୋଦୀ ସରକାର ଟ୍ରମ୍ପଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିବା ଅଭିଯୋଗ କରିଥିଲେ ଏବଂ ତାଙ୍କ ରାଲିଗୁଡ଼ିକରେ ସେ ନିରନ୍ତର ସମାଲୋଚନା କରି ସରକାରଙ୍କଠାରୁ ଉତ୍ତର ମାଗିଥିଲେ।

କଂଗ୍ରେସ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଛି। ଟ୍ରମ୍ପ କଦଣ ପ୍ରକୃତରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ବନ୍ଦ କରିବାକୁ ଦାବି କରିଥିଲେ କି? ସେ ୨୪ ଥର ଏନେଇ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ ବାଣିଜ୍ୟ କଟକଣା ଧମକ ଦେଇ ଯୁଦ୍ଧ ବନ୍ଦ କରିବାକୁ ଚାପ ପକାଇଥିଲେ କି? ଯଦି ଯୁଦ୍ଧରେ ପାଞ୍ଚଟି ଯୁଦ୍ଧ ବିମାନ ଖସିଥିଲା, ତେବେ ସେଗୁଡ଼ିକ କେଉଁ ଦେଶର ଥିଲା ବୋଲି କଂଗ୍ରେସ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛି।

କଂଗ୍ରେସ ନେତା ଜୟରାମ ରମେଶ ସମଗ୍ର ପ୍ରସଙ୍ଗକୁ ଗମ୍ଭୀର ବୋଲି କହିଛନ୍ତି। ସେ କହିଛନ୍ତି, ସଂସଦର ମୌସୁମୀ ଅଧିବେଶନ ୨୧ ଜୁଲାଇରୁ ଆରମ୍ଭ ହେଉଛି। ମୌସୁମୀ ଅଧିବେଶନ ଏହି ପ୍ରସଙ୍ଗରେ ଏକ ବିଶେଷ ଆଲୋଚନା କରାଯିବ ଜରୁରୀ ବୋଲି ସେ କହିଛନ୍ତି। ଆମେ ସଂସଦରେ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ଚାହୁଁଛୁ। ଅନ୍ୟ କୌଣସି ମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଚଳିବ ନାହିଁ। ଦେଶ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଉତ୍ତର ଚାହୁଁଛି।

ଜୟରାମ ରମେଶ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଥିବା ସମ୍ପର୍କ ଉପରେ ମଧ୍ୟ ମତାମତ ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଟ୍ରମ୍ପଙ୍କ ମଧ୍ୟରେ ବନ୍ଧୁତା କାହାଠାରୁ ଲୁଚି ରହିନାହିଁ। ହାଉଡି ମୋଦୀ ହେଉ କିମ୍ବା ନମସ୍ତେ ଟ୍ରମ୍ପ, ଉଭୟ ନେତା ସାର୍ବଜନୀନ ମଞ୍ଚରେ ପରସ୍ପର ସହିତ ଠିଆ ହୋଇ ସେମାନଙ୍କର ସମ୍ପର୍କକୁ ପ୍ରଦର୍ଶନ କରିଛନ୍ତି।

କଂଗ୍ରେସ ସୂଚିତ କରିଛି ଯେ, ଯଦି ସରକାର ଏହି ପ୍ରସଙ୍ଗକୁ ଏଡାଇବାକୁ ଚେଷ୍ଟା କରନ୍ତି, ତେବେ ସଂସଦରେ ଏକ ବଡ଼ ହଟ୍ଟଗୋଳ ହୋଇପାରେ। ବିରୋଧୀ ଏହାକୁ ଜାତୀୟ ସୁରକ୍ଷା ଏବଂ ସ୍ୱଚ୍ଛତା ସହିତ ଜଡ଼ିତ ଏକ ପ୍ରସଙ୍ଗ ବୋଲି ବିବେଚନା କରୁଛନ୍ତି ଏବଂ ଭାରତର ଲୋକମାନଙ୍କୁ କାହିଁକି ସତ୍ୟ କୁହାଯାଉନାହିଁ ବୋଲି ପଚାରୁଛନ୍ତି।

# ସିଆଇକେ ଅଞ୍ଚଳର ୧୦ଟି ସ୍ଥାନରେ ଚଢାଉ

ଶ୍ରୀନଗର: ଜମ୍ମୁ ଏବଂ କାଶ୍ମୀରରେ ଆତଙ୍କବାଦୀ ନିଯୁକ୍ତି ସହ ଜଡିତ ଏକ ମାମଲାର ତଦନ୍ତ ସହିତ, କାଉଣ୍ଟର-ଇଣ୍ଟେଲିଜେନ୍ସ କାଶ୍ମୀର (ଈଔଔ) ୟୁନିଟ୍ ଉପତ୍ୟକାର ଚାରୋଟି ଜିଲ୍ଲାର ଦଶଟି ଭିନ୍ନ ଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ୍ କରୁଛି। ଜଣେ ଅଧିକାରୀ କହିଛନ୍ତି ଯେ ସୀମା ପାରରୁ ଜୈଶ-ଏ-ମହମ୍ମଦ କମାଣ୍ଡର ଅବଦୁଲ୍ଲା ଗାଜି ଦ୍ୱାରା ପରିଚାଳିତ ସ୍ଲିପର ସେଲ୍ ଏବଂ ନିଯୁକ୍ତି ନେଟୱାର୍କ ସହିତ ଜଡିତ ଏକ ଆତଙ୍କୀ ଅପରାଧ ମାମଲାର ତଦନ୍ତର ଅଂଶ ସ୍ୱରୂପ ଏହି ଚଢାଉ କରାଯାଉଛି। ଏହି ସନ୍ଧାନ ପୁଲୱାମାର ଗୋଟିଏ ସ୍ଥାନରେ, ଶ୍ରୀନଗରର ଗୋଟିଏ ଏବଂ ବଡଗାମର ଦୁଇଟି ଜିଲ୍ଲାରେ କରାଯାଉଛି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତର ଗୋଟିଏ ଦିନ ପୂର୍ବରୁ, ୫ ଜୁନ୍ ୨୦୨୫ରେ ଜାତୀୟ ତଦନ୍ତକାରୀ ସଂସ୍ଥା ଜମ୍ମୁ ଏବଂ କାଶ୍ମୀରର ୩୨ଟି ସ୍ଥାନରେ ଚଢାଉ କରିଥିଲା। ଏନଆଇଏର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ପାକିସ୍ତାନ ସମର୍ଥିତ ନିଷିଦ୍ଧ ଆତଙ୍କବାଦୀ ଗୋଷ୍ଠୀ ଏବଂ ସେମାନଙ୍କ ସହଯୋଗୀଙ୍କ ଦ୍ୱାରା ଜମ୍ମୁ ଓ କାଶ୍ମୀରକୁ ଅସ୍ଥିର କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ତଦନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କାଶ୍ମୀରରେ ତଲାସୀ। ସର୍ଚ୍ଚ ଅପରେସନ୍ ସମୟରେ ଦୁଇଟି ଜୀବନ୍ତ କାର୍ଟ୍ରିଜ୍, ଗୋଟିଏ ଗୁଳି ମୁଣ୍ଡ ଏବଂ ଗୋଟିଏ ବାୟୋନେଟ୍ ଜବତ କରାଯାଇଥିଲା। ତଲାସ ସମୟରେ କିଛି ଡିଜିଟାଲ୍ ଡିଭାଇସ୍ ମଧ୍ୟ ଉଦ୍ଧାର କରାଯାଇଥିଲା, ଯେଉଁଥିରେ ବହୁ ପରିମାଣରେ ଆପତ୍ତିଜନକ ତଥ୍ୟ ଏବଂ ଅନେକ ଡକ୍ୟୁମେଣ୍ଟ ମିଳିଥିଲା। ଯେକୌଣସି ପ୍ରକାରର ଆତଙ୍କବାଦୀ ଷଡ଼ଯନ୍ତ୍ର ଚିହ୍ନଟ କରିବା ପାଇଁ ଏକ ଗଭୀର ତଦନ୍ତ କରାଯାଉଛି। ଏନଆଇଏ ଦଳଗୁଡ଼ିକ ହାଇବ୍ରିଡ୍ ଆତଙ୍କବାଦୀ ଏବଂ ଅନେକ ପାକିସ୍ତାନ ସମର୍ଥିତ ସଂଗଠନ ସହିତ ଜଡିତ ସକ୍ରିୟ କର୍ମୀଙ୍କ ଆଡ୍ଡା ଉପରେ ଚଢାଉ କରିଥିଲେ। ଏହି ସଂଗଠନଗୁଡ଼ିକ ଯେପରିକି ଦି ରେଜିଷ୍ଟାନ୍ସ ଫ୍ରଣ୍ଟ, ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ ଜମ୍ମୁ ଆଣ୍ଡ କାଶ୍ମୀର, ମୁଜାହିଦ୍ଦିନ୍ ଗଜୱାତ-ଉଲ୍-ହିନ୍ଦ୍, ଜମ୍ମୁ ଆଣ୍ଡ କାଶ୍ମୀର ଫ୍ରିଡମ୍ ଫାଇଟର୍ସ, କାଶ୍ମୀର ଟାଇଗର୍ସ, ଅନ୍ୟାନ୍ୟ ପାକିସ୍ତାନରେ ଅବସ୍ଥିତ। ଏହି ଗୋଷ୍ଠୀଗୁଡ଼ିକ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା, ଜୈଶ-ଏ-ମହମ୍ମଦ ଏବଂ ଅଲ-ବଦର ସହିତ ସିଧାସଳଖ ଜଡିତ ବୋଲି କ୍ଷଔଅ ସୂଚନା ଦେଇଛି।

# ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେଲା ଶ୍ରୀଜଗନ୍ନାଥଙ୍କ 'ନବକଳେବର'

ନୂଆଦିଲ୍ଲୀ : ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦରେ ପବିତ୍ର ବାହୁଡା ଯାତ୍ରାରେ, ଓଡ଼ିଶାର ପ୍ରମୁଖ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର'କୁ ଆଜି ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଖିଥିଲେ। ଏଥିପାଇଁ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଶୋ ର ଆୟୋଜନ କରାଯାଇଥିଲା। ରାଷ୍ଟ୍ରପତି ଭବନ ପକ୍ଷରୁ ଏଥି ନିମନ୍ତେ ଫିଲ୍ମର ସମ୍ପୂର୍ଣ୍ଣ ଟିମକୁ ନିମନ୍ତ୍ରଣ କରାଯାଇଥିଲା। ମହାମହିମ ରାଷ୍ଟ୍ରପତିଙ୍କ ସହ ଏହି କାର୍ଯ୍ୟକ୍ରମରେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ସମେତ ଚଳଚ୍ଚିତ୍ରର ଉପଦେଷ୍ଟା ବିଭୁପ୍ରସାଦ ମହାପାତ୍ର,ମେଜର ଜେନେରାଲ ଭୁଦେବ ପରିଡା, ରାଷ୍ଟ୍ରପତିଙ୍କ ଭିଏସଏମ୍ ସାମରିକ ସଚିବ ବିଜୟ ନାୟକ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ୍ ସଚିବ ଜ୍ଞାନ ରଞ୍ଜନ ନନ୍ଦ, ରାଷ୍ଟ୍ରପତିଙ୍କ ସଚିବ ଶ୍ରୀମତୀ ଦୀପ୍ତି ଉମାଶଙ୍କର, ପ୍ରେସ୍ ସଚିବ ଅଜୟ କୁମାର ସିଂହ, ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ସୁନୀଲ କୁମାର ତ୍ରିବେଦୀ, କ୍ୟାପ୍ଟେନ୍ ରଭନୀତ ସିଂହ ରନ୍ଧାୱା ନିୟନ୍ତ୍ରକ, କର୍ଣ୍ଣେଲ (ଡକ୍ଟର) କିରଣ କୁମାର କମ୍ପେଲା, ଶ୍ରୀମତୀ ଦେବସ୍ୱେତା ବଣିକ (ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ), ଡକ୍ଟର ସୁନିଶ



ଏସ. (ଆଇଫ୍ଏ) ଓ ଓଡ଼ିଶାର ସାଂସଦ ମୁନା ଖାଁଙ୍କ ସହ ଫିଲ୍ମର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, ପ୍ରଯୋଜକ ଦିଲ୍ଲୀପ ଜେନା, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ବିତରକ ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ସଚ୍ଚିକାନ୍ତ ଜେନା , ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର,କାହାଣୀ ଓ ସଂଳାପକାର ଶଙ୍କର ତ୍ରିପାଠି ଙ୍କ ସହ ଫିଲ୍ମର ମୁଖ୍ୟ କଳାକାର ସିଦ୍ଧାନ୍ତ ମହାପାତ୍ର,ଜ୍ୟୋତି ରଞ୍ଜନ ନାୟକ, ଶ୍ରୀତମ ଦାସ, ଶିବାନୀ ସଙ୍ଗୀତା, ପିଙ୍କି ପ୍ରଧାନ, ଓ ଅଂଶୁମାନ ପ୍ରମୁଖ ଉପସ୍ଥିତ ଥିଲେ।

ମହାପ୍ରଭୁଙ୍କ ଏହି ଫିଲ୍ମ ଦେଖି ସମସ୍ତେ ଭାବ ବିହ୍ୱଳ ହୋଇପଡ଼ିଥିଲେ ଓ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରୁଥିବାରୁ ଫିଲ୍ମର ଟିମ୍ କୁ ଅନେକ ପ୍ରଶଂସା କରିଥିଲେ।

# ଦେଶର ୧ ହଜାର ଆଇଟିଆଇ କେନ୍ଦ୍ରକୁ କରାଯିବ ଅପଗ୍ରେଡ୍

ନୂଆଦିଲ୍ଲୀ: ଦକ୍ଷତା ବିକାଶ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ଏକ ଜାତୀୟ ପରିଚାଳନା କମିଟି ଗଠନ କରିଛନ୍ତି। ଏହି ଯୋଜନା ଅଧୀନରେ, ୧୦୦୦ ସରକାରୀ ଆଇଟିଆଇକୁ ଅପଗ୍ରେଡ୍ କରାଯିବ ଏବଂ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ୬୦ ହଜାର କୋଟି ଟଙ୍କାର ଯୋଜନାରେ, କେନ୍ଦ୍ର ସରକାର ୩୦ ହଜାର କୋଟି ଟଙ୍କା, ରାଜ୍ୟ ସରକାର ୨୦ ହଜାର କୋଟି ଟଙ୍କା ଏବଂ ଶିଳ୍ପ ୧୦ ହଜାର କୋଟି ଟଙ୍କା ଯୋଗଦାନ କରିବେ। କ୍ରଗଇ ପାଠ୍ୟକ୍ରମ, ପ୍ରମାଣପତ୍ର ଏବଂ ତାଲିମ ମାନଦଣ୍ଡ ଗଠନରେ ଶିଳ୍ପର ଭୂମିକା ଉପରେ ଗୁରୁତ୍ୱ ଦେବ। ଭାରତରେ ଦକ୍ଷତା ବିକାଶ ଭିତ୍ତିଭୂମିକୁ ରୂପାନ୍ତରିତ କରିବା ପାଇଁ ନିର୍ଦ୍ଦେଶାବଳୀ ଏବଂ ଏକ ବ୍ୟାପକ ନୀତି ଢାଞ୍ଚା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ବିଭିନ୍ନ ମନ୍ତ୍ରଣାଳୟ ଏବଂ ଶିଳ୍ପର ପ୍ରତିନିଧିମାନଙ୍କୁ ନେଇ ଏକ ଜାତୀୟ ପରିଚାଳନା କମିଟି ଗଠନ କରିଛି। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ୭ ଜୁଲାଇରେ ଏହି ପ୍ୟାନେଲ ଗଠନ କରିଥିଲା। ଏହି ପରିପ୍ରେକ୍ଷୀରେ ଦକ୍ଷତା ବିକାଶ ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି ଯେ ଆମେ ପାଣ୍ଠି ମାଧ୍ୟମରେ ଆଗକୁ ବଢ଼ିବାକୁ ଚାହୁଁଛୁ। ଆମେ ଚାହୁଁଛୁ ଯେ ଶିଳ୍ପ ପାଠ୍ୟକ୍ରମ, ପ୍ରମାଣପତ୍ର ଏବଂ ତାଲିମ ମାନଦଣ୍ଡ ଗଠନ କରୁ।

ମେ ମାସରେ, କେନ୍ଦ୍ର ମନ୍ତ୍ରଣାଳୟ ୬୦ ହଜାର କୋଟି ଟଙ୍କାର ଆଇଟିଆଇର ଅପଗ୍ରେଡେସନକୁ ଅନୁମୋଦନ କରିଥିଲା। ଏଥିରେ ୧୦୦୦ ସରକାରୀ ଆଇଟିଆଇକୁ ଅପଗ୍ରେଡ୍ କରିବା ଏବଂ ୨୦ ଲକ୍ଷରୁ ଅଧିକ ଯୁବକଙ୍କୁ ତାଲିମ ଦେବା ଅନ୍ତର୍ଭୁକ୍ତ। ଉଦ୍ୟୋଗ ମନ୍ତ୍ରୀ ଜୟନ୍ତ ଚୌଧୁରୀ ଦାବି କରିଛନ୍ତି ଯେ ଏହି ସମୟ ମଧ୍ୟରେ ଭାରତର ଦକ୍ଷତା ଇକୋ ସିଷ୍ଟମରେ ଏକ ବଡ଼ ପରିବର୍ତ୍ତନ ଆସିଛି।

Skill India
कौशल भारत - कुशल भारत

ଜାତୀୟ ପରିଚାଳନା କମିଟି ନିକଟ ଭବିଷ୍ୟତରେ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ନିୟମ (ଡକ୍ୟୁମେଣ୍ଟ) ମଧ୍ୟ ଜାରି କରିବ। ଏଥିରେ, କର୍ମଚାରୀଙ୍କୁ ପ୍ରସ୍ତୁତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହାର ଅଧ୍ୟକ୍ଷତା ଦକ୍ଷତା ସଚିବ ରଜିତ ପୁହ୍ନାନି କରିବେ। ଏଥିରେ ରାଜ୍ୟର ପ୍ରତିନିଧିମାନଙ୍କ ସହିତ ବଜାଜ ଅଟୋ, ଆଇଟିସି ଲିମିଟେଡ୍, ହିନ୍ଦୁସ୍ତାନ ଏରୋନଟିକ୍ସ ଏବଂ ହିରୋ ମୋଟୋକର୍ପ ଭଳି ଘରୋଇ କମ୍ପାନୀଗୁଡ଼ିକର ପ୍ରତିନିଧିମାନେ ରହିବେ।ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଆଗାମୀ ସମୟରେ ହବ୍ ଆଣ୍ଡ ସ୍ପୋକ୍ ମଡେଲ୍ ଅଧୀନରେ ୧ ହଜାର ସରକାରୀ ଆଇଟିଆଇକୁ ଅପଗ୍ରେଡ୍ କରାଯିବ। ଏଥିପାଇଁ କ୍ୟାବିନେଟ୍ ଦ୍ୱାରା ୬୦ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ କେନ୍ଦ୍ର ପକ୍ଷରୁ ୩୦ ହଜାର କୋଟି ଟଙ୍କା ଦିଆଯିବ ଏବଂ ବାକି ରାଜ୍ୟ ଏବଂ ଈଗR ଅଧୀନରେ ଦିଆଯିବ।

# ଇଡି, ସିବିଆଇ, ଏନଆଇଏ ପରସ୍ପରଠାରୁ କିପରି ଭିନ୍ନ ?

ନୂଆଦିଲ୍ଲୀ: ଭାରତରେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ , ଏବଂ ଜାତୀୟ ତଦନ୍ତ ସଂସ୍ଥା ହେଉଛି ତିନୋଟି ପ୍ରମୁଖ କେନ୍ଦ୍ରୀୟ ତଦନ୍ତ ସଂସ୍ଥା । ଯାହା ବିଭିନ୍ନ ପ୍ରକାରର ଅପରାଧର ତଦନ୍ତ କରନ୍ତି । ତଥାପି, ସେମାନଙ୍କର କାର୍ଯ୍ୟକ୍ଷେତ୍ର, ଅଧିକାର ଏବଂ କେସ୍ ଆବଣ୍ଟନ ପ୍ରକ୍ରିୟା ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ସମସ୍ତ ସଂସ୍ଥାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନଙ୍କ ଅଧିକାର ଅଧୀନରେ ଥିବା ବିଭାଗରୁ ଅନୁମତି ନେବାକୁ ପଡିଥାଏ । ଜାଣନ୍ତୁ ଏହି ତିନୋଟି ସଂସ୍ଥା କେବେ ଏବଂ କାହିଁକି ଆରମ୍ଭ ହୋଇଥିଲା?




ଇଡ କିପରି କାମ କରେ?

ଇଡ ୧ ମେ ୧୯୫୬ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଗୋଟିଏ ବର୍ଷ ପରେ ୧୯୫୭ରେ ଏହାକୁ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ନାମରେ ନାମିତ କରାଯାଇଥିଲା । ଏହା ଅର୍ଥନୈତିକ ଅପରାଧ ଏବଂ ବୈଦେଶିକ ମୁଦ୍ରା ଉଲ୍ଲଂଘନ ସମ୍ବନ୍ଧୀୟ ମାମଲାଗୁଡ଼ିକର ତଦନ୍ତ ପାଇଁ ସୃଷ୍ଟି ହୋଇଛି । ଏହାର କ୍ଷମତା ବିଷୟରେ କହିବାକୁ ଗଲେ, ଇଡ ସ୍ୱତଃପ୍ରବୃତ୍ତ ଭାବରେ ବିଚାର କରିପାରିବ ନାହିଁ । ଏହା ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଆସେ । ଏହାର ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅଛି । ସେହି ସମୟରେ, ଅନେକ ରାଜ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟ ମଧ୍ୟ ରହିଛି ।

ସିବିଆଇ କେଉଁ ମାମଲାର ତଦନ୍ତ କରେ?

୧୯୪୧ ମସିହାରେ ଏକ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠାନ ଭାବରେ ସିବିଆଇ ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ଏହି ସଂସ୍ଥା ଦୁର୍ନୀତି, ଅର୍ଥନୈତିକ ଅପରାଧ ଏବଂ ଗମ୍ଭୀର ଅପରାଧର ତଦନ୍ତ କରୁଥିଲା । ଏହା ବ୍ୟତୀତ, ଏହା ଇଣ୍ଟରପୋଲର ଭାରତର ନୋଡାଲ ଏଜେନ୍ସି ମଧ୍ୟ । ସିବିଆଇକୁ ସେହି ରାଜ୍ୟରେ ତଦନ୍ତ କରିବା ପାଇଁ ଯେକୌଣସି ରାଜ୍ୟରୁ ଅନୁମତି ନେବାକୁ ପଡ଼ିଥାଏ । ସିବିଆଇ ପ୍ରାୟତଃ ଯେକୌଣସି ହାଇପ୍ରୋଫାଇଲ୍ କିମ୍ବା ଜଟିଳ ମାମଲାର ତଦନ୍ତରେ ସାମିଲ ଥାଏ । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ ।

ଏନଆଇଏ କିପରି ଭିନ୍ନ?

ସେହିପରି, ଏନ୍ଆଇଏ ୨୦୦୯ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ, ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଏଜେନ୍ସି ପ୍ରତିଷ୍ଠା କରିବାର ଆବଶ୍ୟକତା ଅନୁଭବ କରାଯାଇଥିଲା । ଏହି ଏଜେନ୍ସି ଦେଶରେ ଘଟୁଥିବା ଆତଙ୍କବାଦୀ କାର୍ଯ୍ୟକଳାପର ତଦନ୍ତ କରିଥାଏ । ମୁଖ୍ୟ କାର୍ଯ୍ୟ ହେଉଛି ଆତଙ୍କବାଦୀ ଆକ୍ରମଣ କିମ୍ବା ଜାତୀୟ ସୁରକ୍ଷା ସହ ଜଡିତ ପ୍ରସଙ୍ଗଗୁଡ଼ିକର ମୁକାବିଲା କରିବା । ଏନ୍ଆଇଏ ବର୍ତ୍ତମାନ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ତଦନ୍ତ କରୁଛି ।

## 'ଅମୃତ ଭାରତ ଷ୍ଟେସନ ଯୋଜନା'

# ଭୁବନେଶ୍ୱର ରେଳ ଷ୍ଟେସନ ବିକାଶ କାର୍ଯ୍ୟର ନିରୀକ୍ଷଣ

ନୂଆଦିଲ୍ଲୀ: ମାନ୍ୟବର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି. ସୋମନ୍ନା ଆଜି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ଆଜି ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ନିରୀକ୍ଷଣ କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ ସୁବିଧାରେ ପରିଣତ କରିବାର ଦୃଷ୍ଟିକୋଣକୁ ସ୍ୱଷ୍ଟତା ପ୍ରଦାନ କରିବା ଦିଗରେ ଅଗ୍ରଗତି କରୁଛି ।

ସେ ଏହା ମଧ୍ୟ କହିଥିଲେ ଯେ 'ଅମୃତ ଭାରତ ଷ୍ଟେସନ ଯୋଜନା'ରେ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି । ରେଳଷ୍ଟେସନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ୍ ରୋଡ୍ ଏବଂ ଷ୍ଟେସନ୍କୁ ଯାଉଥିବା ଯାତ୍ରୀ ଏବଂ ଷ୍ଟେସନ୍ରୁ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ଅନ୍ତର୍ଭୁକ୍ତ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମାନ୍ୟବର ମନ୍ତ୍ରୀଙ୍କ ସହିତ ନିରକ୍ଷଣ ସମୟରେ ଉପସ୍ଥିତ ଥିଲେ।



ପୁନଃବିକଶିତ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଅନ୍ୟାନ ଆଧୁନିକ ସୁବିଧା ସୁଯୋଗ ମଧ୍ୟରେ ଷ୍ଟେସନ ପ୍ରବେଶର ଉନ୍ନତି, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷା ହଲ୍, ଶୌଚାଳୟ, ଲିଫ୍ଟ/ଏସ୍କେଲେଟର, ପରିଷ୍କାର ପରିଚ୍ଛନ୍ନତା, 'ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନ, କାର୍ଯ୍ୟନିର୍ବାହୀ ଲାଉଞ୍ଜ, ବାଣିଜ୍ୟିକ ବିକାଶ ବୈଠକ ପାଇଁ ମନୋନୀତ ସ୍ଥାନ, ଭୂଦୃଶ୍ୟ ଇତ୍ୟାଦି ସୁବିଧା ରହିବ।

# ସୋବର୍ସଙ୍କ ରେକର୍ଡ ଭାଙ୍ଗିବେ ଜାଡେଜା



ନୂଆଦିଲ୍ଲୀ, ୧୯।୭(ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ରବିନ୍ଦ୍ର ଜାଡେଜା ଚମତ୍କାର ପ୍ରଦର୍ଶନ କରୁଛନ୍ତି। ସେ ଲଗାଦାର ୪ ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଏବେ ଜାଡେଜା ଟେଷ୍ଟ କ୍ରିକେଟରେ ଆଉ ଏକ କୀର୍ତ୍ତିମାନ ରଚିବାର ଅତି ନିକଟରେ ପହଞ୍ଚି ଯାଇଛନ୍ତି। ଚଳିତ ଶୃଙ୍ଖଳାରେ ଜାଡେଜା ଆଉ ୫୮ ରନ୍ କଲେ ଇଂଲଣ୍ଡରେ ୬ ନଂ କିମ୍ବା ତାଠୁ ତଳ କ୍ରମରେ ବ୍ୟାଟି କରି ୧୦୦୦ ଟେଷ୍ଟ କରିବାରେ ଦ୍ୱିତୀୟ ବ୍ୟାଟର ହେବେ। ଏପର୍ଯ୍ୟନ୍ତ ଇଣ୍ଡିଜ୍ ଗ୍ୟାରି ସୋବର୍ସ ଏହି ସଫଳତା ପାଇଛନ୍ତି। ସୋବର୍ସ ଇଂଲଣ୍ଡରେ ୧୦୯୭ ରନ୍ କରିଥିଲେ। ରବିନ୍ଦ୍ର ଜାଡେଜା ବର୍ତ୍ତମାନ ପର୍ଯ୍ୟନ୍ତ ୩ ଟି ମ୍ୟାଚରେ ୩୨୭ ରନ୍ କରିଛନ୍ତି। ସୌରବ ଗାଙ୍ଗୁଲି ଏବଂ ରିଷଭ ପନ୍ତଙ୍କ ପରେ ସେ ଇଂଲଣ୍ଡରେ କ୍ରମାଗତ ୪ ଇନିଂସରେ ୫୦ କିମ୍ବା ତାଠାରୁ ଅଧିକ ରନ୍ ସ୍କୋର କରିବାରେ ତୃତୀୟ ଭାରତୀୟ ବ୍ୟାଟର ହୋଇଛନ୍ତି।

ବାମହାତୀ ରବିନ୍ଦ୍ର ଜାଡେଜା ୮୩ ଟେଷ୍ଟ ମ୍ୟାଚ ଖେଳି ୩୬୯୭ ରନ୍ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୪ ଟି ଶତକ ଓ ୨୬ ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଜାଡେଜା ଟେଷ୍ଟ କ୍ରିକେଟ୍‌ରେ ଉଚ୍ଚକୋଟିର ସ୍ପିନ୍ ବୋଲିଂ ପାଇଁ ଜଣାଶୁଣା। ସେ ୨୪.୯୩ ହାରରେ ୩୨୬ ୱିକେଟ୍ ନେଇଛନ୍ତି। ଲର୍ଡ୍ସ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଜାଡେଜାଙ୍କ ବ୍ୟାଟିଂ ଶୈଳୀକୁ ପ୍ରଶଂସକ କେବେ ବି ଭୁଲି ପାରିବେ ନାହିଁ। ଜାଡେଜା ୧୮୧ ବଲରୁ ଅପରାଜିତ ୬୧ ରନ୍ କରିଥିଲେ। ଜାଡେଜା, ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କ ସହ ମିଶି ଭାରତୀୟ ଦଳକୁ ମ୍ୟାଚ ଜିତିବା ପାଇଁ ଭରପୁର ଚେଷ୍ଟା କରିଥିଲେ। ନବମ ୱିକେଟରେ ୩୫ ରନ୍ ସଂଗ୍ରହ ହୋଇଥିଲା। ଦଶମ ୱିକେଟରେ ମଧ୍ୟରେ ୨୩ ରନ୍ ଭାଗିଦାରୀ ହୋଇଥିଲା।

ଭାରତୀୟ ଦଳ ଲର୍ଡ୍ସ ଟେଷ୍ଟରେ ମାତ୍ର ୨୨ ରନ୍‌ରେ ହାରିଥିଲା। ଏହି କାରଣରୁ ଘରୋଇ ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୨-୧ରେ ଆଗୁଆ ରହିଛି। ଶୃଙ୍ଖଳାର ପ୍ରଥମ ଟେଷ୍ଟ ଲିଡ୍ସର ହେଡିଙ୍ଗ ଲେ ଏହି ମ୍ୟାଚରେ ଭାରତ ୫ ୱିକେଟରେ ପରାଜିତ ହୋଇଥିଲା। ବର୍ମିଂହାମ୍ ଟେଷ୍ଟରେ ଭାରତ ୩୩୬ ରନ୍‌ର ବିଶାଳ ବ୍ୟବଧାନରେ ବିଜୟୀ ହୋଇଥିଲା। ଶୃଙ୍ଖାଳର ଚତୁର୍ଥ ମ୍ୟାଚ ଜୁଲାଇ ୨୩ ରୁ ମାଞ୍ଚେଷ୍ଟର ଓଲ୍ଡ ଟ୍ରାଫୋଡରେ ଆରମ୍ଭ ହେବ।

## ଅଲିମ୍ପିକ୍ସ ୨୦୩୬


# ଖେଳାଳିଙ୍କୁ ପ୍ରତି ମାସରେ ମିଳିବ ୫୦ ହଜାର




ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି) : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଲିମ୍ପିକ୍ସ ୨୦୩୬ ପ୍ରସ୍ତୁତି ପାଇଁ ବିଶେଷ ଘୋଷଣା କରିଛନ୍ତି। ପାଖାପାଖି ୩ ହଜାର ଖେଳାଳିଙ୍କୁ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ସରକାର ମାସିକ ୫୦ ହଜାର ଟଙ୍କା ଦେଉଛନ୍ତି। ଆଗକୁ ଏହି ଧାରା ଜାରି ରହିବ। ବିଶ୍ୱ ପୋଲିସ ଏବଂ ଫାୟାର ଗେମ୍ସ ୨୦୨୫ରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳର ସମ୍ମାନ ସମାରୋହକୁ ସମ୍ବୋଧିତ କରି ଶାହ ଘୋଷଣା କରିଛନ୍ତି।

ବିଜୟ ପରାଜୟ ଖେଳର ଅଂଶ ବିଶେଷ। ତେବେ ଜିତିବା ପାଇଁ ଲକ୍ଷ ଧାର୍ଯ୍ୟ କରିବା ଓ ଏଥି ପାଇଁ ରଣ ନୀତି ପ୍ରସ୍ତୁତ କରିବା ପ୍ରତ୍ୟେକଙ୍କ ସ୍ୱଭାବ ହେବା ଆବଶ୍ୟକ। ଯେଉଁମାନେ ଜିତିବାକୁ ଅଭ୍ୟାସରେ ପରିଣତ କରିଦିଅନ୍ତି, ସେମାନେ ହିଁ କେବଳ ଅସାଧାରଣ ପ୍ରଦର୍ଶନ କରିପାରନ୍ତି। କେନ୍ଦ୍ରମନ୍ତ୍ରୀ ଅଖିଳ ଭାରତୀୟ ପୋଲିସ ଖେଳ ନିୟନ୍ତ୍ରଣ ବୋର୍ଡ ସମ୍ପର୍କିତ ସମସ୍ତ ୟୁନିଟ୍‌କୁ ୩ ଟି ପଦକ ଜିତିବାରେ ଲକ୍ଷ୍ୟ ହାସଲ କରିବାକୁ ନିବେଦନ କରିଛନ୍ତି। ଏହି ଉପଲକ୍ଷେ ୨୦୨୯ ରେ ଗୁଜରାଟରେ ହେବାକୁ ଥିବା ଆଗାମୀ ବିଶ୍ୱ ପୋଲିସ ଏବଂ ଫାୟାର ଗେମ୍ସରେ ନୂତନ କୀର୍ତ୍ତିମାନ ସ୍ଥାପନ କରିବ। ପୋଲିସ ଫୋର୍ସ ନିମନ୍ତେ ନିୟମିତ ଖେଳ ଅଭ୍ୟାସ ଉତ୍ତେଜନା ହ୍ରାସ କରିବ। ଏଥିସହ କର୍ମଚାରୀଙ୍କ କାମର ମାନରେ ଉନ୍ନତି ଆଣିବ। ମୋର ପୂର୍ଣ୍ଣ ବିଶ୍ୱାସ ୨୦୩୬ ଅଲିମ୍ପିକ୍ସରେ ଭାରତ ଶୀର୍ଷ ୫ ପଦକ ବିଜେତା ଦେଶ ମାନଙ୍କ ମଧ୍ୟରେ ସାମିଲ ହେବ ବୋଲି ଅମିତ ଶାହା କହିଛନ୍ତି।

# ହାଇଦ୍ରାବାଦରେ ମହିଳା କବାଡି ବିଶ୍ୱ କପ୍




ହାଇଦ୍ରାବାଦ, ୧୯।୭ (ଏଜେନ୍ସି) : ମହିଳା କବାଡି ବିଶ୍ୱ କପ୍‌ର ଦ୍ୱିତୀୟ ସଂସ୍କରଣ ହାଇଦ୍ରାବଦରେ ଆୟୋଜନ ହେବାକୁ ଯାଉଛି। ଆସନ୍ତା ଅଗଷ୍ଟ ୩ ରୁ ୧୦ ତାରିଖ ପର୍ଯ୍ୟାନ୍ତ ଗାଚିବୋଲି ଇଣ୍ଡୋର ଷ୍ଟାଡିୟମରେ ମହିଳା କବାଡି ବିଶ୍ୱ କପ୍ ଖୋଳଯିବ । ବାସ୍ତବରେ କବାଡିର ଏହି ବଡ ମହାକୁମ୍ଭ ବିହାରରେ ଜୁନ୍ ମାସରେ ଖେଳାଯିବବାର ଥିଲା। କିନ୍ତୁ ଏବେ ଭେନ୍ୟୁ ବଦଳିଛି। ବିହାର ବଦଳରେ ହାଇଦ୍ରାବାଦରେ ମହିଳା କବାଡି ବିଶ୍ୱ କପ୍ ଆୟୋଜନ ହେବ। ତେଲେଙ୍ଗାନା କବାଡି ଆସୋସିଏସନ୍ ସଭାପତି କେ. ବିରେଶ କହିଛନ୍ତି, ବିହାର ଯେତେବେଳେ ଆୟୋଜନରୁ ଓହରିଗଲା ଆମେ ଭାରତୀୟ କବାଡି ମହାସଂଘକୁ ବିଶ୍ୱକପ୍ ତେଲେଙ୍ଗାନାରେ ଆୟୋଜନ କରିବାକୁ ଅନୁରୋଧ କରିଥିଲୁ। କବାଡି ମହାସଂଘ ସହମତି ଜଣାଇଥିଲା।

ମହିଳା କବାଡି ବିଶ୍ୱକପ୍ ପାଇଁ ଅଧିକ ପ୍ରାୟୋଜକ ମିଳୁନାହାଁନ୍ତି। ତଥାପି ଆମେ ବିଶ୍ୱକପ୍ ଆୟୋଜନ କରିବୁ। ୨୦ ବର୍ଷ ତଳେ ଅର୍ଥାତ୍ ୨୦୦୫ରେ ହାଇଦ୍ରାବାଦରେ ଏସିଆନ୍ କବାଡି ଚାମ୍ପିଅନସିପ୍ ଆୟୋଜନ ହୋଇଥିଲା। ପୁଣି ଥରେ ମହିଳା କବାଡି ବିଶ୍ୱକପ୍ ହାଇଦ୍ରାବାଦ ଆୟୋଜନ କରିବାକୁ ଯାଉଛି। ଭାରତ ବ୍ୟତୀତ ମହିଳା ବିଶ୍ୱକପରେ ଆର୍ଜେଣ୍ଟିନା, ବାଂଲାଦେଶ, ଚାଇନିଜ୍ ତାଇପେଇ, ଜର୍ମାନୀ, ହଲାଣ୍ଡ, ଇରାନ, ଜାପାନ, କେନିଆ, ନେପାଳ, ଉଗାଣ୍ଡା ଓ ଜାଞ୍ଜିବର ଭାଗନେବେ । ଏହି ଦେଶ ଗୁଡିକ ବିଶ୍ୱ କପ୍ ଖେଳିବେ ବୋଲି ସହମତି ପ୍ରକାଶ କରିସାରିଛନ୍ତି। କେବଳ ପୋଲାଣ୍ଡୋ ବିଶ୍ୱକପ୍‌ରେ ଭାଗ ନେବ କି ନାହିଁ ତାହା ନିଶ୍ଚିତ କରିନାହିଁ। ୨୦୧୨ରେ ମହିଳା କବାଡି ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ବିହାରର ପାଟଣାରେ ଅନୁଷ୍ଠିତ ହୋଇଥିଲା। ୧୩ ବର୍ଷ ପରେ ପୁଣି ଭାରତ ମହିଳା କବାଡି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ୨୦୧୨ ରେ ଭାରତ ଚାମ୍ପିଅନ ହୋଇଥିଲା। ଇରାନ, ଜାପାନ ଓ ଥାଇଲାଣ୍ଡ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ।

# ପଦକ ବିଜେତାଙ୍କୁ ଡିଜିପିଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୯।୭(ସବ୍ୟୁ) :ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡାରେ ଓଡିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜ୍ୟ ପୋଲିସଙ୍କ ସଫଳ କ୍ରୀଡାବିତ୍ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଖେଳାଳିଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରସଂଶା କରିଛନ୍ତି। ଆମେରିକାର ବର୍ମିଂହାମ୍‌ରେ ଜୁନ୍ ୨୭ ରୁ ଜୁଲାଇ ୬ ତାରିଖ ପର୍ଯ୍ୟାନ୍ତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୭ ଜଣ ଓଡିଶା ପୋଲିସର କର୍ମଚାରୀ ଭାରତୀୟ ପୋଲିସ ଦଳର ପ୍ରତିନିଧିତ୍ୱ କରି ୨୦ ପଦକ ଜିତି ଗୌରବମୟ ଅଧାୟ ସୃଷ୍ଟି କରିଛନ୍ତି। ଓଡିଶା ପୋଲିସ ଖେଳାଳିମାନେ ବିଭିନ୍ନ ଇଭେଣ୍ଟରେ ବ୍ୟକ୍ତିଗତ ବର୍ଗରେ ୧୩ ଟି ସ୍ୱର୍ଣ୍ଣ, ୩ ଟି ରୌପ୍ୟ ଓ ୪ ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଭୁବନେଶ୍ୱର - କଟକ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରତିକ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଜୟନାରାୟଣ ପଙ୍କଜ, ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ପୋଲିସର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାମିଙ୍କ ଫେରିବା ବାଟ ଖୋଲିଲା




ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି) : ଦ୍ରୁତ ବୋଲ ମହମ୍ମଦ ସାମିଙ୍କୁ ଆଗାମୀ ଘରୋଇ ସିଜନ୍ ପାଇଁ ପଶ୍ଚିମବଙ୍ଗ ସମ୍ଭାବିତ ଖେଳାଳି ତାଲିକାରେ ସାମିଲ କରିଛି। ଅଗଷ୍ଟ ୨୮ରେ ଦୁଲିପ ଟ୍ରଫି ଆରମ୍ଭ ହେବ। ପୂର୍ବଜୋନ୍ ପକ୍ଷରୁ ସାମି ଖେଳିପାରନ୍ତି। ପ୍ରତିଯୋଗିତା ମୂଳକ କ୍ରିକେଟ୍‌କୁ ଖେଳିବା ପାଇଁ ମହମ୍ମଦ ସାମିଙ୍କ ଲାଗି ଦ୍ୱାର ଖୋଲିଛି। ଆଣ୍ଠୁ ସର୍ଜରିରୁ ସୁସ୍ଥ ହେବା ପରେ ଲମ୍ବା ବ୍ୟବଧାନ ପରେ ସାମି ଅନ୍ତର୍ଜାତୀୟ କ୍ରିକେଟରୁ ଫେରିଥିଲେ।

ସେ ଭାରତ ପାଇଁ ଶେଷ ଥର ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିଥିଲେ। ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଚାମ୍ପିଅନ୍ ହୋଇଥିଲା। ସାମି ୫ ଟି ମ୍ୟାଚରୁ ୯ ୱିକେଟ୍ ନେଇ ବରୁଣ ଚକ୍ରବର୍ତ୍ତୀଙ୍କ ସହ ଯୁଗ୍ମ ଭାବେ ସର୍ବାଧିକ ୱିକେଟ୍ ଅକ୍ତିଆର କରିଥିଲେ । ଟୁର୍ଣ୍ଣାମେଣ୍ଟରେ ସେ ସବୁଠୁ ମହଙ୍ଗା ବୋଲର ସାବ୍ୟସ୍ତ ହୋଇଥିଲେ। ତାଙ୍କର ଇକୋନୋମି ୫.୬୮ ପ୍ରତିଶତ ରହିଛି। ଆଇପିଏଲରେ ସାମି ନୂଆଦଳ ସନରାଇଜର୍ସ୍ ହାଇଦ୍ରାବାଦ ପକ୍ଷରୁ ଖେଳିଥିଲେ। ତାଙ୍କ ପ୍ରଦର୍ଶନ ସେତେଟା ଉତ୍ସାହଜନକ ନଥିଲା। ସେ ୯ ଟି ମ୍ୟାଚରେ କେବଳ ୬ ଟି ୱିକେଟ୍ ନେଇଥିଲେ। ବୋଲିଂ ଇକୋନୋମି ୧୧.୨୩ ରହିଥିଲା। ଆଇପିଏଲ୍ ମଧ୍ୟ ଭାଗରେ ପୁଣି ଥରେ ତାଙ୍କର ଆହତ ସମସ୍ୟା ସୃଷ୍ଟି ହୋଇଥିଲା। ତେଣୁ ସାମି ଭାରତୀୟ ଦଳରୁ ବାଦ୍ ପଡିଥିଲେ।

# ସାହାଣୀ କପ ଫୁଟବଲ : କଟକ, ପାରାଦ୍ୱୀପ ବିଜୟୀ

ରାଜକନିକା, ତା, ୧୯/୭, ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗ ରେ ରାଜକନିକା ଠାରେ ଚାଲିଥିବା ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ ର ୪ର୍ଥ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି,ପ୍ରଥମ ମ୍ୟାଚ କଟକ ଓ ଖୁର୍ଦ୍ଧା ମଧ୍ୟରେ ହୋଇଥିଲା,ଏଥିରେ କଟକ ୩-୦ ଗୋଲ ବିଜୟ ଲାଭ କରିଥିଲା,ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଉତ୍କଳୀୟ ରିୟଲ କମ ପିଭିଟି.ର ପରିଚାଳନା ନିର୍ଦ୍ଦେଶକ ଙ୍କ ସ୍ମୃତି ରଞ୍ଜନ ନାୟକ ଯୋଗଦେଇ ଥିଲେ,ସେହିପରି ଦ୍ୱିତୀୟ ମ୍ୟାଚ ପୁରୀ ଓ ପାରାଦ୍ୱୀପ ପୋର୍ଟ ମଧ୍ୟରେ ହୋଇଥିଲା ,ଏଥିରେ ପାରାଦ୍ୱୀପ ୯ - ୨ ଗୋଲରେ ବିଜୟ ଲାଭ କରିଥିଲା, ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଙ୍କ ଶୈଳେନ୍ଦ୍ର ସୁତାର ସ୍ଵତନ୍ତ୍ର ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଏ.ଡି.ଏମ ନବକ୍ରିଷ୍ଣା ଜେନା ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, କନିକା ତହସିଲଦାର ଭାନୁମତୀ ମାଝୀ,ଅତିରିକ୍ତ ତହସିଲଦାର ଦେବଲାଭ ସେଠୀ ପ୍ରମୁଖ ଯୋଗ ଦେଇଥିଲେ,ଏହି ଅବସରରେ ରାଜକନିକା ଆଥଲେଟିକ ଆସୋସିଏସନର ସଭାପତି ଦୋଳ ଗୋବିନ୍ଦ ନାୟକ,ଉପସଭାପତି କପିଳେନ୍ଦ୍ର ମଲ୍ଲିକ ଓ ବୈକୁ= ନାଥ ପରିଡା ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ,ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ପଣ୍ଡା,କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ଶଶୀକାନ୍ତ ଦାସିଆ ଦୈତାରୀ କାରୁଆ , ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ ,ପ୍ରଥମ ମ୍ୟାଚରେ ପାରଓ ଟୁଡୁ ଓ ଦ୍ୱିତୀୟ ମ୍ୟାଚରେ ପ୍ରକାଶ ନାୟକ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ,ରଙ୍ଗାଧର ବେହୁରା,ବିଜୟ ଭୂୟାଁ, ଅରୁଣ ବାରିକ ଅମିତ ମଲ୍ଲିକ ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ,ଏହି ଖେଳଟି ଙ୍କ ଶୈଳେନ୍ଦ୍ର ସୁତାର ଙ୍କ ବାପା ସ୍ୱର୍ଗତ ଡ଼ା.ରାମ ଚନ୍ଦ୍ର ସୁତାର ଙ୍କୁ ଉତ୍ସର୍ଗ କରାଯାଇଥିଲା ।

## ସୁନ୍ଦରଗଡ଼ , ବାଲେଶ୍ୱର ବିଜୟୀ

କେନ୍ଦୁଝର, (ସବ୍ୟୁ):କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି ୫ ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ସୁବର୍ଣ୍ଣପୁର ବିପକ୍ଷରେ ୨-୦ ଗୋଲରେ ଏକ ସହଜସାଧ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ସେହିପରି ଶନିବାରଦିନି ଅନୁଷ୍ଠିତ ଦ୍ୱିତୀୟ ଖେଳରେ ବାଲେଶ୍ୱର ଢେଙ୍କାନାଳ ବିପକ୍ଷରେ ୪-୦ ଗୋଲରେ ଏକ ତରଫା ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଦ୍ୱିତୀୟ ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ସମାପ୍ତ ହେବାପରେ ଦ୍ୱିତୀୟାର୍ଦ୍ଧରେ ବାଲେଶ୍ୱର ଦଳ ଯୋଜନାବଦ୍ଧ ଭାବେ ଆକ୍ରମଣ ରଚନା କରି ପ୍ରତିପକ୍ଷ ରକ୍ଷଣଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ । ଖେଳ ଆରମ୍ଭ ହେବା ପୂର୍ବରୁ ଅତିଥି କେନ୍ଦୁଝର ପୌରପାଳିକାର ନଗରପାଳ ଶ୍ରୀମତୀ ନିକୁ ସାହୁ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ ଏବଂ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା । ଏହି ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ , ରାଜକୁମାର ମିଶ୍ର,ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା,ବୀରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଉତ୍କଳମଣି ବେହେରା ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ଅରୁଣ ନାୟକ । ସେହିପରି ଦ୍ୱିତୀୟ ଖେଳରେ ଚକ୍ରଧର ଚାଟଝର ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରନିକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ ।

# ଡ୍ୟୁକ୍ ବଲ ବିବାଦର ତଦନ୍ତ ହେବ

ନୂଆଦିଲ୍ଲୀ, ୧୯।୭(ଏଜେନ୍ସି) : ଭାରତ - ଇଂଲଣ୍ଡ ଟେଷ୍ଟରେ ଡ୍ୟୁକ୍ ବଲକୁ ନେଇ ବିବାଦ ଦେଖାଯାଇଛି। ବଲ ଖୁବ୍ ଶୀଘ୍ର ନରମ ହୋଇଯାଉଥିବାରୁ ଏହା ଟେଷ୍ଟ ମ୍ୟାଚକୁ ପ୍ରଭାବିତ କରୁଥିବା ଅଭିଯୋଗ ହେଉଛି। ଡ୍ୟୁକ୍ ବଲ ପ୍ରସ୍ତୁତ କରୁଥିବା କମ୍ପାନୀ ବଲକୁ ପରୀକ୍ଷା କରିବା ପାଇଁ ନେବା ସହ ତଦନ୍ତ ପାଇଁ ରାଜି ହୋଇଛି। ଭାରତୀୟ ଦଳର ଅଧିନାୟକ ଶୁଭମନ୍ ଗିଲ ଅମ୍ପାୟାରଙ୍କ ନିକଟରେ ଅଭିଯୋଗ କରିଥିଲେ । ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ମଧ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ରିଟିସ୍ ବଲ କମ୍ପାନୀ ଲିମିଟେଡର ମାଲିକ ଦୀପକ ଜଜୋଡିଆ କହିଛନ୍ତି ଆମେ ବଲ ଗୁଡିକୁ ସାଙ୍ଗରେ ନେଇଯିବୁ। ଆବଶ୍ୟକ ପରୀକ୍ଷଣ କରିବା ପରେ ଚମଡା ବିକ୍ରେତାଙ୍କ ସହ ଆଲୋଚନା କରିବୁ। ଏହା ପରେ ଯଦି ବଦଳାଇବା ଆବଶ୍ୟକ ପଡେ ତାହା ହେଲେ ନୂଆ ବଲ ପ୍ରସ୍ତୁତ କରାଯିବ । ଯଦି ସବୁକିଛି ଠିକ୍‌ଠାକ୍ ରୁହେ ତାହା ହେଲେ କିଛି ପରିବର୍ତ୍ତନ କରାଯିବ ନାହିଁ ବୋଲି ଦୀପକ କହିଛନ୍ତି। ଦେଢଶହ ବର୍ଷ ଧରି ଏହି ବଲର ବ୍ୟବହାର ହେଉଛି ।ସିଲେଇ ଓ ରଙ୍ଗ ଯୋଗୁଁ ଏହି ବଲ କ୍ରିକେଟ୍ ପ୍ରେମୀ ଓ ଖେଳାଳିଙ୍କ ବେଶ୍ ପସନ୍ଦ ।୩୦ ଓଭର ମଧ୍ୟରେ ବଲ ନରମ ହୋଇଯିବା ଅଭିଯୋଗକୁ କମ୍ପାନୀ ସହଜରେ ଗ୍ରହଣ କରିପାରୁନାହିଁ।



# ଏସିଆ କପ୍‌କୁ ବୟକଟ କରିବ ଟିମ ଇଣ୍ଡିଆ !

ନୂଆଦିଲ୍ଲୀ, ୧୯।୭(ଏଜେନ୍ସି) : ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାକୁ ଭାରତ ବୟକଟ କରିପାରେ। ଏସିଆନ୍ କ୍ରିକେଟ୍ କାଉନସିଲ ଓ ଭାରତ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ମଧ୍ୟରେ ମତଭେଦ ଏସିଆ କପ୍ ବୟକଟର କାରଣ ବୋଲି ଅନୁମାନ କରାଯାଉଛି। ଜୁଲାଇ ୨୪ରେ ଏସିସିର ବାର୍ଷିକ ବୈଠକ ଢାକାରେ ହେବାକୁ ଯାଉଛି। ଏହି ବୈଠକକୁ ବିରୋଧ କରିଛି ବିସିସିଆଇ। ଏସିସି ଅଧକ୍ଷ ମହସିନ ନକିବ ପୂର୍ବରୁ ଏ ସମ୍ପର୍କରେ ଆଗୁଆ ଘୋଷଣା କରିଥିଲେ। ବିସିସିଆଇ ବହିଷ୍କାର କରିବା ସତ୍ତ୍ୱେ ନକିବ କୌଣସି ଘୋଷଣା କରୁନାହାଁନ୍ତି। ଶ୍ରୀଲଙ୍କା ଓମାନ ଓ ଆଫଗାନିସ୍ଥାନ ବୋର୍ଡ ମଧ୍ୟ ଏହି ବୈଠକରେ ଯୋଗ ଦେବେ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଭାରତ ଓହରି ଗଲେ ଏସିଆ କପ୍ ଅନ୍ଧକାରକୁ ଚାଲିଯିବ। ଢାକା ବଦଳରେ ଅନ୍ୟତ୍ର ବୈଠକ ହେଲେ ଏସିହେ କପ୍ ହେବ କି ନାହିଁ ତାହା ସ୍ପଷ୍ଟ ହୋଇପାରିବ ହୋଇପାରିବ।୨୦୨୫ ଏସିଆ ଆୟୋଜନ ଅଧିକାର ଭାରତ ନିକଟରେ ରହିଛି। ଟି-୨୦ ଫର୍ମାଟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଏଥିରେ ୬ ଟି ଦଳ ଭାଗ ନେବେ। କାର୍ଯ୍ୟସୂଚୀ ଓ ଭେନ୍ୟୁ ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇପାରିନାହିଁ। ଯଦି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୁଏ ତେବେ ଭାରତ ବଦଳରେ ପାକିସ୍ତାନ ତାହାର ସମସ୍ତ ମ୍ୟାଚ ଅନ୍ୟତ୍ର ଖେଳିବ।

ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି